ବର୍ଷ-୨୫, ସଂଖ୍ୟା-୧୯୨
ଭୁବନେଶ୍ୱର
୧୯, ଜୁଲାଇ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 192
Bhubaneswar
19, July, 2025 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ବାପା-ମା' ହେଲେ ସିଦ୍ଧାର୍ଥ-କିଆରା

# ଏଫଏମ୍ କଲେଜରେ ତନାଘନା

ବାଲେଶ୍ୱର,୧୮।୭(ମହାଭାରତ): ବାଲେଶ୍ୱର ଜିଲ୍ଲା ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାର ବିଭିନ୍ନ ଦିଗକୁ ନେଇ ତନାଘନା ଜାରି ରହିଛି। ତଦନ୍ତ ଯେତେ ଆଗକୁ ଯାଉଛି ନୂଆ ନୂଆ ତଥ୍ୟ ସାମନାକୁ ଆସୁଛି। ପୂର୍ବ ଘଟଣା ସହ ଆତ୍ମହତ୍ୟା ଦିନ କ'ଣ ଘଟିଥିଲା, ପେଟ୍ରୋଲ୍ କିପରି ଆସିଥିଲା, କଲେଜ ପରିସର, କ୍ଲାସରୁମ୍, ଭଡ଼ାଘର, ଗାଁ, ସାଙ୍ଗସାଥୀ କାହାକୁ ଛାଡୁନାହାଁନ୍ତି ତଦନ୍ତକାରୀ ଟିମ୍। ଆଜି ତଦନ୍ତର ହଟସ୍ପଟ୍ ଥିଲା ଏଫ୍ଏମ୍ କଲେଜ। ରାଜ୍ୟ କ୍ରାଇମବ୍ରାଞ୍ଚ, ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଗଠିତ ଟିମ ଓ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ - ୟୁଜିସି ଦ୍ୱାରା ଗଠିତ ଟିମ ଆଜି ଏଫଏମ କଲେଜରେ ତଦନ୍ତ କରିଛି। ଏସବୁ ଭିତରେ ଘଟଣାଦିନ କଲେଜ ପାଖ ତାରିଣୀ ପେଟ୍ରୋଲ ପମ୍ପରୁ ଜଣେ ଯୁବତୀ ୧ ଲିଟର ପେଟ୍ରୋଲ୍ ନେଇଥିବା କହିଛନ୍ତି ଉକ୍ତ ପେଟ୍ରୋଲ ପମ୍ପର ଜଣେ କର୍ମଚାରୀ। ଜଣେ ଯୁବତୀ ବ୍ୟାଟେରୀ ଚାଳିତ ସ୍କୁଟିରେ ଆସି ତେଲ ନେଇଥିଲେ। ତେବେ ସେ କିଏ ତାହା



ଜଣାପଡିନାହିଁ।


ଏସ. ସାଇନିଙ୍କ ନେତୃତ୍ୱାଧୀନ କ୍ରାଇମବ୍ରାଞ୍ଚ ଟିମ ଗତକାଲି କଲେଜର କେତେ ଜଣ କର୍ମଚାରୀଙ୍କୁ ପଚରାଉଚୁରା କରିଥିବା ବେଳେ ଆଜି ପୂର୍ବାହ୍ନରେ ମୃତକଙ୍କ ଗାଁକୁ ଯାଇ ପରିବାର ସଦସ୍ୟ ଓ ପାଖ ପଡୋଶୀଙ୍କୁ ପଚରାଉଚୁରା କରିଥିବା ଜଣାପଡିଛି। ସେହିପରି କଲେଜ ପାଖ ପେଟ୍ରୋଲ ପମ୍ପକୁ ଯାଇ ତେଲ କିଏ ନେଇଥିଲା ସେ ନେଇ ମ୍ୟାନେଜର ଓ କର୍ମଚାରୀଙ୍କୁ ପଚରାଉଚରା କରିଛି। ଏଥିସହ ସିସିଟିଭି ଫୁଟେଜକୁ ଯାଞ୍ଚ ମଧ୍ୟ କରି ଡାଟା କଲେକ୍ଟ କରିଛି। ଆଜି ଏଫଏମ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟମାନଙ୍କୁ ମଧ୍ୟ ଜେରା କରିଛି।

ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଗଠିତ ଟିମ ମଧ୍ୟ ଆଜି ମୃତକ ସୌମ୍ୟାଶ୍ରୀଙ୍କ ଅଭିଯୋଗର ତଦନ୍ତ କରିଥିବା କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟମାନଙ୍କୁ ପଚରାଉଚୁରା କରିଛି। ନିର୍ଦ୍ଦେଶକ କାଳିପ୍ରସନ୍ନ ମହାପାତ୍ରଙ୍କ ନେତୃତ୍ୱାଧୀନ ୩ ଜଣିଆ ଟିମ ସମ୍ପୃକ୍ତ ଅଭିଯୋଗ ଟିମ ସଦସ୍ୟଙ୍କ ସମେତ ୩ ଜଣ ଶିକ୍ଷାର୍ଥୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିଛନ୍ତି।

ଅନ୍ୟପକ୍ଷରେ ଛାତ୍ରୀ ମୃତ୍ୟୁ ଘଟଣାର କାରଣ ଜାଣିବା ଲାଗି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ - ୟୁଜିସିର ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ମଧ୍ୟ ଏଫଏମ କଲେଜରେ ପହଁଚିଛନ୍ତି। ନୂଆଦିଲ୍ଲୀ ଗୁରୁ ଗୋବିନ୍ଦ ସିଂ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ୟୁଜିସି ସଦସ୍ୟ ରାଜ କୁମାର ମିତ୍ତଲଙ୍କ ନେତୃତ୍ୱାଧୀନ ଟିମରେ ୟୁଜିସିର ପୂର୍ବତନ ସଦସ୍ୟ ପ୍ରଫେସର ସୁଷମା ଯାଦବ, ଗୁଜୁରାଟ ବିଶ୍ୱବିଦ୍ୟାଳୟର କୁଳପତି ଡଃ ନିର୍ଜା ଗୁପ୍ତ ଓ ୟୁଜିସିର ଯୁଗ୍ମ ସଚିବ ଡଃ ଅସୀମା ମଙ୍ଗଳା ସଦସ୍ୟ ଅଛନ୍ତି। ଆଜି ଓ ଆସନ୍ତାକାଲି ୟୁଜିସି ଟିମ ତଥ୍ୟ ସଂଗ୍ରହ କରି ଏକ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବେ। ସୂଚନା ଅନୁଯାୟୀ, ଏଫଏମ କଲେଜରେ ପୂର୍ବରୁ ଅଭିଯୋଗ କମିଟି ଗଠନ ହୋଇଥିଲା କି ନାହିଁ, ଘଟଣା ଘଟିବାର କାରଣ ଓ ଅନ୍ୟାନ୍ୟ ଦିଗ ଉପରେ ତଥ୍ୟ ସଂଗ୍ରହ କରିବ ୟୁଜିସି ଟିମ।

# ୬ ମାଓବାଦୀ ନିହତ

ମାଲକାନଗିରି,୧୮।୭(ମହାଭାରତ): ସୁରକ୍ଷାବାହିନୀର ଯବାନଙ୍କୁ ପୁଣି ଥରେ ବଡ଼ ସଫଳତା ମିଳିଛି। ଯବାନଙ୍କ ଗୁଳିମାଡ଼ରେ ୬ ଜଣ ମାଓବାଦୀ ନିପାତ ହୋଇଛନ୍ତି। ଅନ୍ୟ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଛନ୍ତି। ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲାର ଆବୁଝମାଡ଼ ଜଂଗଲରେ ଆଜି ଦିନ ଦ୍ୱିପହରରେ ଏହି ବଡ଼ଧରଣର ଗୁଳିବିନିମୟ ଘଟିଛି। ଗତ ଦୁଇ ଦିନ ହେଲା ଯବାନ ଆବୁଝମାଡ଼ ଜଂଗଲରେ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଆବୁଝମାଡ ଜଂଗଲରେ ନକ୍ସଲ କ୍ୟାମ୍ପ କରି ରହିଥିବା ପୁଲିସ ସୂଚନା ପାଇଥିଲା।



ଇନ୍ସପେକ୍ଟର ଜେନେରାଲ (ଆଇଜି) ସୁନ୍ଦରରାଜ ପି କହିଛନ୍ତି, ମାଓବାଦୀ କ୍ୟାଡରଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇବା ପରେ ଜିଲ୍ଲା ରିଜର୍ଭ ଗାର୍ଡ (ଡିଆରଜି), ସ୍ପେଶିଆଲ୍ ଟାସ୍କଫୋର୍ସ (ଏସ୍‌ଟିଏଫ), ଏବଂ ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ (ଆଇଟିବିପି)କୁ ନେଇ ଗଠିତ ସୁରକ୍ଷା କର୍ମୀଙ୍କ ମିଳିତ ଦଳ ଏହି ଅଞ୍ଚଳରେ ଏକ ସନ୍ଧାନ ଅଭିଯାନ ଆରମ୍ଭ କରିଥିଲେ। ନକ୍ସଲ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ। ଅପରପକ୍ଷେ ଯବାନମାନେ ମଧ୍ୟ ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଗୁଳିବିନିମୟ ଘଟିଥିଲା ପରେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ସର୍ଚ୍ଚ ଅପରେସନ କରୁଥିବା ବେଳେ ୬ ଜଣ ନକ୍ସଲଙ୍କ ଶବ ଉଦ୍ଧାର କରିବା ସହ ଏକେ-୪୭, ଏସଏଲଆର ଅନ୍ୟ ଅସ୍ତ୍ରଶସ୍ତ୍ର, ବିପୁଳ ପରିମାଣର ବିସ୍ଫୋରକ ଓ ଦୈନିନ୍ଦିନ ବ୍ୟବହାର ଜିନିଷ ଆଦି ଜବତ କରାଯାଇଛି। ଏବେ ଜଙ୍ଗଲରେ ଆଉ କିଛି ନକ୍ସଲ ଲୁଚି ରହିଥିବା ଆଶଙ୍କାରେ ଅପରେସନ ଜାରି ରହିଛି। ରିପୋର୍ଟ ଲେଖାଯିବା ବେଳକୁ ଜଂଗଲରେ ସୁରକ୍ଷାବାହିନୀର ସର୍ଚ୍ଚ ଅପରେସନ ଜାରି ଥିବା ବେଳେ ଯବାନମାନେ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ପହଞ୍ଚିବା ପରେ ହିଁ ସମସ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ଏସ୍‌ପି ରବିନସନ ଗୁଡ଼ିଆ ପ୍ରକାଶ କରିଛନ୍ତି।

ସେହିପରି ନକ୍ସଲ ପ୍ରଭାବିତ ଜିଲ୍ଲା ସୁକମାର ଚିନ୍ତଲନାର ଥାନା ଅଞ୍ଚଳ ଅନ୍ତର୍ଗତ ସକ୍ରିୟ ଜଗରଗୁଣ୍ଡା ପାମେଡ କ୍ଷେତ୍ର କମିଟି ନାବାଳକ ବାଳକ ସମେତ ପାଞ୍ଚ ଜଣ ନକ୍ସଲଙ୍କୁ ପୋଲିସ ବୁଧବାର ବିଳମ୍ବିତ ସନ୍ଧ୍ୟାରେ ଗିରଫ କରିଛି। ଗିରଫ ନକ୍ସଲମାନଙ୍କଠାରୁ ବିସ୍ଫୋରକ ସାମଗ୍ରୀ ମଧ୍ୟ ଉଦ୍ଧାର କରାଯାଇଛି। ଏସ୍ ପି କିରଣ ଚୌହାନ ଶୁକ୍ରବାର କହିଛନ୍ତି ଯେ ନକ୍ସଲ ନିପାତ ଅଭିଯାନ ସୂଚନାଦାତାଙ୍କ ସୂଚନା ପାଇ ବୁଧବାର ସୁରକ୍ଷା ବାହିନୀ ଏକ ମିଳିତ ଅଭିଯାନରେ ଚିନ୍ତଲନାର ଥାନା ଅଞ୍ଚଳର ଗ୍ରାମ ପେଦ୍ଦାବୋଡକେଲର ଜଙ୍ଗଲ ପାହାଡରୁ ଜଣେ ନାବାଳକ ବାଳକ ସମେତ ପାଞ୍ଚ ଜଣ ନକ୍ସଲଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ସମସ୍ତ ନକ୍ସଲ ପୋଲିସ ପାଟ୍ରୋଲିଂ ପାର୍ଟିକୁ ହତ୍ୟା କରିବା ଉଦ୍ଦେଶ୍ୟରେ ଗୁଳି ଚଳାଇବା ଘଟଣାରେ ସମ୍ପୃକ୍ତ ଥିଲେ।

## ଏତଲାରେ ନାଁ ଥିବା ଛାତ୍ର ଆମ ଦଳର ନୁହେଁ : ପିସିସି ସଭାପତି

ଭୁବନେଶ୍ୱର,୧୮।୭(ମହାଭାରତ): ଏଫ ଏମ କଲେଜ ଛାତ୍ରୀଙ୍କ ଚରିତ୍ର ସଂହାର ନେଇ ଛାତ୍ର କଂଗ୍ରେସ କର୍ମୀଙ୍କ ନାଁରେ ହୋଇଥିବା ଏତଲାକୁ ନେଇ ପିସିସି ସଭାପତି ଭକ୍ତ ଦାସ ବଡ଼ ବୟାନ ରଖିଛନ୍ତି। ସେ କହିଛନ୍ତି ଏତଲା ହୋଇଥିବା ଦୁଇ ଛାତ୍ର ନେତାଙ୍କ ମଧ୍ୟରୁ ଜଣେ ଆପ ଦଳର ଏବଂ ଅନ୍ୟ ଜଣଙ୍କୁ ୬ ମାସ ତଳୁ ଦଳରୁ ବାହାର କରାଯାଇଛି। ରାଜନୀତି କରୁଥିବାରୁ କିଏ ଆସି ଆମ ସହ ଫଟୋ ଉଠାଇ ଥାଇ ପାରନ୍ତି। ଦୋଷୀ ଯିଏ ହେଉ ଦଣ୍ଡ ପାଉ। ପୀଡିତା କାହାକୁ ଦାୟୀ କରିଛି ତାହା ଗୁରୁତ୍ୱପୂର୍ଣ୍ଣ। ପୀଡିତାଙ୍କ ଏତଲାର ପ୍ରଥମେ ଉତର ଦିଅନ୍ତୁ ଶାସକ ଦଳ। ସୋସିଆଲ ମିଡ଼ିଆରେ ଯାହାକୁ ଯାହା କହି ଦେବା ଏହା ଗ୍ରହଣୀୟ ନୁହେଁ। ଆମ ଲୋକ ଭୁଲ କଲେ ଦଳ କାର୍ଯ୍ୟାନୁଷ୍ଠାନ ନେବ। ତାଙ୍କ ନାଁରେ ବି ଏତଲା ହେବ। ଆମେ ନାରୀ ନ୍ୟାୟ ଇସ୍ୟୁ ଛାଡୁ ନାହୁଁ।


## ଆଜି ପ୍ରକାଶ ପାଇବ ଯୁକ୍ତ୨ ଇନଷ୍ଟାଣ୍ଟ ପରୀକ୍ଷା ଫଳ

ଭୁବନେଶ୍ୱର, ୧୮।୭(ମହାଭାରତ): ଆଜି ଅପରାହ୍ନ ସାଢେ ୪ଟାରେ ପ୍ରକାଶ ପାଇବ ଯୁକ୍ତ୨ ଇନଷ୍ଟାଣ୍ଟ ପରୀକ୍ଷା ଫଳ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ଇନ୍‌ଷ୍ଟାଣ୍ଟ ପରୀକ୍ଷା ଫଳ ପ୍ରକାଶ ପାଇବ। ଏନେଇ ପରିଷଦ ପକ୍ଷରୁ ଘୋଷଣା କରାଯାଇଛି। ଯୁକ୍ତ ଦୁଇ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମର ଶିକ୍ଷା ପାଠ୍ୟକ୍ରମରେ ୧୦୦୯ ଛାତ୍ରଛାତ୍ରୀ ଫର୍ମପୂରଣ କରିଥିବାବେଳେ ୧୦୦୮ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇଥିଲେ।

## ସେବାଶ୍ରମ ସ୍କୁଲ୍ ପ୍ରଧାନ ଶିକ୍ଷକ ନିଲମ୍ବିତ

ନୂଆପଡ଼ା/ଭୁବନେଶ୍ୱର,୧୮।୭(ମହାଭାରତ): ଛାତ୍ର ମୃତ୍ୟୁ ମାମଲାରେ ନୂଆପଡା ଜିଲ୍ଲା ସାହାଜଟ ସେବାଶ୍ରମ ସ୍କୁଲ୍ ପ୍ରଧାନ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। ଅଷ୍ଟମ ଶ୍ରେଣୀ ଛାତ୍ର ମୃତ୍ୟୁ ପରେ ଜିଲ୍ଲାପାଳ ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। କାର୍ଯ୍ୟରେ ଅବହେଳା ଅଭିଯୋଗରେ ପ୍ରଧାନ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଆଦିବାସୀ କଲ୍ୟାଣ ସଂଘ ଦାବି କରିଛି। ତେବେ କେଉଁ ପରିସ୍ଥିତିରେ ଛାତ୍ରଙ୍କ ମୃତ୍ୟୁ ହେଲା ତାହା ଜଣାପଡିନାହିଁ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କଟକ ସାଂସଦ



ଭୁବନେଶ୍ୱର,୧୮।୭(ମହାଭାରତ): କଟକ ସାଂସଦ ଭର୍ତ୍ତୃହରି ମହତାବ ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି କଟକ ସଂସଦୀୟ କ୍ଷେତ୍ରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଛନ୍ତି।

ବୈଠକରେ, କଟକ ସହରର ଓଏମପି ଅଂଚଳରେ ଭେଣ୍ଡିଙ୍ଗ ଜୋନ, ଏକ ବୃହତ୍ କନ୍‌ଭେନସନ ସେଂଟର ସ୍ଥାପନ, ରାଣୀହାଟ ଅଂଚଳର ଉନ୍ନତିକରଣ, ପ୍ରେସ ଛକ ଅଂଚଳରେ ଏକ ପାର୍କ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା।

ଏତଦବ୍ୟତୀତ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଭୂମି ସତ୍ୟଭାମାପୁରର ସମନ୍ୱିତ ବିକାଶ, ସିଏମସି ଏବଂ ସିଡିଏ ଅଂଚଳ ପାଇଁ ଡ୍ରେନେଜ୍ ମାଷ୍ଟର ପ୍ଲାନ୍, ମହାନଦୀରେ ବ୍ୟାରେଜ୍ ଯୋଜନା, ବଡମ୍ବା ସୁଗାର ମିଲ ଓ ଭଗତପୁର କଟନ ମିଲର ପୁନଃ କାର୍ଯ୍ୟକାରିତା, ଓ ଉପଖଣ୍ଡ ସ୍ତରୀୟ କୋଲ୍ଡ ଷ୍ଟୋରେଜ ନିର୍ମାଣ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

ବୈଠକରୁ ଜଣା ପଡିଛି ଯେ, ମୁଖ୍ୟମନ୍ତ୍ରୀ ଏହି ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଏବଂ ପ୍ରଶାସନିକ ସ୍ତରରେ ପ୍ରତ୍ୟେକ କାର୍ଯ୍ୟ ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ସଚିବଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହି ଆଲୋଚନାରେ, ଅଧିକ ସଂଯୁକ୍ତ ପ୍ରୟାସ ଦ୍ୱାରା କଟକ ଜିଲ୍ଲା ଏବଂ ତାହାର ଉପଖଣ୍ଡ ଅଞ୍ଚଳକୁ ଏକ ଆଧୁନିକ ଓ ସମୃଦ୍ଧ ମଡେଲ୍ କ୍ଷେତ୍ର ବନେଇବା ପାଇଁ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଶିକ୍ଷ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ପୌର ପ୍ରଶାସନ ନିର୍ଦ୍ଦେଶକ 1 ଅରିନ୍ଦମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ୨୨୧ ଗ୍ରାମକୁ ହର ଘର ଜଲ୍ ଗ୍ରାମ ଘୋଷଣା

ନୂଆପଡ଼ା/ଭୁବନେଶ୍ୱର,୧୮।୭(ମହାଭାରତ): ନୂଆପଡ଼ା ଜିଲ୍ଲା ମିନି ଷ୍ଟାଡିୟମଠାରେ ଶୁକ୍ରବାର ଗ୍ରାମାଂଚଳର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଅଭିଯାନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ପଂଚାୟତିରାଜ ମନ୍ତ୍ରୀ ରବି ନାଏକ। ଏହି ଅଭିଯାନ ଅନ୍ତର୍ଗତ ୧୩ କୋଟି ୯୯ ଲକ୍ଷ ଟଙ୍କା ମୂଲ୍ୟର ୩୪୬ଟି ନୂତନ ପ୍ରକଳ୍ପର ଶୁଭ ଭିତିପ୍ରସ୍ତର ସ୍ଥାପନ ହେବା ସହ ୫ଟି ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ୪ଟି ବ୍ଲକର ୨୨୧ଟି ଗ୍ରାମକୁ 'ହର ଘର ଜଲ୍' ଗ୍ରାମ ଭାବେ ଘୋଷଣା କରିଛନ୍ତି ମନ୍ତ୍ରୀ। ଏହି 'ହର ଘର ଜଲ୍' ମାନ୍ୟତା ଗ୍ରାମୀଣ ଅଂଚଳରେ ପ୍ରତ୍ୟେକ ଘରକୁ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା ସହ, ଜନସ୍ୱାସ୍ଥ୍ୟ ଓ ଜୀବନ ଧାରଣ ମାନ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହି ଅବସରରେ ଜିଲ୍ଲାପାଳ , ମୁଖ୍ୟ ଉନ୍ନୟନ ଅଧିକାରୀ, ନୂଆପଡ଼ା, କୋମନା, ଖଡ଼ିଆଳ, ବୋଡ଼େନ ଓ ସିନାପାଲି ବ୍ଲକ ଏବଂ ଆରଡବ୍ଲୁଏସଏସ୍ ର ବରିଷ୍ଠ ଅଧିକାରୀ ତଥା ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

# କ୍ୟାମ୍ପସରେ ମହିଳା ସହାୟତା ନମ୍ବର ୧୮୧

ଭୁବନେଶ୍ୱର,୧୮।୭(ମହାଭାରତ); ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଓ ବେସରକାରୀ ମହାବିଦ୍ୟାଳୟ କ୍ୟାମ୍ପସ ପରିସରରେ ରହିଥିବା ପ୍ରମୁଖ ସ୍ଥାନମାନଙ୍କରେ ମହିଳା ସହାୟତା ନମ୍ବର ୧୮୧ ପ୍ରଦର୍ଶନ କରିବାକୁ ସମସ୍ତ ରେଜିଷ୍ଟ୍ରାର ଓ ଅଧକ୍ଷମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଛି।



ଏଥିସହ କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର ) ଅଧିନିୟମ, ୨୦୧୩ (ପୋଷ ଆକ୍ଟ, ୨୦୧୩) ଏବଂ ଏହି ସମ୍ବନ୍ଧରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କଡ଼ାକଡ଼ି ଭାବେ ପାଳନ କରିବା ସହ ଏହି ସମ୍ବନ୍ଧୀୟ ସଚେତନତା କର୍ମଶାଳା ଆୟୋଜନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ କର୍ମଶାଳାରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟମାନେ ଯୋଗଦେବେ ଏବଂ ପୋଷ ଆକ୍ଟ, ୨୦୧୩ ର ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଶପଥ ନେବେ। କର୍ମଶାଳା ଆୟୋଜନର ସବିସ୍ତୃତ ବିବରଣୀ ଆସନ୍ତା ୩ ଦିନ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିବା ନିମନ୍ତେ ଚିଠିରେ ଉଲ୍ଲେଖ କରାଯାଇଛି।

## ଭୂପେଶ ବଘେଲଙ୍କ ପୁଅକୁ ବାନ୍ଧିଲା ଇଡି

ରାୟପୁର,୧୮।୭(ମହାଭାରତି): ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ପୁଅ ଚୈତନ୍ୟ ବଘେଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରିଛି।ସୂତ୍ର ପକ୍ଷରୁ ଜଣାପଡିଛି ଯେ, ଏହି କାର୍ଯ୍ୟାନୁଷ୍ଠାନ ମଦ ଘୋଟାଲା ସହିତ ସଂପୃକ୍ତ ମନି ଲଣ୍ଡରିଂ ମାମଲା ଅନ୍ତର୍ଗତ ନିଆଯାଇଛି । ଇଡି ଆଜି ସକାଳୁ ଭୂପେଶ ବଘେଲ ଓ ତାଙ୍କ ପୁଅ ଚୈତନ୍ୟଙ୍କ ଠିକଣା ଉପରେ ରେଡ୍ କରିଥିଲା। ସୂଚନା ମିଳିଛି ଯେ, ଚୈତନ୍ୟଙ୍କୁ ରାୟପୁର ଅଫିସ୍‌କୁ ନିଆଯାଇଛି। ଭୂପେଶ ବଘେଲଙ୍କ ସମର୍ଥକମାନେ ଚୈତନ୍ୟଙ୍କ ଗିର ହେବା ଖବର ଶୁଣିବା ପରେ, ସେଠାରେ ନାରାବାଜି ଆରମ୍ଭ କରିଛନ୍ତି । ଭୂପେଶ ବଘେଲଙ୍କ ପୂର୍ବତନ ମିଡିଆ ପରାମର୍ଶଦାତା ବିନୋଦ ବର୍ମା ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ପୂର୍ବରୁ ଯେତେବେଳେ ଇଡି ରେଡ୍ କରିଥିଲା, ସେ ଦିନ ଭୂପେଶ ବଘେଲଙ୍କ ଜନ୍ମଦିନ ଥିଲା, ଏବଂ ଆଜି ଯେତେବେଳେ ଇଡି ଟିମ୍ ରେଡ୍ କରିଛି, ଆଜି ଚୈତନ୍ୟ ବଘେଲଙ୍କ ଜନ୍ମଦିନ ଅଟେ। ଚୈତନ୍ୟଙ୍କୁ ଆଜି ଇଡି ହେପାଜତକୁ ନେଇଛି। ସୂତ୍ରମାନେ କହିଛନ୍ତି ଯେ, ତାଙ୍କୁ ମନି ଲଣ୍ଡରି ସଂପୃକ୍ତ ମାମଲାରେ ଗିରଫ କରାଯାଇଛି।

# ଟିଆରଏଫକୁ ଆତଙ୍କ ସଂଗଠନ ଘୋଷଣା

ନୂଆଦିଲ୍ଲୀ,୧୮।୭(ମହାଭାରତ): ଆତଙ୍କବାଦ ବିରୋଧରେ ଭାରତକୁ ଏକ ବଡ଼ ସଫଳତା ମିଳିଛି। ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଦି ରେଜିଷ୍ଟାନ୍ସ ଫୋର୍ସ (ଟିଆରଏଫ)କୁ ବିଦେଶୀ ଆତଙ୍କବାଦୀ ସଙ୍ଗଠନ (ଏଫଟିଓ) ଘୋଷଣା କରିଛି ଆମେରିକା। ଏହାକୁ ବିଶେଷ କରି ନାମିତ ବୈଶ୍ୱିକ ଆତଙ୍କବାଦ ସଙ୍ଗଠନ (ଏସଡିଜିଟି) ଘୋଷଣା ମଧ୍ୟ କରାଯାଇଛି। ଏହି ସଙ୍ଗଠନ ଲସ୍କର-ଏ-ତୈୟବାର ଏକ ମୁଖା ସଙ୍ଗଠନ, ଯିଏ ୨୨ ଏପ୍ରିଲ ପହଲଗାମ ପର୍ଯ୍ୟଟକ ହତ୍ୟା ଲାଗି ନିଜକୁ ଦାୟି କରିଥିଲା।

ବୈଦେଶିକ ମନ୍ତ୍ରଣାଳୟ ଆଜି ଏକ ବିବୃତ୍ତିରେ କହିଛି ଯେ ଭାରତ ସରକାର ଟିଆରଏଫକୁ ଏକ ବିଦେଶୀ ଆତଙ୍କବାଦୀ ସଂଗଠନ (ଏଫଟିଓ)ଏବଂ ସ୍ୱତନ୍ତ୍ର ବିଶ୍ୱ ଆତଙ୍କବାଦୀ (ଏସଡିଜିଟି) ଭାବରେ ନାମିତ କରିବାକୁ ଆମେରିକା ବୈଦେଶିକ ବିଭାଗ ନିଷ୍ପତ୍ତିକୁ ସ୍ୱାଗତ କରୁଛି। ଆମେ ଏହି ସମ୍ପର୍କରେ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିୟୋଙ୍କ ନେତୃତ୍ୱକୁ ସ୍ୱୀକାର କରୁଛୁ ଏବଂ ପ୍ରଶଂସା କରୁଛୁ।ବିବୃତ୍ତି ଅନୁଯାୟୀପାକିସ୍ତାନ ସ୍ଥିତ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବାର ଏକ ପ୍ରକ୍ସି ଟିଆରଏଫ ୨୨ ଏପ୍ରିଲରେ ଜମ୍ମୁ -କାଶ୍ମୀରର ପହଲଗାମରେ ନାଗରିକଙ୍କ ଉପରେ ହୋଇଥିବା ଜଘନ୍ୟ ଆକ୍ରମଣ ସମେତ ଅନେକ ଆତଙ୍କବାଦ ସମ୍ବନ୍ଧୀୟ କାର୍ଯ୍ୟକଳାପରେ ଜଡିତ ରହିଛି। ଏଥିପାଇଁ ସେ ଦୁଇଥର ଦାୟିତ୍ୱ ମଧ୍ୟ ନେଇଛି।

ଡାର ଦାବି କରିଥିଲେ ଯେ ଟିଆରଏଫ ପହଲଗାମ ଆକ୍ରମଣ ଲାଗି ନିଜୟକୁ ଦାୟି କରିନଥିଲା। ତେବେ ସତ କଥା ହେଉଛି ଏହି ଆକ୍ରମଣକୁ ସଫଳ କରିବା କଥା ଟିଆରଏଫ



ସ୍ୱୀକାର କରିଥିଲା। ତେବେ ପାକିସ୍ତାନ ୟୁଏନଏସସିରେ ଅସ୍ଥାୟୀ ସଦସ୍ୟ ରୂପେ ନିଜର କ୍ଷମତାର ଦୁରୁପଯୋଗ କରି ଆତଙ୍କବାଦୀଙ୍କୁ ସୁରକ୍ଷା ଦେବାକୁ ଉଦ୍ୟମ କରିଥିଲା। ହେଲେ ଭାରତର ଦାବି ଓ ଆମେରିକାର ସମର୍ଥନ ପାକିସ୍ତାନର ସବୁ ଉଦ୍ୟମକୁ ପଣ୍ଡ କରିଦେଇଛି।

ଭାରତର ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର ଏହି ପଦକ୍ଷେପକୁ ପ୍ରଶଂସା କରି କହିଛନ୍ତି ଯେ ଭାରତ ଓ ଆମେରିକା ମଧ୍ୟରେ ଆତଙ୍କବାଦ ବିରୋଧରେ ଏହା ଏକ ମଜଭୁତ ଭାଗିଦାରୀର ପ୍ରତୀକ। ଏଥି ପାଇଁ ମୁଁ ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିୟୋ ଏବଂ ବୈଦେଶିକ ମନ୍ତ୍ରାଳୟକୁ ଧନ୍ୟବାଦ ଜଣାଉଛି ଯେ ସେମାନେ ଟିଆରଏଫକୁ ଆତଙ୍କବାଦ ସଙ୍ଗଠନ ଘୋଷଣା କରିଛନ୍ତି ଆତଙ୍କବାଦ ବିରୋଧରେ ଆମର ନୀତି ଜିରୋ ଟୋଲେରାନ୍ସ। ତେବେ ଏହା ପୂର୍ବରୁ ପାକିସ୍ତାନ ଟିଆରଏଫକୁ ବଞ୍ଚାଇବା ଲାଗି ଜାତି ସଂଘ ସୁରକ୍ଷା ପରିଷଦ (ୟୁଏନଏସସି)ରେ ନିଜର ସବୁ ଶକ୍ତି ଲଗାଇ ଦେଇଥିଲ। ଭପାକିସ୍ତାନ ଉପ ପ୍ରଧାନମନ୍ତ୍ରୀ ତଥା ବିଦେଶମନ୍ତ୍ରୀ ଇସାକ ଡାର ସଂସଦରେ ସ୍ୱୀକାର କରିଥିଲେ ଯେ ସେ ୟୁଏନଏସସି ପ୍ରସ୍ତାବରୁ ଟିଆରଏଫର ନାମ ହଟାଇବାକୁ ଉଦ୍ୟମ କରିଥିଲେ।

ଜୟଶଙ୍କର ତିୟାନଜିନରେ ସାଂଘାଇ ସହଯୋଗ ସଙ୍ଗଠନ (ଏସସିଓ) ବୈଠକରେ ଆତଙ୍କବାଦ ବିରୋଧରେ କଡ଼ା ମନୋଭାବ ପୋଷଣ କରି କହିଥିଲେ ଯେ ଏହାକୁ କୌଣସି ରୂପରେ ମଧ୍ୟ ବରଦାସ୍ତ କରାଯିବା ଉଚିତ ନୁହେଁ। ତେବେ ଟିଆରଏଫ ଲସ୍କର-ଏ-ତୈୟବାର ଏକ ପ୍ରକ୍ସି ସଙ୍ଗଠନ ଏହାକୁ କାଶ୍ମୀରରେ ଆର୍ଟିକଲ୍ ୩୭୦ ହଟାଯିବା ପରେ ଗଠନ କରାଯାଇଛି। ୨୨ ଏପ୍ରିଲ ପହଲଗାମ ଆକ୍ରମଣ ଲାଗି ଏହି ସଙ୍ଗଠନ ନିଜକୁ ଦାୟି କରିଥିଲା ।

# ପ୍ରତିବନ୍ଧକ ପ୍ରତ୍ୟାହୃତ କଲା ରେଭେନ୍ସା

ଭୁବନେଶ୍ୱର,୧୮।୭(ମହାଭାରତ): ରେଭେନ୍ସା ୟୁନିଭର୍ସିଟି ମହିଳା ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରୀମାନଙ୍କୁ ସନ୍ଧ୍ୟା ୫:୩୦ଟା ପରେ କ୍ୟାମ୍ପସରେ ରହିବାକୁ ନିଷେଧ କରିଥିବା ଆଦେଶକୁ ପ୍ରତ୍ୟାହୃତ କରିଛି । ଏହି ବିବାଦସ୍ପଦ ଆଦେଶ ୧୭ ଜୁଲାଇ ତାରିଖରେ ଜାରି କରାଯାଇଥିଲା ଓ ପ୍ରବଳ ବିରୋଧ ପରେ ପରବର୍ତ୍ତୀ ଦିନ ଏହାକୁ ବାତିଲ କରାଯାଇଛି।

ଏହି ଆଦେଶ ବିଶ୍ୱବିଦ୍ୟାଳୟର କୁଳସଚିବ ଦ୍ୱାରା କୁଳପତିଙ୍କ ପକ୍ଷରୁ ଜାରି କରାଯାଇଥିଲା, ଯେଉଁଥିରେ ସୁରକ୍ଷା କାରଣ ଦେଖାଇ ଲେଖାଯାଇଥିଲା ଯେ, 'କୌଣସି ମହିଳା ଶିକ୍ଷୟିତ୍ରୀ, କର୍ମଚାରୀ କିମ୍ବା ଛାତ୍ରୀ ସନ୍ଧ୍ୟା ୫:୩୦ ପରେ କାର୍ଯ୍ୟସ୍ଥଳ କିମ୍ବା କ୍ୟାମ୍ପସରେ ରହିପାରିବେ ନାହିଁ। ଏହି ନିଷ୍ପତ୍ତି ପରବର୍ତ୍ତୀ ଔପଚାରିକ 'ଷ୍ଟ୍ୟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର' ଜାରିନହେବା ଯାଏ ବଳବତର ରହିବ , ଯାହା କାର୍ଯ୍ୟ ସମୟ ଓ ସୁରକ୍ଷା ବ୍ୟବସ୍ଥା ସହିତ ସମ୍ବନ୍ଧିତ ନିର୍ଦ୍ଦେଶନାମାକୁ ସ୍ପଷ୍ଟ କରିବ।'

ଆଦେଶ ଜାରି ହେବା ରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ସାମାଜିକ ସଂଗଠନ ପକ୍ଷରୁ ତୀବ୍ର କରାଯାଇଥିଲା। ଏହାର ପରିଣାମ ସ୍ୱରୂ ବିଶ୍ୱବିଦ୍ୟାଳୟ ପ୍ରଶାସନ ଏହି ଆଦେଶକୁ ତୁରନ୍ତ ପ୍ରଭାବରେ ବାତିଲ କରିଦେଇଛି।

ବିଶ୍ୱବିଦ୍ୟାଳୟ ସୂତ୍ର ଅନୁଯାୟୀ, ବର୍ତ୍ତମାନ ଏକ ନୂଆ ଓ ଲିଙ୍ଗଗତ ଭାବେ ନିରପେକ୍ଷ 'ଷ୍ଟ୍ୟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର' ପ୍ରସ୍ତୁତ କରାଯାଉଛି, ଯାହା ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବ।

# ରାଜଧାନୀରେ ବିଭତ୍ସ ହତ୍ୟାକାଣ୍ଡ

**ଭୁବନେଶ୍ୱର,୧୮।୭ (ମହାଭାରତ) :** ପୁଣି ଅଳ୍ପ ଦିନ ବ୍ୟବଧାନରେ ରାଜଧାନୀର ଭରତପୁର ଥାନା ଅଞ୍ଚଳ ଅଶାନ୍ତ ହୋଇ ଉଠିଛି। ଗତ କାଲି ରାତିରେ କେତେକ ଦୁର୍ବୃତ୍ତ ଭରତପୁର ଥାନା ଅନ୍ତର୍ଗତ ତାରେଣୀ ବସ୍ତିରେ ପଶି ଜଣେ ଯୁବକକୁ ନିର୍ମମ ଭାବେ ହତ୍ୟା କରିଥିବା ଘଟଣା ରାଜଧାନୀରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗତକାଲି ରାତିରେ ୪ଜଣ ଚୋର ଚୋରି କରିବାକୁ ପଶିଥିବା ବେଳେ ଘର ମାଲିକ ଚିତ୍କାର କରିଥିଲେ। ଧରା ପଡ଼ିଯିବା ଭୟରେ ସେମାନେ ଘରମାଲିକଙ୍କୁ ପିଟିପିଟି ମାରିଦେଇଥିବା ଅଭିଯୋଗ ହୋଇଥିଲା।

ପ୍ରତିବାଦ କରିବାରୁ ଏମାନେ ପ୍ରଥମେ ଘର ମାଲିକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପରେ ଏକ ବଡ଼ ପଥରରେ ଛେଚି ତାଙ୍କୁ ହତ୍ୟା କରିବା ପରେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ଏଭଳି ଅଭାବନୀୟ ଘଟଣା ଭରତପୁର ଥାନା ଅନ୍ତର୍ଗତ ବସ୍ତିରେ ଘଟିଛି। ମୃତ ଯୁବକ ଜଣକ ସେଠାରେ ଭଡ଼ା ଘରେ ରହୁଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ଗୁରୁବାର ରାତିରେ କିଛି ଦୁର୍ବୃତ୍ତ ଭରତପୁର ମସଜିଦ୍ ବସ୍ତିରେ ବାଇକ୍ ଚୋରି କରୁଥିଲେ। ସେହି ସମୟରେ ଛାତ ଉପରୁ ଦେଖିଦେଇ ଥିଲେ ଯୁବକ। ଯୁବକ ଜଣକ୍ ତଳକୁ ଆସି ପ୍ରତିବାଦ କରିଥିଲେ। ଏଥିରେ ଦୁର୍ବୃତ୍ତମାନେ ରାଗିଯାଇ ପ୍ରଥମେ ତାଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ରକ୍ତାକ୍ତ ଅବସ୍ଥାରେ ସେ ତଳେ ପଡ଼ିଯାଇଥିଲେ। ପରେ ଏକ ବଡ଼ ପଥରରେ ଅତି ନିର୍ମମ ଭାବେ ଛେଚି ହତ୍ୟା କରିଥିଲେ ଏବଂ ସେଠାରୁ ଖସି ପଳାଇଥିଲେ। ହତ୍ୟାକାଣ୍ଡ ପରେ ଭରତପୁର ପୁଲିସ ହତ୍ୟାକାରୀଙ୍କୁ ଧରିବାକୁ ଛାନଭିନ୍ ଚଳାଇଛି।

# ଚିକେନ ଗୋଲମରିଚ

**ଆବଶ୍ୟକ ସାମଗ୍ରୀ:** ଚିକେନ, ପିଆଜ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଲେମ୍ବୁରସ, ଦହି, କସ୍ତୁରୀ ମେଥି, ହଳଦି ଗୁଣ୍ଡ, ରିଫାଇନ୍ ତେଲ, ଗୁଜୁରାତି, ଲବଙ୍ଗ, ଡାଲଚିନି, ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିକେନକୁ ଧୋଇ ଦିଅନ୍ତୁ। ଏହାପରେ ଚିକେନରେ ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଲେମ୍ବୁ ରସ, ଦହି, କସ୍ତୁରୀ ମେଥି, ହଳଦି ଗୁଣ୍ଡ ପକାଇ ମ୍ୟାରିନେଟ କରନ୍ତୁ। ସେହିଭଳି ପିଆଜକୁ ଭାଜି ଅଳ୍ପ ବାଟି ରଖନ୍ତୁ। କଢ଼େଇରେ ତେଲ ଗରମ କରି ଗୋଟା ମସଲା (ଗୁଜୁରାତି, ଲବଙ୍ଗ, ଡାଲଚିନି ) ପକାନ୍ତୁ। ଏହାପରେ ମ୍ୟାରିନେଟ୍ ଚିକେନକୁ ପକାଇ ୧୦ ମିନିଟ୍ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ଘୋଡ଼ଣି ବାହାର କରି ଚିକେନକୁ ଚଲାନ୍ତୁ। ଏହାପରେ ପୁଣି ଘୋଡ଼ାଇ ଦିଅନ୍ତୁ। ୫ରୁ ୭ ମିନିଟ୍ ପରେ ଘୋଡ଼ଣି ବାହାର କରି ସେଥିରେ ଭଜା ପିଆଜ ବଟା ଓ ଗୋଲମରିଚ ଗୁଣ୍ଡ ପକାଇ ଗୋଳାନ୍ତୁ। ପ୍ରସ୍ତୁତ ହୋଇଗଲା ଚିକେନ୍ ଗୋଲମରିଚ।



## ଖବର

## ବଡ଼ ପରଦାକୁ ଫେରୁଛନ୍ତି ପ୍ରଯୋଜକ ସୀତାରାମ ଅଗ୍ରୱାଲ




ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ, ସଫଳ ଓ ଅନୁଭବୀ ନିର୍ମାତା ସୀତାରାମ୍ ଅଗ୍ରୱାଲ୍, ଯିଏ ସବୁବେଳେ ନୂଆ କାହାଣୀ ଦ୍ୱାରା ଓଡ଼ିଆ ଚଳଚ୍ଚିତ୍ରକୁ ନୂତନ ଦିଗ ଦେଇଛନ୍ତି, ସେ ଏବେ ଆଉ ଏକ ତାଜା ଓ ଗଭୀର ଭାବନାତ୍ମକ ପ୍ରେମ କାହାଣୀ 'ଛି ରେ ନନି' ସହିତ ବଡ଼ ପରଦାକୁ ଫେରୁଛନ୍ତି। ବହୁ ପ୍ରତିକ୍ଷୀତ ଏହି ଚଳଚ୍ଚିତ୍ର ଆସନ୍ତା ଅଗଷ୍ଟ ୧ ତାରିଖରେ ସିନେମା ହଲ୍ରେ ମୁକ୍ତିଲାଭ କରିବାକୁ ଯାଉଛି। ସାରା ଓଡ଼ିଶାର ସିନେମା ହଲ୍ରେ ଏହି ଚଳଚ୍ଚିତ୍ର ରିଲିଜ ହେବୟ ସୁଶାନ୍ତ ମଣି ଏହି ଚଳଚ୍ଚିତ୍ରର କାହାଣୀ ରଚନା କରିବା ସହିତ ନିର୍ଦ୍ଦେଶନା ଦେଇଛନ୍ତି।ନୂତନ ପିଢ଼ୀର ରୋମାଣ୍ଟିକ୍ ଫିଲ୍ମରେ ନିରୀହ ପ୍ରେମ, ଗ୍ରାମ୍ୟ ବାସ୍ତବତା ଓ ହୃଦୟବିଦାରକ ନାଟକୀୟତାକୁ ଏକତ୍ର କରି ଦେଖାଉଛି, ଯେଉଁଠି ପ୍ରେମ, ପରିବାର ଓ ଭାଗ୍ୟକୁ ଅସ୍ୱୀକାର କରେ। ସିଦ୍ଧାର୍ଥ ମ୍ୟୁଜିକ୍ ବ୍ୟାନରରେ ଏହି ଚଳଚ୍ଚିତ୍ର ନିର୍ମିତ ହୋଇଛି। ଶିବାନୀ ସଙ୍ଗୀତା, ଶୈଳେନ୍ଦ୍ର ଓ ଦିପନ୍ୱିତ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି।ଏହି ଫିଲ୍ମ ବରିଷ୍ଠ କାହାଣୀ ଓ ସାହସିକ ଚିତ୍ରଣ ଲାଗି ଆରମ୍ଭରୁ ହିଁ ଚର୍ଚ୍ଚାରେ ଅଛି। ସାରା ବିଶ୍ୱରେ ଚର୍ଚ୍ଚାରେ ଥିବା ଭାଇରାଲ ଗୀତ 'ଛି ରେ ନନୀ'କୁ ଦର୍ଶକ ଦେଖିବେ ନୂଆ ସ୍ୱାଦରେ। 'ଛି ରେ ନନୀ' ସହିତ ଓଡ଼ିଆ ସିନେମା ଏକ ଉତ୍ସାହଜନକ ନୂଆ ଅଧ୍ୟାୟକୁ ପ୍ରବେଶ କରୁଛି- ଅପେକ୍ଷା କରନ୍ତୁ ଆସନ୍ତା ଅଗଷ୍ଟ ୧ ତାରିଖକୁ।

## ଶିବଙ୍କ ତ୍ରିଶୂଳ ଉପରେ ବିରାଜମାନ ତୀର୍ଥ

ଶାସ୍ତ୍ରରେ କୁହାଯାଇଛି ଯେ ଆତ୍ମାର ଅନ୍ତିମ ଲକ୍ଷ୍ୟ ହେଉଛି ପରମାତ୍ମାଙ୍କ ସହ ମିଳନ । ସେଥିପାଇଁ ଆତ୍ମା ଗୋଟିଏ ଶରୀରରୁ ଅନ୍ୟ ଶରୀର ମଧ୍ୟକୁ ଘୂରି ବୁଲିଥାଏ । ଧର୍ମଗ୍ରନ୍ଥରେ ମୋକ୍ଷ ପ୍ରାପ୍ତିର ଅନେକ ବିଧି ଏବଂ ବ୍ରତ ସମ୍ପର୍କରେ ବର୍ଣ୍ଣନା ରହିଛି । ଏଥିସହିତ କେତେକ ଏପରି ପବିତ୍ର ସ୍ଥାନ ରହିଛି ଯେଉଁଠି ଶରୀର ତ୍ୟାଗ କରିବା ମାତ୍ରେ ଆତ୍ମାର ଆବାଗମନ ଚକ୍ରରୁ ମୁକ୍ତି ମିଳଥାଏ ଏବଂ ଆତ୍ମା ସିଧାସଳଖ ପରମାତ୍ମାରେ ବିଲୀନ ହୋଇଯାଇଥାଏ । ସେଥିପାଇଁ ଏହିସବୁ ସ୍ଥାନରେ ଦେହତ୍ୟାଗର କାମନା କରିଥାଏ ପ୍ରତ୍ୟେକ ଆତ୍ମା । ତେବେ ଅତିଭାଗ୍ୟଶାଳୀ ଲୋକଙ୍କୁ ହିଁ ପବିତ୍ର ସ୍ଥାନରେ ଦେହତ୍ୟାଗ କରିବାର ସୁଯୋଗ ଜୁଟିଥାଏ । ଏହିପରି ଏକ ପବିତ୍ର ସ୍ଥାନ ହେଉଛି କାଶୀ । ଏହି ସହର ଭଗବାନ ଶିବଙ୍କ ତ୍ରିଶୂଳ ଉପରେ ବିରାଜମାନ ବୋଲି ବିଶ୍ୱାସ କରାଯାଇଥାଏ । ଦେବ ଦେବ ମହାଦେବ କାଶୀର କଟୁଆଳ ରୂପେ କାଳଭୈରବଙ୍କୁ ନିଯୁକ୍ତ କରିଛନ୍ତି । ଏହି ସ୍ଥାନକୁ ଯମରାଜ ଏବଂ ଯମଦୂତଙ୍କ ପ୍ରବେଶ ବର୍ଜିତ । ସେଥିପାଇଁ ଏଠାରେ ଦେହତ୍ୟାଗ କଲେ ନର୍କ ପ୍ରାପ୍ତି ହୋଇନଥାଏ । ଧାର୍ମିକ ନଗରୀ କାଶୀରେ ଦେହତ୍ୟାଗ କରୁଥିବା ବ୍ୟକ୍ତିର ଭଲମନ୍ଦ କର୍ମର ବିଚାର କାଳଭୈରବ କରିଥାନ୍ତି । କାଳଭୈରବଙ୍କ ଦଣ୍ଡରୁ ମୁକ୍ତ ହେବା ପରେ ଦେହତ୍ୟାଗ କରୁଥିବା ଆତ୍ମା ନିଶ୍ଚିତ ରୂପେ ପରମାତ୍ମା ସହ ମିଳିତ ହୋଇଥାଏ ।



## ଭାନାମତୀଙ୍କୁ ଭେଟିଲେ ନାରଦ ଓ ରତି

ଭଗବାନ ବିଷ୍ଣୁଙ୍କର କଥା ଶୁଣି ପଦ୍ମିନୀ କହିଲେ ଇଏ କାନ୍ଦ ନୁହେଁ ପ୍ରଭୁ ପଶ୍ଚାତାପର ଅଶ୍ରୁ। ଏବେ ମୋର ମାୟା ଓ ରସାୟନ ବିଦ୍ୟା ପ୍ରତି ଲୋଭ ନାହିଁ। ଏବେ ମୁଁ ମୁକ୍ତି ଚାହୁଁଛି ପ୍ରଭୁ। ଯେବେ ଦ୍ୱାପର ଯୁଗରେ ମୋ ହାତରେ ତ୍ରିଲୋକ କଲ୍ୟାଣ ପାଇଁ କାର୍ଯ୍ୟ ସମ୍ପନ୍ନ ହେବ ଆପଣ ମୋତେ ମୁକ୍ତି ଦେଇଦେବେ ପ୍ରଭୁ ଏହା ମୋର ପ୍ରାର୍ଥନା। ଭଗବାନ ଶ୍ରୀହରି କହିଲେ ତଥାସ୍ତୁ।

ଏହାଶୁଣି ନାରଦମୁନି ଶ୍ରୀକୃଷ୍ଣଙ୍କୁ କହିଲେ ଆପଣଙ୍କ ଲୀଳା ଅପାର ପ୍ରଭୁ। ପ୍ରଦ୍ୟୁମ୍ନଙ୍କ ସୁରକ୍ଷା ଯୋଜନା ଆପଣ ପୂର୍ବରୁ ହିଁ କରିସାରିଛନ୍ତି। ପଦ୍ମିନୀଙ୍କ ମାୟା ଓ ରସାୟନ ବିଦ୍ୟା ଶିଖିବାର ଇଚ୍ଛା ପଛରେ ପ୍ରଭୁ କ'ଣ ଆପଣଙ୍କର ହାତ ନାହିଁ କି? ଏହାଶୁଣି ଶ୍ରୀକୃଷ୍ଣ ହସିଦେଲେ। ପୁଣି ସେ କହିଲେ ଦେବର୍ଷି! ଏବେ ଆପଣଙ୍କୁ ଓ ରତିଙ୍କୁ ଭାନାମତୀଙ୍କୁ ଯାଇ ଭେଟିବାକୁ ହେବ। ଭାନାମତୀକୁ ତା'ର ପୂର୍ବ ଜନ୍ମ କଥା ମନେ ପକାଇଦେଲେ ସେ ତାଙ୍କର ସବୁକିଛି ଫେରିପାଇବେ। ଋଷି ସଦାନନ୍ଦଙ୍କ ଅଭିଶାପରୁ ମୁକ୍ତି ପାଇବେ ଏବଂ ପ୍ରଦ୍ୟୁମ୍ନଙ୍କୁ ଯୁବାବସ୍ଥା ପ୍ରଦାନ କରିବେ।

ଏହାପରେ ଶ୍ରୀକୃଷ୍ଣ ଦେବୀ ରତିଙ୍କୁ କହିଲେ ଆପଣଙ୍କ କାର୍ଯ୍ୟ ହେଉଛି ପ୍ରଦ୍ୟୁମ୍ନକୁ ଏହାକହିବାକୁ ହେବ ଯେ, ସେ ହେଉଛନ୍ତି କାମଦେବ। ସମ୍ବରାସୁରର ଗୁରୁଦେବଙ୍କୁ ଜଣା ପଡ଼ିଗଲାଣି ଯେ, ପ୍ରଦ୍ୟୁମ୍ନ ହେଉଛି ମହାରାଜାଙ୍କର ମୃତ୍ୟୁଦାତା।




ତେଣୁ ସେ ପ୍ରଦ୍ୟୁମ୍ନଙ୍କୁ ମାରିବା ପାଇଁ ପ୍ରୟାସ କରିବେ। ତାଙ୍କ ପ୍ରୟାସକୁ ବିଫଳ କରିବା ପାଇଁ ଭାନାମତୀଙ୍କୁ ପୂର୍ବଜନ୍ମ କଥା ସ୍ମରଣ କରାଇବା ଆବଶ୍ୟକ। ଏହାଶୁଣି ଦେବୀ ରତି କହିଲେ ଆମକୁ ଅତିଶୀଘ୍ର ଭାନାମତୀଙ୍କୁ ଭେଟିବାକୁ ପଡ଼ିବ। ଏପରି କହି ଦେବର୍ଷି ନାରଦ ଓ ଦେବୀ ରତି ସେଠାରୁ ଚାଲିଗଲେ।

ଏପଟେ ଭାନାମତୀ ଝୁଲାରେ ପ୍ରଦ୍ୟୁମ୍ନକୁ ଶୁଆଉଥିଲେ ସେହି ସମୟରେ ନାରଦମୁନି ଓ ଦେବୀ ରତି ପ୍ରକଟ ହେଲେ। ଏହାଦେଖି ଭାନାମତୀ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ପ୍ରଣାମ କଲେ। ଦେବର୍ଷି ତାଙ୍କୁ ସୌଭାଗ୍ୟବତୀ ଭବଃ କହିବା ପରେ ରତି ଦେବୀଙ୍କ ପରିଚୟ କରାଇଲେ।

ଭାନାମତୀ କହିଲେ ଆପଣ ମୋ କୁଢ଼ିଆକୁ ଆସିଥିବାରୁ ଆପଣଙ୍କୁ ଅନେକ ଅନେକ ଧନ୍ୟବାଦ ହେଲେ ହଠାତ୍ ଆଜି ଆପଣଙ୍କ ଦର୍ଶନ? ନାରଦମୁନି କହିଲେ- ଅସୁର ଶ୍ରେଷ୍ଠ ସମ୍ବରାସୁରଙ୍କଠାରୁ ଜାଣିଲି ଆପଣ ଭୋଜନ ବହୁତ ସ୍ୱାଦିଷ୍ଟ କରୁଛନ୍ତି। ତେଣୁ ଭାବିଲୁ ଆମେ ଆପଣଙ୍କ ଆତିଥ୍ୟର ଆନନ୍ଦ ଉଠାଇବା ପାଇଁ। ଏହାଶୁଣି ଭାନାମତୀ କହିଲେ ଆପଣମାନେ ଏଠାରେ ତୃପ୍ତି ହୋଇ ଯିବେ ଏହା ହେବ ମୋର ପରମ ସୌଭାଗ୍ୟ। ରତି କହିଲେ ଏତେ କଷ୍ଟ ଉଠାଇବାର ଆବଶ୍ୟକତା ନାହିଁ। ଏହାପରେ ପ୍ରଦ୍ୟୁମ୍ନ ପାଖକୁ ଯାଇ କହିଲେ ମୁଁ ତୁମର ପୁତ୍ରକୁ ଦେଖିବା ପରେ ଧନ୍ୟ ହୋଇଗଲି। ବହୁତ ସୁନ୍ଦର ! ଦେଖିବା ପରେ ଲାଗୁଛି ଏହି ବାଳକ କୌଣସି ଈଶ୍ୱରୀୟ ଅଂଶ।

# କାଳୀୟ ଦଳନ


ଦିନେ ଭଗବାନ ଶ୍ରୀକୃଷ୍ଣ ଯମୁନା ନଦୀ କୂଳରେ ପହଞ୍ଚିଲେ । ତାଙ୍କ ସହିତ ବଳରାମ ନଥିଲେ । ଯମୁନା ନଦୀର ଜଳ କାଳୀୟ ନାଗର ବିଷ ଦ୍ୱାରା ନୀଳ ପଡ଼ିଯାଇଥିଲା । ସେଦିନ ପ୍ରବଳ ଗରମ ହେଉଥିଲା। ଗୋପବାଳକ ଓ ଗାଈଗୋରୁ ଶୋଷରେ ଆଉଟୁପାଉଟୁ ହେଉଥିଲେ । ଆଗପଛ ବିଚାର ନକରି ସମସ୍ତେ ଯମୁନା ନଦୀ ଜଳ ପିଇଗଲେ। ହେଲେ ବିଷ ପ୍ରଭାବରୁ ସମସ୍ତେ ପ୍ରାଣ ହରାଇଲେ । ଶ୍ରୀକୃଷ୍ଣ ଏସବୁ ଦୃଶ୍ୟ ଦେଖୁଥିଲେ । ସେ ତତ୍କ୍ଷଣାତ ସମସ୍ତଙ୍କୁ ବଞ୍ଚାଇଦେଲେ । ଏହାପରେ ଭଗବାନ ଶ୍ରୀକୃଷ୍ଣ ଯମୁନା ନଦୀର ଜଳକୁ ବିଷମୁକ୍ତ କରିବାକୁ ଚେଷ୍ଟା କଲେ । ଅଣ୍ଟାରେ ଗାମୁଛା ବାନ୍ଧି ସେ କଦମ୍ବ ଗଛକୁ ଚଢ଼ିଗଲେ ଏବଂ ସେଠାରୁ ଯମୁନା ନଦୀକୁ ଡେଇଁ ପଡ଼ିଲେ । ପାଣିରେ ସେ ଖେଳିବାକୁ ଲାଗିଲେ । ହାତ ଆଞ୍ଜୁଳିରେ ଯମୁନା ଜଳ ଫିଙ୍ଗିବାକୁ ଲାଗିଲେ । ଯମୁନା ନଦୀରେ ବଡ଼ ବଡ଼ ଢେଉ ଉଠିଲା । କାଳୀୟ ନାଗ ଏହି ଆଭାସ ପାଇଲା । ସେ କ୍ରୋଧିତ ହୋଇପଡ଼ିଲା ଓ ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ଆସି



ଉଭା ହେଲା । ସେ ଦେଖିଲା ଯେ କୃଷ୍ଣବର୍ଣ୍ଣର ଏକ ସୁନ୍ଦର ବାଳକ ଯମୁନା ଜଳରେ ଖେଳୁଛି । କାଳୀୟନାଗ ଲାଙ୍ଗୁଡ଼ରେ କୃଷ୍ଣଙ୍କୁ ଗୁଡ଼ାଇ ଚାପିଦେଲା । କୃଷ୍ଣଙ୍କୁ ଏଭଳି ସ୍ଥିତିରେ ଦେଖି ଅନ୍ୟ ଗୋପବାଳକ ଓ ଗୋରୁଗାଈ ଭୟଭୀତ ହୋଇପଡ଼ିଲେ । ମାତ୍ର ପରକ୍ଷଣରେ ଶ୍ରୀକୃଷ୍ଣ ନିଜକୁ ନାଗ କବଳରୁ ଛଡ଼ାଇନେଲେ। ଏହାପରେ କୃଷ୍ଣ ଓ ନାଗ ମଧ୍ୟରେ ଛକାପଞ୍ଝା ଲାଗି ରହିଲା। ଶେଷରେ ଶ୍ରୀକୃଷ୍ଣ କାଳୀୟ ନାଗର ଫଣା ଉପରକୁ ଚଢ଼ିଗଲେ ଏବଂ ନାଚିବାକୁ ଲାଗିଲେ। ଦୀର୍ଘ ସମୟ ଧରି ସେ ବଂଶୀ ବଜାଇ ନାଚିବା ଜାରି ରଖିଲେ। ଭଗବାନଙ୍କୁ ନାଚୁଥିବାର ଦେଖି ଦେବତା, ଯକ୍ଷ, ଗନ୍ଧର୍ବ ଆନନ୍ଦିତ ହୋଇ ମୃଦଙ୍ଗ ବଜାଇବାକୁ ଲାଗିଲେ । ସମଗ୍ର ସ୍ୱର୍ଗପୁରୀ ପରଂବ୍ରହ୍ମ ଶ୍ରୀକୃଷ୍ଣଙ୍କ ଏହି ଲୀଳା ଦେଖି ଆନନ୍ଦରେ ଗଦ୍‌ଗଦ୍ ହୋଇଉଠିଲା। ଶ୍ରୀକୃଷ୍ଣଙ୍କ ପାଦର ଭାର ସହିନପାରି କାଳୀୟ ନାଗ ରକ୍ତବାନ୍ତି କରିପକାଇଲା । ନାଗର ପତ୍ନୀ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ପ୍ରକଟ ହୋଇ କ୍ଷମା ପ୍ରାର୍ଥନା କଲା। ହେ ଭଗବାନ! ଦୁଷ୍ଟମାନଙ୍କର ସଂହାର ପାଇଁ ଆପଣ ଅବତାର ନେଇଛନ୍ତି । ଆପଣଙ୍କ ଶୌର୍ଯ୍ୟ ଦେଖି ଆମେ ମଧ୍ୟ ନିଜ ଭୁଲ୍ ବୁଝିପାରିଛୁ । କାଳୀୟ ନାଗ ଆପଣଙ୍କ ଚାପ ସହିବାରେ ଅସମର୍ଥ । ଦୟାକରି ତା'କୁ କ୍ଷମା ଦିଅନ୍ତୁ । ଦୟାଳୁ ଭଗବାନ କାଳୀୟ ନାଗକୁ ଛାଡ଼ିଦେଲେ। ତେଣୁ ସେ ଭଗବାନଙ୍କୁ ପ୍ରାର୍ଥନା କରି କହିଲା, ହେ ପରମେଶ୍ୱର! ଆପଣଙ୍କ ସୃଷ୍ଟିରେ ଆମେ ସର୍ପଗଣ ତମୋଗୁଣର ପ୍ରତିନିଧିତ୍ୱ କରିଥାଉ । ତେଣୁ ହେ ଭଗବାନ! ମୁଁ ଆପଣଙ୍କ ମାୟା ଦ୍ୱାରା ଦ୍ୱନ୍ଦ୍ୱରେ ପଡ଼ିଯାଇଛି । ଦୟାକରି ମୋର ତ୍ରୁଟି ମାର୍ଜନା କରନ୍ତୁ । ଏହାପରେ ଭଗବାନ କାଳୀୟକୁ କ୍ଷମାଦାନ କଲେ। କାଳୀୟ ନାଗ ସବୁଦିନ ପାଇଁ ଯମୁନା ନଦୀ ତ୍ୟାଗ କରି ରମନକଦ୍ୱୀପରେ ରହିବାକୁ ଚାଲିଗଲା। ସେବେଠାରୁ ଯମୁନା ଜଳ ବିଷ ପ୍ରଭାବରୁ ମୁକ୍ତ ହୋଇଗଲା।

## କ୍ୟାଲସିୟମ ଅଭାବ: ବହୁ ସ୍ୱାସ୍ଥ୍ୟ ସମସ୍ୟାର କାରଣ

କ୍ୟାଲସିୟମ ଶରୀର ପାଇଁ ଖୁବ ଆବଶ୍ୟକ। ଏହା ହାଡ଼କୁ ମଜଭୂତ କରିଥାଏ। ଏହାସହ ଏହା ପିଲାଙ୍କୁ ଶାରିରୀକ ବିକାଶରେ , ମାଂସପେଶୀକୁ ମଜଭୂତ କରିବାରେ ବେଶ



ସହାୟକ ହୋଇଥାଏ। ଶରୀରରେ କ୍ୟାଲସିୟମର ଅଭାବ ହେଲେ ହାଡ଼ ଦୁର୍ବଳ ହୋଇଯାଏ। ନଖ ମଧ୍ୟ ଦୁର୍ବଳ ହୋଇଥାଏ। ଏହାସହ କ୍ୟାଲସିୟମ ଅଭାବରୁ ସ୍ୱାସ୍ଥ୍ୟ ଜନିତ ବହୁ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ। ନିୟମିତ ନିଜ ଖାଦ୍ୟରେ କ୍ୟାଲସିୟମ ସାମିଲ କରିବା ନିତ୍ୟାନ୍ତ ଆବଶ୍ୟକ। ଯଦି ଆପଣଙ୍କ ଶରୀରରେ କ୍ୟାଲସିୟମର ଅଭାବ ହେଉଥାଏ, ତେବେ ଏହି ଖାଦ୍ୟକୁ ନିଜ ଦୈନନ୍ଦିନ ଖାଦ୍ୟରେ ନିଶ୍ଚୟ ସାମିଲ କରନ୍ତୁ।

**ଅଁଳା:** ଅଁଳାରେ ଭରପୂର ମାତ୍ରାରେ କ୍ୟାଲସିୟମ ରହିଛି। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ। ଏଥିରେ ଆଣ୍ଟି-ଅକ୍ସିଡ଼ାଣ୍ଟର ଗୁଣ ମଧ୍ୟ ରହିଛି। ଯାହା ଶରୀରକୁ ବିଭିନ୍ନ ସଂକ୍ରମଣରୁ ରକ୍ଷା କରିବାରେ ସହାୟକ ହୋଇଥାଏ।

**କିୱି:** କିୱିରେ ମଧ୍ୟ ଭରପୁର ମାତ୍ରାରେ କ୍ୟାଲସିୟମ ରହିଛି। ଏଥିରେ ଭିଟାମିନ ସି ମଧ୍ୟ ମିଳିଥାଏ। ତେଣୁ ଏହାର ସେବନରେ କ୍ୟାଲସିୟମର ଅଭାବ ଦୂର ହୋଇଥାଏ। କମଳାରେ ମଧ୍ୟ କ୍ୟାଲସିୟମ ବହୁ ମାତ୍ରାରେ ରହିଛି। ଏହାସହ ଏଥିରେ ଭିଟାମିନ ସି ମଧ୍ୟ ରହିଛି।

**ଡ୍ରାଏ ଫ୍ରୁଟ୍ସ:** ଏହା ଶରୀରର ସମସ୍ତ କ୍ୟାଲସିୟମ ଅଭାବକୁ ଦୂର କରିଥାଏ। ବାଦାମ, ପିସ୍ତା, ଅଖରୋଟ, ତରଭୂଜ ମଞ୍ଜିରେ କ୍ୟାଲସିୟମ ରହିଛି। ଏହାଛଡ଼ା ଜୁଆଣି, ଜିର. ହେଙ୍ଗୁ, ଲବଙ୍ଗ, ଧନିଆ, ଗୋଲମରିଚରେ ମଧ୍ୟ କ୍ୟାଲସିୟମ ରହିଛି।

**ସବୁଜ ପନିପରିବା -** ସବୁପନିପରିବାରେ ମଧ୍ୟ ଭରପୁର ମାତ୍ରାରେ କ୍ୟାଲସିୟମ ରହିଛି। ବନ୍ଧାକୋବି, ବିଭିନ୍ନ ଶାଗ, ମେଥି ପତ୍ର, ପୁଦିନା, ଧନିଆ, କାକୁଡ଼ି, ଗାଜର, ଭେଣ୍ଡି ମଧ୍ୟ ସାମିଲ କରନ୍ତୁ।

# ସ୍କୁଲ ଶିକ୍ଷାରେ ସାମିଲ ହେବ 'ମିଶନ ଲାଇଫ୍'

**ନୂଆଦିଲ୍ଲୀ/ଭୁବନେଶ୍ୱର,୧୮।୭ (ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସ୍କୁଲ ଶିକ୍ଷାରେ 'ମିଶନ ଲାଇଫ'କୁ ସମନ୍ୱିତ କରି ଏକ ସ୍ଥାୟୀ ଭବିଷ୍ୟତ ପାଇଁ କାର୍ଯ୍ୟ କରିବା ଦିଗରେ ଗୁରୁବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ମଧ୍ୟରେ ଏକ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏବଂ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ ଯେ ଜାତୀୟ ଶିକ୍ଷା ନୀତି ସ୍କୁଲ ପାଠ୍ୟକ୍ରମରେ ପରିବେଶ ସଚେତନତା ଏବଂ ଜଳବାୟୁ ପରିବର୍ତ୍ତନ ଶିକ୍ଷାକୁ ସମନ୍ୱିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଉଛି । ପୂର୍ବରୁ ମଧ୍ୟ ସ୍କୁଲ ଶିକ୍ଷାରେ ପରିବେଶଗତ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି । ଏହାକୁ ପାଠପଢାର ଅଂଶ ଭାବରେ ନିଆଯାଇ ବାଳବାଟିକାରୁ ବିଭିନ୍ନ କାର୍ଯ୍ୟକ୍ରମ ଓ ଅଭିଯାନ ମାଧ୍ୟମରେ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରାଯାଇଛି। ସ୍କୁଲ ପାଠ୍ୟକ୍ରମରେ ମିଶନ ଲାଇଫକୁ ଯୋଡାଗଲେ ସାରା ଭାରତବର୍ଷରେ ୧୪.୭ ଲକ୍ଷରୁ ଅଧିକ ସ୍କୁଲ ଏବଂ ୩୦ କୋଟିରୁ ଅଧିକ ଛାତ୍ରଛାତ୍ରୀମାନେ ଏହି ଜନଆନ୍ଦୋଳନରେ ଯୋଡ଼ିହେବେ, ଯାହା ପରିବେଶ ପାଇଁ ସୁସ୍ଥ ଜୀବନଶୈଳୀକୁ ବ୍ୟାପକ କରିବାରେ ସାହାଯ୍ୟ କରିବ। ସ୍ଥାୟୀତ୍ୱ ଏଜେଣ୍ଡାକୁ ଆଗେଇ ନେବା, ପିଲାମାନଙ୍କ ମଧ୍ୟରେ ପରିବେଶ ଅନୁକୂଳ ମାନସିକତା ଏବଂ ବ୍ୟବହାର ବଢାଇବା ଦିଗରେ ମୂଲ୍ୟବାନ ପରାମର୍ଶ ଦେଇଥିବାରୁ ଶ୍ରୀ ପ୍ରଧାନ ଉଭୟ ମନ୍ତ୍ରଣାଳୟକୁ ଧନ୍ୟବାଦ ଦେଇଛନ୍ତି।




ତୃଣମୂଳ ସ୍ତରରେ ଜଳବାୟୁ ଶିକ୍ଷାକୁ ଗ୍ରହଣ କରିବା, ଗାମିଫିକେସନ୍ ଏବଂ ଡିଜିଟାଲ୍ ପଦ୍ଧତି ମାଧ୍ୟମରେ ପରିବେଶଗତ ଶିକ୍ଷା ଏବଂ ତାଲିମକୁ ପ୍ରୋତ୍ସାହିତ କରିବା, ମିଶନ୍ ଲାଇଫ୍ର ଉପାଦାନଗୁଡ଼ିକ ଉପରେ ଶିକ୍ଷକ ହ୍ୟାଣ୍ଡବୁକକୁ ବିକଶିତ କରିବା ଏବଂ ଛାତ୍ରଛାତ୍ରୀ ତଥା ସମସ୍ତ ଷ୍ଟେକହୋଲଡରଙ୍କ ଦ୍ୱାରା ପରିବେଶ-ଅନୁକୂଳ ଆଚରଣକୁ ପ୍ରୋତ୍ସାହିତ କରିବା ପାଇଁ ମିଶନ ଲାଇଫର ସକରାତ୍ମକ ଦିଗକୁ କ୍ରେଡିଟ୍ ଫ୍ରେମୱାର୍କରେ ଅନ୍ତର୍ଭୁକ୍ତ କରିବା ପାଇଁ ଡାଏଟଗୁଡ଼ିକୁ ସାମିଲ କରିବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ଏବଂ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ମନ୍ତ୍ରଣାଳୟ ଜଳବାୟୁ-ସଚେତନ ନାଗରିକଙ୍କୁ ଯୋଡ଼ିବା ସହ ଆମ ପରିବେଶ ସୁରକ୍ଷା ପାଇଁ ସାମୂହିକ କାର୍ଯ୍ୟ କରିବ। ଜଳବାୟୁ ପ୍ରତିବଦ୍ଧତାକୁ ସାକାର କରିବା ସହ ଭାରତର ଜଳବାୟୁ ଲିଡରସିପ ପ୍ରତିଷ୍ଠା କରିବା ପାଇଁ ମିଳିତ ଭାବରେ କାର୍ଯ୍ୟ କରିବା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ।

# ଗୋମାଫିଆଙ୍କୁ ଧରିଲେ ଯୁବଗୋଷ୍ଠୀ

ଭୁବନେଶ୍ୱର, ୮।୭(ମହାଭାରତ): ଗୋଚାଲାଣ ବେଳେ ଗୋ ମାଫିଆଙ୍କୁ ଧରିଲେ ଯୁବ ଗୋଷ୍ଠୀ । ଗୋଟିଏ ସ୍କର୍ପିଓ ସହ ୩ ଗୋଚାଲାଣକାରୀଙ୍କୁ ଧରି ତମାଣ୍ଡୋ ଥାନାରେ ଜିମା ଦେଲେ ଯୁବ ଗୋଷ୍ଠୀ ।

ଅନେକ ଦିନ ଧରି ସ୍କର୍ପିଓ ଏବଂ ଟ୍ରାଭେରାରେ ରାଜଧାନୀର ଅନେକ ସ୍ଥାନରୁ ଗାଈ, ଷଣ୍ଢ ଚୋରୀ କରୁଥିବା ୩ ଚୋରଙ୍କୁ ଅନେକ ସଂଘର୍ଷ ପରେ ଗୋ ସେବକ ମାନେ ଧରିବାରେ ସଫଳ ହୋଇଛନ୍ତି । ଗୋମାତା ଚୋର ମାନେ ଦୈନିକ ଜାତୀୟ ରାଜପଥ ଏବଂ ବୁଲା ଗାଈ ଗୋରୁଙ୍କୁ କାର ଯୋଗେ ନେଇ କଂସେଇ ଖାନାରେ କାଟି ଗୋ ମାଂସକୁ ବଜାରରେ ବିଭିନ୍ନ ଦୋକାନରେ ବିକ୍ରି କରାଯାଉଥିବାର ଖବର ମିଳିଥିଲା କ୍ଷ ସିସିଟିଭି କ୍ୟାମେରାରେ ମଧ୍ୟ କିଛି ସ୍ଥାନରେ ଏହି ଭିଜୁଆଲ ଦେଖିବାକୁ ମିଥିଲା । ଯୋଜନା ମୁତାବକ ସ୍ଥାନୀୟ ଗୋ ରକ୍ଷକ ମାନେ ଗତକାଲି ବିଳମ୍ବିତ ରାତିରେ ଏକ ସ୍କର୍ପିଓ ଗାଡିରୁ ୩ ଟି ଗୋମାତାକୁ ଉଦ୍ଧାର କରିବା ସହ ୩ ଗୋଚାଲାଣ କାରୀଙ୍କୁ ଧରି ତମାଣ୍ଡୋ ପୋଲିସ ନିକଟରେ ଜିମା ଦେଇଛନ୍ତି । ଏହି ୩ ଗୋଚାଲାଣକାରୀ ଧରା ପଡ଼ିଥିବା ବେଳେ ଏହି ଗୋ ଚାଲାଣ ପଛରେ ଥିବା ମାଷ୍ଟର ମାଇଣ୍ଡ ଓ ଆଉ ଦୁଇଟି ୪ ଚକିଆ ଯାନ ଘଟଣା ସ୍ଥଳରୁ ଫେରାର ଥିବା ଜଣାପଡିଛି ।

# ଓଡ଼ିଶା ବନ୍ଦ ସଫଳ : ସିପିଆଇ

ଭୁବନେଶ୍ୱର,୧୮।୭(ମହାଭାରତ): ସିପିଆଇ ଓ କଂଗ୍ରେସ ସମେତ ୮ଟି ରାଜନୈତିକ ଦଳ ପକ୍ଷରୁ ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀର ବ୍ୟବସ୍ଥାକୃତ ହତ୍ୟାକାଣ୍ଡ ଉପରେ ବିଚାର ବିଭାଗୀୟ ତଦନ୍ତ, ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ ବାଲେଶ୍ୱର ବିଧାୟକଙ୍କ ଇସ୍ତଫା ଦାବି କରି ଓଡ଼ିଶା ବନ୍ଦ ଡାକରାକୁ ରାଜ୍ୟବାସୀ ସମ୍ପୂର୍ଣ୍ଣ ସମର୍ଥନ ଜଣାଇ ସଫଳ କରାଇଥିବାରୁ ସିପିଆଇ ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ ପାର୍ଟି ପକ୍ଷରୁ ଅଭିନନ୍ଦନ ଜଣାଇଛନ୍ତି । ଭୁବନେଶ୍ୱରସ୍ଥିତ ଭଗବତୀ ଭବନରୁ ଆଜି ସକାଳ ୬ଟା ସମୟରେ ସିପିଆଇ କର୍ମୀମାନଙ୍କର ଏକ ଶୋଭାଯାତ୍ରା ବାହାରି ରାଜମହଲ ଛକ, ମାଷ୍ଟରକ୍ୟାଣ୍ଟିନ, ବସ୍ଷ୍ଟାଣ୍ଡ ଓ ରେଳ ଷ୍ଟେସନ ପରିକ୍ରମା କରି ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ କରାଇଥିଲେ । ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ଏହି ବନ୍ଦକୁ ସମର୍ଥନ କରି ସଫଳ କରାଇଥିଲେ । ରାଜ୍ୟ ବିଜେପି ସରକାରର ଏକବର୍ଷ ମଧ୍ୟରେ ରାଜ୍ୟରେ ଛାତ୍ରୀ, ମହିଳା, ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଓ ସାଧାରଣ ମଣିଷ ସୁରକ୍ଷିତ ନୁହନ୍ତି । ଖୋଦ ଆମେରିକାର ରାଷ୍ଟ୍ରପତି ଓଡ଼ିଶାକୁ ମହିଳାମାନେ ନ ଆସିବା ପାଇଁ ବାର୍ତ୍ତା ଦେଲା ପରେ ଓଡ଼ିଶା ସମଗ୍ର ବିଶ୍ୱରେ ନିନ୍ଦିତ ହୋଇ ସାରିଛି । ବାଲେଶ୍ୱରରେ ଛାତ୍ରୀ ବିଜେପି ଦଳର ଛାତ୍ରସଂଗଠନର ସଦସ୍ୟ ଥାଇ ମଧ୍ୟ ନିଜର ନିରାପତା ପାଇଁ ନିଜ କଲେଜ କର୍ତ୍ତୃପକ୍ଷ, ଥାନା, ସ୍ଥାନୀୟ ବିଜେପି ବିଧାୟକ, ବାଲେଶ୍ୱର ସାଂସଦଙ୍କୁ ସାକ୍ଷାତ କରି ନିଜ ସୁରକ୍ଷାର ଗୁହାରି କରିଥିଲେ ବି ସେମାନେ ସୁରକ୍ଷା ଦେବା ପରିବର୍ତ୍ତେ ସମ୍ପୃକ୍ତ ଅଧ୍ୟାପକ ବିଜେପିର ଛାତ୍ର ସଂଗଠନର ସଦସ୍ୟ ଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ । ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଇତ୍ୟାଦିଙ୍କୁ ଜଣାଇଥିଲେ ବି କେହି ତାଙ୍କୁ ନିରାପତା ଦେବା ପାଇଁ ତତ୍ପରତା ପ୍ରକାଶ କରି ନ ଥିଲେ, ଯାହାର ଫଳସ୍ୱରୂପ ସେ ବ୍ୟବସ୍ଥାକୃତ ହତ୍ୟାର ଶିକାର ହେଲେ ।

ଭୁବନେଶ୍ୱରରେ ଓଡ଼ିଶା ବନ୍ଦକୁ ସଫଳ କରାଇବା ପାଇଁ ଚାଲିଥିବା ଆନେ୍ଦାଳନରେ ସିପିଆଇ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସମ୍ପାଦକମଣ୍ଡଳୀ ସଦସ୍ୟ, ଡା. ପ୍ରଶାନ୍ତ ମିଶ୍ର, ଜୟନ୍ତ ଦାସ, ବିଜୟ ଜେନା, ଜୋନ ସମ୍ପାଦକ ସୁର ଜେନା, ବସନ୍ତ ପାଇକରାୟ, ନମିତା ସାହୁ, ସୁରେନ୍ଦ୍ର ବେହେରା, କିଶୋର ନାୟକ, ବିଶ୍ୱଜିତ୍ ନାୟକ, ଜ୍ଞାନରଞ୍ଜନ ପ୍ରଧାନ ପ୍ରମୁଖ ଏହି ଆନେ୍ଦାଳନର ନେତୃତ୍ୱ ନେଇଥିଲେ । ପାର୍ଟି ପକ୍ଷରୁ ଏହି ବନ୍ଦ ଆନ୍ଦୋଳନକାରୀମାନେ ଶୋଭାଯାତ୍ରାରେ ସଚିବାଳୟ ଆଡ଼କୁ ଅଗ୍ରସର ହେଲାବେଳେ ଦୁଇଶହରୁ ଅଧିକ କର୍ମକର୍ତ୍ତାଙ୍କୁ ପୋଲିସ୍ ଗିରଫ କରିଥିଲା ।

# ଛାତ୍ରୀ , ମହିଳା କର୍ମଚାରୀଙ୍କ ସୁରକ୍ଷା ପାଇଁ ହେଲ୍ପ ଲାଇନ ନମ୍ବର ଜାରି କଲା ଗଣଶିକ୍ଷା ବିଭାଗ

ଭୁବନେଶ୍ୱର, ୧୮।୭(ମହାଭାରତ): ବିଦ୍ୟାଳୟରେ କାର୍ଯ୍ୟରତ ଥିବା ମହିଳା କର୍ମଚାରୀଙ୍କ ସୁରକ୍ଷା ସହିତ ସମସ୍ତ ପିଲାଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ଗଠନ କରିବା ଏବଂ ବିଶେଷ କରି ଅଧ୍ୟୟନରତ ଛାତ୍ରୀଙ୍କୁ ଶାରୀରିକ, ମାନସିକ ଆଦି ନିର୍ଯାତନାରୁ ସୁରକ୍ଷାକୁ ଗୁରୁତ୍ୱ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଶେଷ ପଦେକ୍ଷପ ଗ୍ରହଣ କରିଛି। ଏଥିପାଇଁ ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏକ୍ସରେ ସୂଚନା ଦେଇଛନ୍ତି।

ମହିଳା କର୍ମଚାରୀଙ୍କ ପାଇଁ ହେଲ୍ପ ଲାଇନ ନମ୍ବର ୧୮୧ ରଖାଯାଇଥିବା ବେଳେ ଶିଶୁଙ୍କ ପାଇଁ ୧୦୯୮ ହେଲ୍ପ ଲାଇନ ନମ୍ବର ରଖା ଯାଇଛି। ସେହିଭଳି ସ୍କୁଲ ଛାତ୍ର ଛାତ୍ରୀଙ୍କ ପାଇଁ ୧୮୦୦୩୪୫୬୭୨୨ ନମ୍ବର ଜାରି ସହିତ ୧୧୨ ନମ୍ବରେ କଲ୍ କରି ପୋଲିସ ସହାୟତା ନେବା ପାଇଁ ନମ୍ବର ଜାରି ହୋଇଛି। ଏହା ସହିତ ବିଦ୍ୟାଳୟରେ ଅଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ପାଇଁ ବିଭାଗ ନିଷ୍ପତି ନେଇଛି।

ସମସ୍ତ ବିଦ୍ୟାଳୟରେ ମହିଳା କର୍ମଚାରୀ, ଶିଶୁ ଓ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ସୁରକ୍ଷିତ ପରିବେଶ ସୃଷ୍ଟି ଉପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଗୁରୁତ୍ୱ ଦେଉଛି ବୋଲି ଲେଖିଛନ୍ତି ମନ୍ତ୍ରୀ।

# ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ମାମଲାର ଏସଆଇଟି ତଦନ୍ତ ଦାବିରେ ହାଇକୋର୍ଟରେ ପିଆଇଏଲ୍

ଭୁବନେଶ୍ୱର,୧୮।୭(ମହାଭାରତ): ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ମାମଲାର ଏସଆଇଟି ତଦନ୍ତ ଦାବିରେ ହାଇକୋର୍ଟରେ ପିଆଇଏଲ୍ ଦାଖଲ ହୋଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତି ହାଇକୋର୍ଟରେ ଏହି ମାମଲା ଦାୟର କରିଛନ୍ତି। ହାଇକୋର୍ଟଙ୍କ ତତ୍ୱାବଧାନରେ ଘଟଣାର ଏସଆଇଟି ତଦନ୍ତ ପାଇଁ ଦାବି ହୋଇଛି। ସେହିପରି କ୍ରାଇମବ୍ରାଂଚ ତଦନ୍ତ ରିପୋର୍ଟ ଦାଖଲ ପାଇଁ ଡିଜିପି ଓ କ୍ରାଇମବ୍ରାଂଚ ଡିଜିଙ୍କୁ ନିର୍ଦ୍ଦେଶ ଦେବାଲାଗି ନିବେଦନ କରାଯାଇଛି। ସେହିପରି ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମର ରିପୋର୍ଟ ଉପସ୍ଥାପନ ସହ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଆଇସିସି କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେବାକୁ ଅପିଲ କରାଯାଇଛି। ମାମଲାରେ ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି , ପିସିସି ସଭାପତି, ବିଜେଡି ଓ ୟୁଜିସି ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

# କେନ୍ଦୁଝର ମେଡିକାଲ କଲେଜ୍ ଟ୍ରମା କେୟାର ସେଂଟରରେ ପ୍ରଥମ ଅସ୍ଥିଶଲ୍ୟ ଅସ୍ତ୍ରୋପଚାର

ଭୁବନେଶ୍ୱର,୧୮।୭(ମହାଭାରତ): କେନ୍ଦୁଝରର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ସେଂଟରରେ ପ୍ରଥମ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଛି। ୧୦ ବର୍ଷର ବାଳକ କ୍ଷିରୋଦ ଜାମୁଡ଼ାଙ୍କୁ ନୂଆ ଜୀବନ ମିଳିଛି।

ଚଳିତ ମାସ ୧୪ ତାରିଖ ସନ୍ଧ୍ୟାରେ କ୍ଷିରୋଦ ଏକ ସଡ଼କ ଦୁର୍ଘଟଣାରେ ଗମ୍ଭୀର ଭାବେ ଆହତ ହୋଇଥିଲେ । କ୍ଷିରୋଦଙ୍କୁ ପ୍ରଥମେ ହରିଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଗଲାପରେ କେନ୍ଦୁଝରର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲକୁ ଟ୍ରମା କେନ୍ଦ୍ରକୁ ଉଚ୍ଚତର ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଥିଲା। ଟ୍ରମା କେନ୍ଦ୍ରରେ ପରୀକ୍ଷା ନିରୀକ୍ଷା ପରେ ଚିକିତ୍ସକମାନେ ତାଙ୍କ ଦେହରେ ହିମୋଗ୍ଲୋବିନ ମାତ୍ରା କମ ଥିବାର ଲକ୍ଷ୍ୟ କରିଥିଲେ। ତେଣୁ, ବିଶେଷଜ୍ଞ ଡାକ୍ତରମାନେ ତାଙ୍କୁ ଆବଶ୍ୟକୀୟ ଆଶୁ ଚିକିତ୍ସା ଦେଇଥିଲେ । ତାଙ୍କ ଶରୀରର ଗୁରୁତ୍ୱପୂର୍ଣ୍ଣ ମାନକ ଗୁଡିକ ଅସ୍ତ୍ରୋପଚାର ସ୍ଥିତିକୁ ଆସିଲା ପରେ ଅର୍ଥୋପେଡିକ ଅସ୍ତ୍ରୋପଚାର ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା ।

ଏଥିପାଇଁ ଅର୍ଥୋପେଡିକ ପ୍ରଫେସର ଅଶୋକ କୁମାର ନାୟକ, ଆନେସ୍ଥେସିଆ ପ୍ରଫେସର ଦେବାଶିଷ ସ୍ୱାଇଁ, ଡାକ୍ତର ଅନନ୍ତ ନାରାୟଣ ପାତ୍ର ଓ ଅଧ୍ୟକ୍ଷ ପ୍ରଫେସର ମହେନ୍ଦ୍ର କୁମାର ନାୟକଙ୍କୁ ନେଇ ଏକ ବିଶେଷଜ୍ଞ ଟିମ ଗଠନ କରାଯାଇଥିଲା । ସଫଳ ଅସ୍ତ୍ରୋପଚାର ପରେ ଏବେ କ୍ଷିରୋଦଙ୍କୁ ଟ୍ରମା କେୟାର ଆଇସିୟୁରେ ୨୪ ଘଂଟିଆ ନିରୀକ୍ଷଣ ପାଇଁ ରଖାଯାଇଛି ।

ବିଶେଷଜ୍ଞ ଟିମ କ୍ଷିରୋଦଙ୍କର ଅସ୍ତ୍ରୋପଚାର ପରବର୍ତ୍ତୀ ସ୍ଥିତି ନେଇ ଆତ୍ମସନ୍ତୋଷ ବ୍ୟକ୍ତ କରିବା ସହ ସେ ସେ ଶୀଘ୍ର ଆରୋଗ୍ୟ ଲାଭ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି।

# ଓଡ଼ିଶା ବନ୍ଦରେ ସାମିଲ ହେଲେ କେନ୍ଦ୍ରୀୟ ଶ୍ରମିକ ସଂଗଠନ

ଭୁବନେଶ୍ୱର,୧୮।୭(ମହାଭାରତ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଜଣଙ୍କ ଆତ୍ମାହୁତି କରିଥିବାରୁ ରାଜ୍ୟରେ କଂଗ୍ରେସ ସମେତ ସିପିଏମ୍, ସିପିଆଇ, ସିପିଆଇ (ଏମ୍-ଏଲ୍)ଲିବେରସେନ, ଫରୱାର୍ଡ ବ୍ଲକ, ଆର.ଜେ.ଡ଼ି, ଏନ୍.ସି.ପି. (ସ), ସମାଜବାଦ ପାର୍ଟି ପକ୍ଷରୁ ଦିଆଯାଇଥିବା ବନ୍ଦକୁ ସଫଳ କରିବା ଲାଗି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଜି ବିଭିନ୍ନ ଜାଗାରେ ପିକେଟିଂ କରି ମାଷ୍ଟର କ୍ୟାଂଟିନ ଛକ ଠାରେ ଏକାଠି ହୋଇଥିଲେ। ଏହାପରେ ପ୍ରାୟ ୧୨ ଘଟିକା ସମୟରେ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ଗାନ୍ଧୀମାର୍ଗ ଠାରେ ବିଭିନ୍ନ ରାଜ୍ୟନୈତିକ ଦଳର ନେତାମାନଙ୍କ ସହିତ ଶ୍ରମିକ ନେତାମାନେ ମଧ୍ୟ ଗିରଫ ହୋଇଥିଲେ।

ଆଜିର ଓଡ଼ିଶା ବନ୍ଦ ଡାକରାରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା, ଏ.ଆଇ.ଟି.ୟୁ.ସି., ଏଚ୍.ଏମ୍.ଏସ୍, ସି.ଆଇ.ଟି.ୟୁ., ଏ.ଆଇ.ୟୁ.ଟି.ୟୁ.ସି., ଏ.ଆଇ.ସି.ସି.ଟି.ୟୁ.,ଟିୟୁସିସି, ଏଲପିଏଫ୍ ଏହି ବନ୍ଦରେ ଭାଗନେଇ ସମର୍ଥନ ଜଣାଇଛନ୍ତି ଓ ବିଭିନ୍ନ ଶ୍ରମିକ ସଂଗଠନମାନେ ନିଜ ନିଜ ଅଂଚଳରେ ବନ୍ଦରେ ସାମିଲ ଥିଲେ। ଏହି ବନ୍ଦରେ ଡ. ରାମଚନ୍ଦ୍ର ଖୁଣ୍ଟିଆ, ପ୍ରାକ୍ତନ ସାଂସଦ, କିଶୋର ଜେନା,ମହେନ୍ଦ୍ର ପରିଡ଼ା, ବିଜୟ ଜେନା, ଜୟନ୍ତ ଦାସ, ଦୁଷ୍ମନ୍ତ ଦାସ, ବିଷ୍ଣୁ ମହାନ୍ତି, ବି.ଏନ୍. ମହାପାତ୍ର, ନିରଞ୍ଜନ ମହାନ୍ତି, ଜୟସେନ ମେହେର, ରାଧାକାନ୍ତ ସେଠୀ, ଜ୍ୟୋତିରଞ୍ଜନ ମହାପାତ୍ର, ବି.ପି. ଦାସ, ମଧୁସୁଦନ ପ୍ରଧାନ, ମାୟାଧର ସେଠୀ, ପ୍ରଦୀପ୍ତ ନାୟକ ପ୍ରମୁଖ ଭାଗ ନେଇ ପୁଲିସ ଦ୍ୱାରା ଗିରଫ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଣତୀ ମିଶ୍ର, ସିଲି ସେଠି, ସୁର ଜେନା, ମାନସ ପାତ୍ର, ମାନସ ରଞ୍ଜନ ପ୍ରଧାନ, ରଶ୍ମିରଞ୍ଜନ ପରିଡା ପ୍ରମୁଖ ବନ୍ଦକୁ ସଫଳ ଯୋଗ ଦେଇଥିଲେ।

# ୪୮ ଆନ୍ଦୋଳନକାରୀ ଅଟକ

ଭୁବନେଶ୍ୱର, ୧୮।୭(ମହାଭାରତ): କଂଗ୍ରେସର ଓଡ଼ିଶା ବନ୍ଦ ପାଳନ ବେଳେ ୪୮ ଜଣ ଆନ୍ଦୋଳନକାରୀଙ୍କୁ ଅଟକ ରଖାଯାଇଛି ବୋଲି ପୋଲିସ କମିଶନର ସୁରେଶ ଦେବଦତ ସିଂ ସୂଚନା ଦେଇଛନ୍ତି। ସେ କହିଛନ୍ତି

ଆନ୍ଦୋଳନକୁ ନେଇ ପୋଲିସ ପ୍ରସ୍ତୁତ ଥିଲା, ସବୁଠି ଫୋର୍ସ ମୁତୟନ ଥିଲା। ଗଣତାନ୍ତ୍ରିକ ଭାବେ କଂଗ୍ରେସ ଆନ୍ଦୋଳନ କରିଥିଲା। କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ବିଶୃଙ୍ଖଳା ଯାଗୁଁ ସେମାନଙ୍କୁ ଅଟକ ରଖାଯାଇଛି। ଆନ୍ଦୋଳନରେ ୪୮ଜଣ ଅଟକ ଅଛନ୍ତି। ଆନ୍ଦୋଳନ ନେଇ କଂଟ୍ରୋଲ ରୁମରେ ମନିଟରିଂ କରାଯାଇଥିଲା।ଆନ୍ଦୋଳନକାରୀଙ୍କ ଉପରେ ଡ୍ରୋନ ଜରିଆରେ ନଜର ରଖାଯାଇଛି। ସାହାଯ୍ୟ ପାଇଁ ୮ ସ୍ଥାନରୁ ପୋଲିସକୁ ଫୋନ୍ ଆସିଥିଲା ।

# ବିରୋଧୀ ଡାହାଣୀ ହୋଇ ଲାଗୁଛନ୍ତି ଓ ଗୁଣିଆ ହୋଇ ଝାଡୁଛନ୍ତି : ଅପରାଜିତା

ଭୁବନେଶ୍ୱର,୧୮।୭(ମହାଭାରତ): ବାଲେଶ୍ୱର ଏଫ.ଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ଘଟଣା ଅତ୍ୟନ୍ତ ଦୁଃଖଦାୟକ ଓ ହୃଦୟବିଦାରକ, ଯାହା ଆମ ସମସ୍ତଙ୍କୁ ବ୍ୟଥିତ କରିଛି। ବିରୋଧୀ ଦଳ ଭାବେ କଂଗ୍ରେସ ଓ ବିଜେଡିକୁ ଆନ୍ଦୋଳନ କରିବାର ସଂପୂର୍ଣ୍ଣ ଅଧିକାର ରହିଛି, ମାତ୍ର ଅସହିଷ୍ଣୁ ହୋଇ ହୀନ ରାଜନୀତି କରି ଅଗଣତାନ୍ତ୍ରୀକ ଉପାୟରେ ବାତାବରଣ ନଷ୍ଟ କରିବା ଅନୁଚିତ୍। ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ପୂର୍ବରୁ ନିଜ ଶାସନ କାଳର କାର୍ଯ୍ୟକଳାପକୁ ଉଭୟ ବିଜେଡି ଓ କଂଗ୍ରେସ ଦଳ ଆତ୍ମସମୀକ୍ଷା କରିବା ଉଚିତ୍ ଥିଲା । ନିଜ ନିଜ ଶାସନ କାଳରେ କଂଗ୍ରେସ ଦଳ ୪୦ ବର୍ଷ ଏବଂ ବିଜେଡି ୨୪ ବର୍ଷ ଧରି ରାଜ୍ୟରେ ମହିଳା ସୁରକ୍ଷା ଓ ସଶକ୍ତିକରଣ ପାଇଁ କାର୍ଯ୍ୟ କରିଥିଲେ, ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା । ନିଜ ଇତିହାସକୁ ଭୁଲି ଯାଇ ଉଭୟ ଦଳ ଦୋଷାରୋପଣ ରାଜନୀତି କରୁଛନ୍ତି । କଂଗ୍ରେସ ଦଳର ରାଷ୍ଟ୍ରୀୟ ସଭାନେତ୍ରୀ ଦିଲ୍ଲୀରୁ ବାତାବରଣ ଅଶାନ୍ତ କରିବାକୁ ଓଡିଶା ଆସିଛନ୍ତି । ନାରୀ ସୁରକ୍ଷା ପ୍ରସଙ୍ଗରେ ଅଶାନ୍ତି ସୃଷ୍ଟି କରିବାକୁ କଂଗ୍ରେସ ଓ ବିଜେଡିର କୌଣସି ପ୍ରକାର ନୈତିକ ଅଧିକାର ନାହିଁ । ସେମାନଙ୍କ ଆଚରଣ ଓ ଉଚାରଣରୁ ଏହା ସ୍ପଷ୍ଟ ହେଉଛି ଯେ; ବିରୋଧୀ ବିଜେଡି ଓ କଂଗ୍ରେସ "ଡାହଣୀ ହୋଇ ଲାଗୁଛନ୍ତି ଓ ଗୁଣିଆ ହୋଇ ଝାଡୁଛନ୍ତି" । କେବଳ ଅସ୍ତିତ୍ୱ ବଜାୟ ରଖିବା ଓ ନ୍ୟୁଜରେ ରହିବା ହେଉଛି ଉଭୟ ଦଳର ପ୍ରକୃତ ଉଦ୍ଦେଶ୍ୟ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି ।



ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ, ମହିଳା ସୁରକ୍ଷା ଆମ ଦାୟୀତ୍ୱ ଓ ପ୍ରାଥମିକତା । ଏଫ୍‌ଏମ୍ କଲେଜ ଘଟଣାର ଗଭୀରତା ଓ ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କଠୋର ପଦକ୍ଷେପ ନେଇଛନ୍ତି । ଏହି ଘଟଣା ରାଜ୍ୟ ସରକାରଙ୍କ ସଂଜ୍ଞାନକୁ ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ହେବା ପୂର୍ବରୁ କାର୍ଯ୍ୟାନୁଷ୍ଠାନ ନିଆଗଲା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ତୁରନ୍ତ ଅଭିଯୁକ୍ତ ଅଧ୍ୟାପକଙ୍କୁ ନିଲମ୍ବନ କରାଯିବା ସହ ଗିରଫ କରାଯାଇ କୋର୍ଟ ଚାଲାଣ କରାଗଲା । ଉକ୍ତ ଦିନ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ରାଜ୍ୟ ସରକାରଙ୍କ ତରଫରୁ ତୁରନ୍ତ ରିପୋର୍ଟ ମଗାଯାଇଥିଲା । ମାତ୍ର ୨୪ ଘଂଟା ମଧ୍ୟରେ ପ୍ରାଥମିକ ରିପୋର୍ଟ ଆସିଥିଲା । ଉକ୍ତ ରିପୋର୍ଟ ଆଧାରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, କଲେଜ ଅଧ୍ୟକ୍ଷଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

ବିଜୁ ଜନତା ଦଳ ସରକାର ସମୟରେ କେଉଁ ପ୍ରକାର କେଳଙ୍କାରୀ ହୋଇଥିଲା ତାହା ସମସ୍ତଙ୍କୁ ଜଣା ଅଛି । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଥରେ ବି ଚିକିତ୍ସାଧୀନ ପୀଡିତାଙ୍କୁ ଦେଖା କରିବାକୁ ଯାଇଥିଲେ କି ? ମାତ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୨ ଥର ପୀଡ଼ିତାଙ୍କୁ ଭେଟିବା ସହ କିପରି ଚିକିତ୍ସା ପ୍ରଦାନ କରାଯାଉଛି ତା'ଉପରେ ନଜର ରଖିଥିଲେ । ଏପରିକି ଆବଶ୍ୟକ ପଡ଼ିଲେ ପୀଡ଼ିତାଙ୍କୁ ଏୟାରଲିଫ୍ଟିଂ କରି ଦିଲ୍ଲୀ ନେବାକୁ ମଧ୍ୟ କହିଥିଲେ । କଂଗ୍ରେସର ସରକାର ବେଳେ ମହିଳାମାନଙ୍କ ଉପରେ ଅନେକ ଅତ୍ୟାଚାର ହୋଇଥିଲା । ମାତ୍ର ବିଗତ ସରକାର ସମୟରେ କେବେବି ରାଷ୍ଟ୍ରପତି ଯାଇ ପୀଡ଼ିତାଙ୍କୁ ଭେଟିଥିଲେ କି? ରାଜ୍ୟରେ ବିଜେପି ସରକାର ଗଠନ କରିବାର ମାତ୍ର ୧ ବର୍ଷ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ତରଫରୁ ୩ ଥର ଇଂଟରନାଲ କମ୍ପ୍ଲେନ କମିଟି(ଆଇସିସି) କାର୍ଯ୍ୟାଧାରକୁ ନେଇ ସମୀକ୍ଷା କରାଯାଇଛି । ମହାମହିମ ରାଜ୍ୟପାଳ ମଧ୍ୟ ପୂର୍ବରୁ ଆଇସିସିର ସମୀକ୍ଷା କରିଥିଲେ । ସେଥିପାଇଁ ଏଫ୍‌ଏମ୍ କଲେଜରେ ଆଇସିସି କାର୍ଯ୍ୟକ୍ଷମ ଥିଲା । ଏହି ଘଟଣା ଘଟିବା ପରେ ଗତ ୨ ଦିନରେ ମଧ୍ୟରେ ରାଜ୍ୟର ସମସ୍ତ ମହାବିଦ୍ୟାଳୟଗୁଡ଼ିକୁ ଚିଠି କରାଯାଇ ଇଂଟରନ୍ୟାଲ କମ୍ପ୍ଲେନ କମିଟି ଗୁଡ଼ିକର ସ୍ଥିତି ସମ୍ପର୍କରେ ପଚରାଯାଇଛି । ଯଦି କମିଟି ଗଠନ ହୋଇନାହିଁ ତୁରନ୍ତ ଗଠନ କରାଯାଉ ।

# ପୂର୍ବତଟ ରେଳପଥ ପକ୍ଷରୁ ଅତିରିକ୍ତ କୋଚ୍ ସଂଯୋଗ

ଭୁବନେଶ୍ୱର, ୧୮।୭(ମହାଭାରତ):ପୂର୍ବତଟ ରେଳପଥ ପକ୍ଷରୁ ଯାତ୍ରୀଙ୍କ ସୁବିଧା ବୃଦ୍ଧି ଓ ବର୍ଦ୍ଧିତ ଯାତ୍ରା ଚାହିଦାକୁ ପୂରଣ କରିବା ଲକ୍ଷ୍ୟରେ ଏବଂ ଉତମ ଯାତ୍ରା ସୁବିଧା ସୁନିଶ୍ଚିତ କରିବା ପାଇଁ କିଛି ଟ୍ରେନର ସମୟସୀମା ବୃଦ୍ଧି ଏବଂ ଅତିରିକ୍ତ କୋଚ୍ ସଂଯୋଗ ବ୍ୟବସ୍ଥା କରାଯାଇଛି ।ନିରନ୍ତର ଜନସାଧାରଣଙ୍କ ଚାହିଦା ଏବଂ ପୃଷ୍ଠପୋଷକତାକୁ ଦୃଷ୍ଟିରେ ରଖି ଟ୍ରେନ ନମ୍ବର ୦୨୮୩୨/ ୦୨୮୩୧ ଭୁବନେଶ୍ୱର-ଧାନବାଦ-ସ୍ପେଶାଲ ୩୧ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱରରୁ ଏବଂ ଧାନବାଦରୁ ଏହା ୦୧ ଅଗଷ୍ଟ ୨୦୨୫ ତାରିଖ ପର୍ଯ୍ୟନ୍ତ ଚଳାଚଳରେ ବୃଦ୍ଧି କରାଯାଇଛି । ଟ୍ରେନ ନମ୍ବର ୦୨୮୩୯/୦୨୮୪୦ ଶାଲିମାର-ପୁରୀ-ସ୍ପେଶାଲ ୩୧ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ଶାଲିମାରରୁ ଏବଂ ପୁରୀରୁ ଏହା ୧ ସେପଟ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଚଳାଚଳରେ ବୃଦ୍ଧି କରାଯାଇଛି । ସେହିପରି ୨୦୭୦୭/ ୨୦୭୦୮ ସିକନ୍ଦରାବାଦ-ବିଶାଖାପାଟନମ୍-ସିକନ୍ଦରାବାଦ ବନ୍ଦେ ଭାରତ ଏକ୍ସପ୍ରେସକୁ ୧୬ ରୁ ୨୦ କୋଚକୁ ବୃଦ୍ଧି କରାଯାଇଛି ଯାହା ଦ୍ୱାରା ଯାତ୍ରୀଙ୍କ ଚାହିଦା ବୃଦ୍ଧି ଏବଂ ଯାତ୍ରା ଆରାମ ଆରମ ଦାୟକ ହୋଇପାରିବ। ଏହାସହ ୧୮୧୧୭/ ୧୮୧୧୮ ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସରେ ଗୋଟିଏ ସ୍ଲିପର୍ କ୍ଲାସ କୋଚ୍ ଏବଂ ଗୋଟିଏ ଏସି ୨-ଟାୟାର ଅତିରିକ୍ତ କୋଚ୍ ସଂଯୋଗ କରାଯାଇଛି।

# ସୁଶାସନ ଅଭ୍ୟାସ ସଂପର୍କିତ ଜାତୀୟ ସମ୍ମିଳନୀ ଅଧିବେଶନ

ଭୁବନେଶ୍ୱର,୧୮।୭(ମହାଭାରତ): ସୁଶାସନ ଅଭ୍ୟାସ ସଂପର୍କିତ ଜାତୀୟ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ପ୍ରଧାନମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଏବଂ ଜିଲ୍ଲାଗୁଡ଼ିକର ସାମଗ୍ରିକ ବିକାଶ ଉପରେ ଦେଶର ବିଭିନ୍ନ ଜିଲ୍ଲାରୁ ସମ୍ମିଳନୀରେ ଯୋଗଦେଇଥିବା ଜିଲ୍ଲାପାଳମାନେ ସେମାନଙ୍କର ସଫଳତା ଉପସ୍ଥାପନ କରିଥିଲେ । ଏହା କିପରି ସଂପୃକ୍ତ ବ୍ଲକଗୁଡ଼ିକର ବିକାଶ ହେବା ସଂଗେ ସଂଗେ ଜିଲ୍ଲା ତଥା ରାଜ୍ୟର ବିକାଶରେ ସହାୟକ ହୋଉପାରିଛି, ସେ ସଂପର୍କରେ ଆଲୋକପାତ କରିଥିଲେ ।

ସମ୍ମିଳନୀର ଏହି ଦ୍ୱିତୀୟ ଅଧିବେଶନ, ଭାରତ ସରକାରଙ୍କ ପ୍ରଶାସନିକ ସଂସ୍କାର ଓ ଜନ ଅଭିଯୋଗ ବିଭାଗର ଯୁଗ୍ମ ଶାସନ ସଚିବ ଶ୍ରୀମତୀ ସରିତା ଚୌହାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଝାଡଖଣ୍ଡ ରାଜ୍ୟ ଷଢ଼େଇକଳା- ଖରସୁଆଁ ଜିଲ୍ଲା ଗମ୍ଭାରିଆ ବ୍ଲକ ସହିତ ଜିଲ୍ଲାର ସାମଗ୍ରିକ ବିକାଶ ସଂପର୍କରେ ଜିଲ୍ଲାପାଳ ରବି ଶଙ୍କର ଶୁକ୍ଳା ଉପସ୍ଥାପନ କରିଥିବା ବେଳେ କେରଳ ରାଜ୍ୟ କସରଗଡ ଜିଲ୍ଲା ପାରାପ୍ପା ବ୍ଲକର ବିକାଶ ସହିତ ଜିଲ୍ଲାର ବିକାଶରେ ଉଲ୍ଲେଖନୀୟ ଯୋଗଦାନ ସଂପର୍କରେ ଜିଲ୍ଲାପାଳ ଇମ୍ବାଶେକର କାଲିମୁଥୁ, ତେଲେଙ୍ଗାନା ରାଜ୍ୟ ଆଦିଲାବାଦ ଜିଲ୍ଲା ଅନ୍ତର୍ଗତ ନାରନୁର ବ୍ଲକରେ ଉଲ୍ଲେଖନୀୟ କାର୍ଯ୍ୟ ସଂପର୍କରେ ଜିଲ୍ଲାପାଳ ରାଜର୍ଷି ଶାହ ଏବଂ ତ୍ରିପୁରା ଗଙ୍ଗନଗର ବ୍ଲକରେ ଉଲ୍ଲେଖନୀୟ ବିକାଶ ସଂପର୍କରେ ଜିଲ୍ଲାପାଳ ବାହୀଦ୍ ଏ.ଆଲୋକପାତ କରିଥିଲେ ।

ତେଲେଙ୍ଗାନାର ଆଦିଲାବାଦ ଜିଲ୍ଲାରେ ଗୋଷ୍ଠୀ ସମ୍ପ୍ରଦାୟ-ନେତୃତ୍ୱାଧୀନ ଏବଂ ଅନ୍ତର୍ଭୁକ୍ତିକରଣ ପଦକ୍ଷେପ ମାଧ୍ୟମରେ ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ଅଣାଯାଇପାରିଛି । ସରକାରୀ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଭିତିଭୂମିର ସୁଦୃଢୀକରଣ ଏବଂ ଆଦିବାସୀମାନଙ୍କ ସ୍ୱାସ୍ଥ୍ୟ ପାଇଁ ସରକାରୀ ପଦକ୍ଷେପକୁ ଲକ୍ଷ୍ୟଭିତିକ କରାଯାଇପାରିଛି । ସେହିପରି, ତ୍ରିପୁରାରେ ସ୍ଥାନୀୟ ନେତୃବୃନ୍ଦଙ୍କ ସକ୍ରିୟ ଅଂଶଗ୍ରହଣ ରାଜ୍ୟବ୍ୟାପୀ ସାମାଜିକ ବିକାଶ ପଦକ୍ଷେପଗୁଡ଼ିକୁ ତ୍ୱରାନ୍ୱିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ରାଜ୍ୟ ଏବଂ କେନ୍ଦ୍ରର ସାମଗ୍ରିକ ପ୍ରୟାସରେ ସ୍ଥାନୀୟ ବିକାଶ ପୂର୍ବକ ଦେଶର ବିକାଶ କରିବା ଏହି ଅଧିବେଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଦୃଷ୍ଟାନ୍ତମୂଳକ କାର୍ଯ୍ୟ ସଫଳତା ଉପସ୍ଥାପନ, ଦେଶର ଅନ୍ୟ ରାଜ୍ୟ ଓ ଜିଲ୍ଲାରୁ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ସହିତ ଆଗାମୀ ଦିନରେ ଅଭିନବତା ପଥ ଗ୍ରହଣ କରିବା ପାଇଁ ପ୍ରେରିତ କରିଛି।

# ଅପରାଜିତାଙ୍କ ଉପରେ ବର୍ଷିଲା ବିଜେଡି

ଭୁବନେଶ୍ୱର,୧୮।୭(ମହାଭାରତ): ବିଜେପିର ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ସୌମ୍ୟାଶ୍ରୀ ଆତ୍ମହୁତି ଘଟଣାରେ ଆଜି ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜୁ ଜନତା ଦଳ କଟୁ ସମାଲୋଚନା କରିଛି।

ଶଙ୍ଖ ଭବନ ଠାରେ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ଉପସଭାପତି ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ଓ ପୂର୍ବତନ ସାଂସଦ ଡ଼ଃ ରାଜଶ୍ରୀ ମଲ୍ଲିକ ଅପରାଜିତାଙ୍କ ଉପରେ ବର୍ଷିଥିଲେ। ଶ୍ରୀମତୀ ଛୁରିଆ କହିଥିଲେ, ସାଂସଦ ଅପରାଜିତା ଜଣେ ଭଉଣୀର ମୃତ୍ୟୁ ଉପରେ ଶସ୍ତା ରାଜନୀତି କରୁଛନ୍ତି। ଆଜିର ମନ୍ତବ୍ୟ କେବଳ ସରକାରଙ୍କ ପିଠି ଥାପୁଡ଼େଇବା ପାଇଁ ଉଦିଷ୍ଟ। ଯେତେବେଳେ, ସମଗ୍ର ରାଜ୍ୟର ଜନସାଧାରଣ ସୌମ୍ୟଶ୍ରୀଙ୍କ ଦୁଃଖଦ ମୃତ୍ୟୁ ପାଇଁ ଦୁଃଖରେ ମ୍ରିୟମାଣ ହୋଇଛନ୍ତି, ସାଂସଦ ଅପରାଜିତା ନିଜ ଦଳର ସରକାରଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ବିଏମସିରେ ଯେତେବେଳେ ତାଙ୍କ ଦଳର ଗୁଣ୍ଡା ମାନେ ଅତିରିକ୍ତ କମିସନରଙ୍କ ଉପରେ ଅମାନବୀୟ ଆକ୍ରମଣ କରିଥିଲେ, ଅପରାଜିତାଙ୍କ ମନ୍ତବ୍ୟ ଗୋଟିଏ ପ୍ରକାରର ଥିଲା ଏବେ ବାଲେଶ୍ୱର ଛାତ୍ରୀ ଆତ୍ମହୁତି ଘଟଣାରେ ଆପଣଙ୍କ ସ୍ୱର ଦବି ଯାଉଛି କାହିଁକି ବୋଲି ଶ୍ରୀମତୀ ଛୁରିଆ ପ୍ରଶ୍ନ କରିଛନ୍ତି।

ରାଜ୍ୟରେ ଆପଣଙ୍କ ସରକାର ଅଛି, ଯିଏ ବି ଦୋଷୀ ତାଙ୍କୁ ଦଣ୍ଡ ଦିଅନ୍ତୁ। ଅନ୍ୟ ଉପରେ ଦୋଷ ଲଦି ମନ୍ତବ୍ୟ ଦେଇ ଘଟଣାକୁ ବିଭ୍ରାନ୍ତ କରନ୍ତୁ ନାହିଁ। ପୀଡିତାଙ୍କ ଏଫ୍‌ଆଇଆର୍ ଗ୍ରହଣ କରି କ'ଣ ପାଇଁ ପୋଲିସ ମାମଲା ରୁଜୁ କଲା ନାହିଁ। ସେତେବେଳେ ଶାସକ ଦଳର କେଉଁ ନେତା ପୋଲିସ ଉପରେ ଚାପ ପକାଇଥିଲେ ତାହା ମଧ୍ୟ ତଦନ୍ତ ହେବାର ଆବଶ୍ୟକ ଅଛି। ଛାତ୍ରୀଙ୍କ ମୃତ୍ୟୁ ପରେ, ଆପଣ ଶୂନ୍ୟ ସହନଶୀଳତା କଥା କହୁଛନ୍ତି, କିନ୍ତୁ ଯେତେବେଳେ ସେ ନ୍ୟାୟ ପାଇଁ ଦୁଆର ଦୁଆର ବୁଲୁଥିଲା, ସେତେବେଳେ ସରକାର କ'ଣ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିଲେ ? ପୀଡିତା ଛାତ୍ରୀ କଲେଜ ଅଧକ୍ଷଙ୍କୁ ଅଭିଯୋଗ କରିବା ବ୍ୟତୀତ ସାଂସଦ, ବିଧାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ନ୍ୟାୟ ନମିଳିଲେ, ଆତ୍ମହତ୍ୟା କରିବ ବୋଲି ସିଧାସଳଖ ଜଣାଇଥିଲେ ମଧ୍ୟ କେହି ତାଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନଥିଲେ। କଲେଜ ଅଧ୍ୟକ୍ଷ ଓ ଅଭିଯୁକ୍ତ ଅଧ୍ୟାପକ ଯେତିକି ଦାୟୀ, ଯେଉଁମାନେ ଛାତ୍ରୀଙ୍କର ଅଭିଯୋଗକୁ ଅଣଦେଖା କରିଛନ୍ତି, ସେମାନେ ମଧ୍ୟ ସେତିକି ଦାୟୀ।



ଡ଼ଃ ରାଜଶ୍ରୀ ମଲ୍ଲିକ କହିଥିଲେ, ନିଜ ସରକାରଙ୍କ ଅପାରଗତାକୁ ଲୁଚାଇବାକୁ ଯାଇ ବିଜେଡି ସରକାର ଓ ନବୀନ ପଟ୍ଟନାୟକଙ୍କୁ ଦୋଷ ଦେଉଛନ୍ତି। ରାଜ୍ୟରେ ମହିଳାଙ୍କ ସମ୍ମାନ ବୃଦ୍ଧି କ୍ଷେତ୍ରରେ ଓ ମହିଳାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ଦେଶରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲା। ଓଡ଼ିଶାର ଜନ ସାଧାରଣ ନବୀନଙ୍କୁ ପାଞ୍ଚ ପାଞ୍ଚ ଥର ଆଶୀର୍ବାଦ କରିଥିଲେ। ସାଂସଦ ଅପରାଜିତା ନବୀନ ପଟ୍ଟନାୟକଙ୍କ ଉପରେ ମନ୍ତବ୍ୟ ଦେବା ପୂର୍ବରୁ ନିଜ ଆଡ଼କୁ ଟିକେ ଦେଖନ୍ତୁ। ସାଂସଦ ଭାବେ ତାଙ୍କ ଉପଲବ୍ଧି କଣ ରହିଛି ? କେବଳ ଏକ ଫୁଟ ଓଭରବ୍ରିଜ ବ୍ୟତୀତ ଆଉ ବିଶେଷ କିଛି ନାହିଁ। ତେଣୁ, ସାଂସଦ ଅପରାଜିତା ଆକ୍ଷେପ କରିବା ଛାଡ଼ନ୍ତୁ। ଜଣେ ନାରୀ ନେତ୍ରୀ ହିସାବରେ, ପୀଡିତା ଛାତ୍ରୀ କିପରି ନ୍ୟାୟ ପାଇବେ, ସେ ଦିଗରେ ଧ୍ୟାନ ଦିଅନ୍ତୁ ବୋଲି ଡ଼ଃ ମଲ୍ଲିକ କହିଥିଲେ।

# ଆତଙ୍କୀ ଚେତାବନୀ

ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ବଦ୍ଧପରିକର ଭାରତ ଓ ପୁଲଓ୍ୱାମା ଆକ୍ରମଣ ପରେ ପାକିସ୍ତାନ ଉପରେ ସର୍ଜିକାଲ ଷ୍ଟ୍ରାଇକ ଓ ପହଲଗାମ ଘଟଣା ପରେ ଅପେରସନ ସିନ୍ଦୁର ଥିଲା ବଳିଷ୍ଠ ତଥା ଦୃଢ ସାମରିକ ପଦକ୍ଷେପ ଓ ପାକିସ୍ତାନ ପ୍ରୋତ୍ସାହିତ ଆତଙ୍କବାଦୀ ଅଡ୍ଡାସ୍ଥଳ ଉପରେ ଭାରତର ଆକ୍ରମଣ ପରେ ମଧ୍ୟ ଶତ୍ରୁ ଦେଶର ଚେତା ପଶିନାହିଁ ଓ ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ମସୁଦ ଆଝାର ପାକିସ୍ତାନରେ ଲୁଚିରହି ବହୁଦିନର ବ୍ୟବଧାନ ପରେ ଭାରତକୁ ପରୋକ୍ଷ ଭାବରେ ଚେତାବନୀ ଶୁଣାଇଛି ଓ ମସୁଦ ହେଉଛି ଆତଙ୍କବାଦୀ ସଂଗଠନ, ଜୈଶ - ଇ - ମହମ୍ମଦର ମୁଖ୍ୟ । ପାକିସ୍ତାନର ଏକ ମସଜିଦରେ ମସୁଦର ଏକ ଅଡିଓ ପ୍ରସାରଣ କରାଯାଇଛି । ସେଥିରେ ମସୁଦ କହିଛି ଯେ ଅନ୍ୟ ମାନଙ୍କ ପାଖରେ ଆକ୍ରମଣ କରିବା ପାଇଁ ମିସାଇଲ ଅଛି ଓ କିନ୍ତୁ ତାର ସଙ୍ଗଠନ ନିକଟରେ ଫିଦାୟୀନ (ଆତ୍ମଘାତୀ ଆକ୍ରମଣକାରୀ ) ଅଛନ୍ତି ଓ ଯେ କୌଣସି ସମୟରେ ଆକ୍ରମଣ ପାଇଁ ୧୦ ହଜାର ଫିଦାୟୀନ ପ୍ରସ୍ତୁତ ରହିଛନ୍ତି । ଜୈଶ ପାଖରେ ଏବେ ବି ଅଛନ୍ତି ୩୦ ହଜାର କ୍ୟାଡର ଓ ସ୍ମରଣଯୋଗ୍ୟ ଯେ କିଛି ଦିନ ପୂର୍ବ ପାକିସ୍ତାନ ପିପୁଲ ପାର୍ଟି (ପିପିପି)ମୁଖ୍ୟ ତଥା ପୂର୍ବତନ ବୈଦେଶିକ ମନ୍ତ୍ରୀ, ବିଲାୱଲ ଭୁଟ୍‌ଟୋ କହିଥିଲେ ଯେ ମସୁଦ ପାକିସ୍ତାନରେ ନାହିଁ । ସେ ଆଫଗାନିସ୍ତାନରେ ଥାଇପାରେ । କିନ୍ତୁ ମସୁଦର ଅଡିଓ ପାକିସ୍ତାନରେ ତାର ଉପସ୍ଥିତିକୁ ପ୍ରମାଣିତ କରିଛି ଓ ପାକିସ୍ତାନ ଏଭଳି ଜଘନ୍ୟ ଅପରାଧୀଙ୍କୁ ଆଶ୍ରୟ ଦେଇ ବିଶ୍ୱ ସମୁଦାୟ ,ବିଶେଷ କରି ଭାରତକୁ ପ୍ରତାରିତ କରିଆସିଛି । ଅନ୍ୟପକ୍ଷରେ ଭାରତ ଏହାର ଏକ ୫୧ଜଣିଆ ସଂସଦୀୟ ପ୍ରତିନିଧିମଣ୍ଡଳୀକୁ ବିଶ୍ୱର ବିଭିନ୍ନ ଦେଶକୁ ପଠାଇ ଆତଙ୍କବାଦ ଉପରେ ଦେଶର କଡ଼ା ଆଭିମୁଖ୍ୟକୁ ସ୍ପଷ୍ଟ କରିଛି ଓ ପାକିସ୍ତାନର ଅସଲ ମୁଖା ଖୋଲିବାର ପ୍ରୟାସ କରିଛି ଓ ଅନ୍ୟପକ୍ଷରେ ଏବେ ପାକିସ୍ତାନରେ ରାଜନୈତିକ ଅସ୍ଥିରତା ତୀବ୍ର ଆକାର ଧାରଣ କଲାଣି ।ଏହା ସତ୍ତ୍ୱେ ପାକିସ୍ତାନ କିଛି ଶିକ୍ଷା ଲାଭ କରୁନାହିଁ ଓ ଚୀନର ସହାୟତାରେ ପାକିସ୍ତାନ ଏହାର ସାମର୍ଥ୍ୟ ପ୍ରଦର୍ଶନ କରୁଛି । ମସୁଦର ଏହି ଅଡିଓ ମାଧ୍ୟମରେ ଆତଙ୍କୀ ସଙ୍ଗଠନ ପାଇଁ ପାଣ୍ଠି ସଂଗ୍ରହ ସହଜ ହୋଇପାରେ । ବିଦେଶରୁ ମଧ୍ୟ ହାୱାଲା ମାଧ୍ୟମରେ ଅର୍ଥ ଆସିପାରେ ଓ ବାଜପାୟୀ ସରକାର ସମୟରେ କାନ୍ଦାହାର ବିମାନ ଅପହରଣ ଘଟଣାରେ ମସୁଦକୁ ସର୍ତ୍ତ ମୁତାବକ ଜେଲରୁ ମୁକ୍ତ କରାଯାଇଥିଲା । ବିମାନ ଯାତ୍ରୀଙ୍କ ଜୀବନ ରକ୍ଷା ପାଇଁ ଏପରି ପଦକ୍ଷେପ ନେବାକୁ ପଡିଥିଲା । ଦୀର୍ଘ ଦଶ ବର୍ଷର ବ୍ୟବଧାନ ପରେ ମସୁଦ ମୁହଁ ଖୋଲିଛି ଓ ମସୁଦ ପାକିସ୍ତାନରେ ଲୁଚିଛି ବୋଲି ଜାଣିଥିଲେ ମଧ୍ୟ ମସୁଦକୁ ଗିରଫ କରି ଭାରତକୁ ସମର୍ପଣ ପାଇଁ ଆମ ଦେଶ ପକ୍ଷରୁ ଆନ୍ତର୍ଜାତିକ ସ୍ତରରେ ଜୋରଦାର ଚାପ ପ୍ରୟୋଗ କରାଯାଉ ନାହିଁ ଓ ଜାମ୍ମୁ - କାଶ୍ମୀରରେ ଶାନ୍ତି ଓ ସ୍ଥିରତା ଫେରିଆସିଥିବା ସମୟରେ ପହଲଗାମ ଆତଙ୍କୀ ହମଲା ଭାରତକୁ ଅଧିକ ସଜାଗ ଓ ସତର୍କ କରିଛି ଓ ମସୁଦ ୨୦୦୧ ସଂସଦ ଭବନ ଆକ୍ରମଣ, ୨୦୦୮ ୨୬/୧୧ ମୁମ୍ବାଇ ଆକ୍ରମଣ,୨୦୧୬ ପଠାନକୋଟ ଆକ୍ରମଣ ଏବଂ ୨୦୧୯ ପୁଲଓ୍ୱାମା ଆକ୍ରମଣର ମାଷ୍ଟର ମାଇଣ୍ଡ ଥିଲା ମସୁଦ ଓ ୨୦୧୯ ରେ ଜାତିସଙ୍ଘ ତାକୁ ବୈଶ୍ୱିକ ଆତଙ୍କବାଦୀ ଭାବେ ଘୋଷଣା କରିଛି ଓ ପାକିସ୍ତାନରେ ଏବେ ସାମରିକ ବିଦ୍‌ରୋହର ପଦଧ୍ୱନି ଶୁଭୁଥିବାବେଳେ ମସୁଦର ଏପରି ବିଳାପକୁ ତାର ଫୁତକାର କହିବା ବୋଧହୁଏ ଠିକ ହେବ ଓ ସାମରିକ ଦୃଷ୍ଟିକୋଣରୁ ଦେଖିଲେ,ମସୁଦର ଧମକକୁ ପ୍ରତିହତ ଓ ମୁକାବିଲା କରିବା ପାଇଁ ଭାରତୀୟ ସେନା ସତତ ସଜାଗ ରହିଛି ଓ କିନ୍ତୁ ପୁଲଓ୍ୱାମା ଆକ୍ରମଣରେ ବ୍ୟବହୃତ ବିସ୍ଫୋରକ ଆମାଜନ ଇ - କମର୍ସ ୱେବସାଇଟରୁ କିଣାଯାଇଥିଲା ବୋଲି ବିଶ୍ୱବ୍ୟାପୀ ଆତଙ୍କବାଦୀ ପାଣ୍ଠି ଯୋଗାଣ ଉପରେ ନଜର ରଖୁଥିବା ସଂସ୍ଥା ଫାଇନାନସିଆଲ ଆକ୍ସନ ଟାସ୍କଫୋର୍ସ ( ଏଫଟିଏଫ) ନିଜର ସଦ୍ୟତମ ରିପୋର୍ଟରେ ଖୁଲାସା କରିବା ପରେ ଚହଳ ସୃଷ୍ଟି ହୋଇଛି । ଏପରିକି ଗୋରଖନାଥ ମନ୍ଦିର ହମଲାକାରୀଙ୍କୁ ପେ - ପାଲ ଜରିଆରେ ପେମେଣ୍ଟ ହୋଇଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ତେଣୁ ଇ - କମର୍ସ ଓ ଡିଜିଟାଲ ଯଦି ଭୁଲ ଲୋକଙ୍କ ହାତରେ ପଡେ, ତେବେ ସେମାନେ ଆତଙ୍କବାଦକୁ ପ୍ରୋତ୍ସାହନ ଦେବାର ମଧ୍ୟମ ସାଜିପାରନ୍ତି ବୋଲି ଏଫଟିଏଫ ଚେତାବନୀ ଶୁଣାଇଛି ଓ ଭାରତ ସରକାର ଏହି ଦିଗରେ ସତର୍କତାମୂଳକ ପଦକ୍ଷେପ ନେବାର ଜରୁରୀ ଆବଶ୍ୟକତା ରହିଛି ।

# ‘ସତ୍ୟ ପଥେ ଧର୍ମପଥେ, ଘେନିଯାଅ ମୋତେ’

## ଦେବଦତ୍ତ ବିଶ୍ୱାଳ

ଧର୍ମ ଶବ୍ଦକୁ ବିଭିନ୍ନ ବ୍ୟକ୍ତି ବିଭିନ୍ନ ଅର୍ଥ ଅର୍ଥାନ୍ତର କରି ବ୍ୟବହାର କରିଥାନ୍ତି। ବୁଝାମଣା ଅଭାବରେ ମତାନ୍ତର ସୃଷ୍ଟି ହୁଏ। ଧର୍ମ ନାମର ନାନା ଅଘଟଣ ମଧ୍ୟ ଘଟିଥାଏ। ‘ଧୃ’ ଧାତୁରୁ ଧର୍ମ ଶବ୍ଦ ସୃଷ୍ଟ ହୋଇଛି। ଯାହା ଧରି ରଖିଛି ତାହା ହିଁ ଧର୍ମ। ମହାନାରାୟଣୋପନିଷଦ୍‌ରେ କୁହାଯାଇଛି, ‘ଧର୍ମୋ ବିଶ୍ୱସ୍ୟ ଜଗତଃ ପ୍ରତିଷ୍ଠା’ ଅର୍ଥାତ୍ ଧର୍ମ ହିଁ ସମସ୍ତ ସଂସାର ପ୍ରତିଷ୍ଠାର ମୂଳ କାରଣ । ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଗୀତାରେ କହିଛନ୍ତି ଯେ ପ୍ରାଣ ଉପରେ ସଂକଟ ଆସିଲେ ମଧ୍ୟ ଧର୍ମ ପଥରୁ ବିଚ୍ୟୁତ ହେବା ଉଚିତ ନୁହେଁ । ମହାଭାରତ ଯୁଦ୍ଧ ସମୟରେ ଦୁର୍ଯ୍ୟୋଧନ ମାତା ଗାନ୍ଧାରୀଙ୍କ ପାଖକୁ ଯାଇ ବିଜୟୀ ହେବାର ଆଶୀର୍ବାଦ ମାଗିଲେ।

ଗାନ୍ଧାରୀ ଧର୍ମକୁ ବୁଝିବା ଭଳି ଜ୍ଞାନୀ ମହିଳା ଥିଲେ । ଦୁର୍ଯ୍ୟୋଧନ ବିଜୟ ପ୍ରାପ୍ତି ପାଇଁ ଆଶୀର୍ବାଦ ମାଗନ୍ତେ, ଗାନ୍ଧାରୀ କହିଲେ, ‘ଯତୋ ଧର୍ମସ୍ତତୋ ଜୟଃ’ । ଅର୍ଥାତ୍ ଯେଉଁଠି ଧର୍ମ, ସେଇଠି ହିଁ ବିଜୟ । ଯୁଦ୍ଧରେ ଗାନ୍ଧାରୀଙ୍କ ସବୁ ପୁତ୍ର ପ୍ରାଣ ହରାଇଲେ । ଧର୍ମଜ୍ଞ ହୋଇଥିଲେ ସୁଦ୍ଧା ସେ ଜଣେ ମା’ ଥିଲେ । ପୁତ୍ର ଶୋକରେ ତାଙ୍କ ହୃଦୟ ସନ୍ତପ୍ତ ହୋଇଉଠିଲା । କୌରବଙ୍କ ବିନାଶ ପରେ ଯୁଧୀଷ୍ଠିର ଅନ୍ୟ ପାଣ୍ଡବଙ୍କ ସମେତ ମାତା ଗାନ୍ଧାରୀଙ୍କୁ ସମବେଦନା ଜଣାଇବାକୁ ଆସିଲେ । ସେଠାରେ ମହର୍ଷି ବ୍ୟାସ ମଧ୍ୟ ଉପସ୍ଥିତ ଥିଲେ । ଗାନ୍ଧାରୀ ପାଣ୍ଡବଙ୍କୁ ଦେଖିବା କ୍ଷଣି ନିଜ ପୁତ୍ରଙ୍କ କଥା ମନେ ପକାଇବା ସହ ଧୈର୍ଯ୍ୟ ହରାଇ କ୍ରୋଧିତ ହୋଇଉଠିଲେ ।
ମହର୍ଷି ବ୍ୟାସ ଜାଣିପାରିଲେ ଯେ ଗାନ୍ଧାରୀ ପାଣ୍ଡବମାନଙ୍କୁ ଅଭିଶାପ ଦେବାକୁ ତତ୍ପର ହୋଉଠିଛନ୍ତି । ସେ କହିଲେ, ଗାନ୍ଧାରୀ, ଶାନ୍ତ ହୋଇଯାଅ । ତୁମେ ଧୈର୍ଯ୍ୟହରା ହୋଇ ପାଣ୍ଡବଙ୍କ ଉପରେ କ୍ରୋଧିତ ହୁଅନାହିଁ । ଆଶୀର୍ବାଦ ମାଗିବ ସମୟରେ ତୁମେ ଦୁର୍ଯ୍ୟୋଧନକୁ, ଧର୍ମର ହିଁ ଜୟ ହେବ ବୋଲି କହିଥିଲ । କ’ଣ ପାଣ୍ଡବଙ୍କ ବିଜୟ ପରେ ଧର୍ମର ବିଜୟ ନେଇ ତୁମ ମନରେ କୌଣସି ସନ୍ଦେହ ରହିଛି ? ଏହା ଶୁଣି ଗାନ୍ଧାରୀ ଶାନ୍ତ ହୋଇଗଲେ । ତେଣୁ ପ୍ରକୃତ ଧର୍ମ ଶିକ୍ଷା ଦିଏ ଉତ୍ତମ ଆଚରଣ କରିବା ପାଇଁ ଦୟାଶୀଳ ହେବା ପାଇଁ, ସହନଶୀଳ ହେବା ପାଇଁ। ଧର୍ମର ବିସ୍ତୀର୍ଣ୍ଣ ପ୍ରାଙ୍ଗଣରେ ମନ୍ଦିର, ମସଜିଦ, ଗୀର୍ଜା, ଗୁରୁଦ୍ୱାର ଗୋଟିଏ ଗୋଟିଏ ଶାନ୍ତିପ୍ରଦ ସୁନ୍ଦର ଆଶ୍ରୟସ୍ଥଳ। ମଣିଷକୁ ସଦଭାବନା, ସତଶିକ୍ଷା ଦେବାର ଉତ୍କୃଷ୍ଟ କେନ୍ଦ୍ର। ସେ ପବିତ୍ର ପୀଠରେ ବସି ରହି ଆମକୁ ପ୍ରାର୍ଥନା କରିବାକୁ ହେବ - ‘ସତ୍ୟ ପଥେ ଧର୍ମପଥେ, ଘେନିଯାଅ ମୋତେ, ଭସାଅ ପରାଣ ମୋର, ତବ ପ୍ରେମ ସ୍ରୋତେ। ପ୍ରଭୋ ! ପରମ ଶରଣ ଏ ଜୀବନ ଶ୍ରୀଚରଣେ କଲି ସମର୍ପଣ।’

ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ, ଦୂରଭାଷ : ୯୮୬୧୯୪୪୫୯୪
E-mail : deba1976biswal@gmail.com

# ଦଲାଇଲାମାଙ୍କ ପୁନର୍ଜନ୍ମକୁ ନେଇ କାହିଁକି ଭୟଭୀତ ଚୀନ ?

## ଡ. ସମନ୍ୱୟ ନନ୍ଦ

ତିବ୍ୱତର ସର୍ବୋଚ୍ଚ ଧର୍ମଗୁରୁ ଓ ଜୀବନ୍ତ ବୁଦ୍ଧ ଭାବେ ସ୍ୱୀକାର କରାଯାଉଥିବା ଦଲାଇଲାମା ପୁଣି ଥରେ ସ୍ପଷ୍ଟ କରି ଦେଇଛନ୍ତି ଯେ ଦଲାଇଲାମା ସଂସ୍ଥା ସମାପ୍ତ ହେବ ନାହିଁ ଓ ତାଙ୍କର ପୁନର୍ଜନ୍ମ ନିଶ୍ଚିତ ଭାବରେ ହେବ । ୯୦ ବର୍ଷ ବୟସରେ ଉପନୀତ ହୋଇଥିବା ଦଲାଇଲାମା ଏହା ବ୍ୟତୀତ ସେ ଚୀନ ଓ ନିଜର ଅନୁଯାୟୀ ମାନଙ୍କୁ ସ୍ପଷ୍ଟ ଭାଷାରେ ବାର୍ତ୍ତା ଦେଇଛନ୍ତି ଯେ ଆଗାମୀ ଦଲାଇଲାମା କିଏ ହେବ ତାହାର ନିଷ୍ପତି ଆଧାତ୍ମିକ ଭାବେ କରାଯିବ । ଶହ ଶହ ବର୍ଷର ତିବତୀୟ ପରମ୍ପରା ଅନୁସାରେ ତାଙ୍କର ପୁନର୍ଜନ୍ମ ହେବ ଓ ତାଙ୍କର ସହଯୋଗୀ ବିଶ୍ୱସ୍ତ ବୌଦ୍ଧ ଭିକ୍ଷୁ ମାନଙ୍କର ଏକ ସମୂହ ନିକଟରେ ତାଙ୍କର ଉତରାଧିକାରୀକୁ ଚିହ୍ନଟ କରିବା ନିମନ୍ତେ ସମ୍ପୂର୍ଣ ଅଧକାର ରହିବ । ଏହା ଏକ ଦୀର୍ଘ ପ୍ରକ୍ରିୟା ହୋଇଥାଏ ଯେଉଁଥିରେ ଏକ ଶିଶୁକୁ ଖୋଜା ଯାଏ ଯେଉଁଥିରେ ଦଲାଇଲାମାଙ୍କ ଆତ୍ମାର ପୁନର୍ଜନ୍ମ ହୋଇଥାଏ । ଦଲାଇଲାମା ଏହି ଅବସରରେ ନିଜର ଭିକ୍ଷୁ ମାନଙ୍କୁ କହିଛନ୍ତି ଏହି ବିଷୟରେ ହସ୍ତକ୍ଷେପ କରିବାର କାହାକୁ କୌଣସି ଅଧିକାର ନାହିଁ ।



ଦଲାଇଲାମାଙ୍କ ଏହି ଘୋଷଣା ବାସ୍ତବରେ କମ୍ୟୁନିଷ୍ଟ ଚୀନକୁ ଏକ ବଡ ବାର୍ତ୍ତା ବୋଲି ମନେ କରାଯାଉଛି । କାରଣ କମ୍ୟୁନିଷ୍ଟ ଚୀନ ସରକାରକୁ ସେ ସ୍ପଷ୍ଟ ଶବ୍ଦରେ ସୂଚାଇ ଦେଇଛନ୍ତି ଯେ ଦଲାଇଲାମା କେଉଁଠି ଜନ୍ମ ନେବେ ଓ ତାଙ୍କର ଚୟନ କରିବାର ଅଧିକାର କେବଳ ତାଙ୍କର ଓ ତାଙ୍କର ସହଯୋଗୀ ଭିକ୍ଷୁ ମାନଙ୍କର ରହିଛି । ଚୀନ ଏହା ପୂର୍ବରୁ ବାରମ୍ବାର କହି ଆସିଥିଲା ଯେ ଆଗାମୀ ଦଲାଇଲାମାଙ୍କୁ ଚୟନ କରିବାର ଅଧିକାର କେବଳ ଚୀନ ସରକାରଙ୍କ ନିକଟରେ ଅଛି ।

ଦଲାଇଲାମାଙ୍କ ବର୍ତମାନର ଏହି ଘୋଷଣାକୁ ମଧ୍ୟ ଚୀନ ସହଜରେ ଗ୍ରହଣ କରି ପାରି ନାହିଁ । କାରଣ ଚୀନ ଜାଣିଛି ଯେ ଏପରି ହେବା ଦ୍ୱାରା ଚୀନର ଲକ୍ଷ୍ୟ ସାଧିତ ହେବ ନାହିଁ । ତେଣୁ ଚୀନ ସରକାର ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ କୌଣସି ପୁନର୍ଜନ୍ମକୁ ସେତେବେଳେ ମାନ୍ୟତା ପ୍ରଦାନ କରାଯିବ ଯେତେବେଳେ ଚୀନର କମ୍ୟୁନିଷ୍ଟ ସରକାର ତାକୁ ଅନୁମୋଦନ ଦେବ । ଚୀନର କମ୍ୟୁନିଷ୍ଟ ସରକାର କହିଛି ଯେ ୨୦୦୭ ମସିହାର ଆଇନ ଅନୁସାରେ ପୁନର୍ଜନ୍ମର ଅଧିକାର କେବଳ ଚୀନ ସରକାରଙ୍କ ଅଧୀନରେ ରହିଛି ।

ତେବେ ଏଠାରେ ପ୍ରଶ୍ନ ଉଠିବା ସ୍ୱାଭବିକ ଯେ ଦଲାଇଲାମା ଓ ତାଙ୍କର ପୁନର୍ଜନ୍ମକୁ ନେଇ ଚୀନ ଏତେ ଚିନ୍ତିତ କାହିଁକି ? ଦଲାଇଲାମା କେଉଁଠି ଜନ୍ମ ହେବେ, ସେ କାହା ଶରୀର ଧାରଣ କରି ପୁନର୍ଜନ୍ମ ନେବେ ଏହା ସହିତ କମ୍ୟୁନିଷ୍ଟ ଚୀନର କଣ ସମ୍ପର୍କ ରହିଛି ? ଚୀନର ଏହି ଚିନ୍ତା ପଛରେ ବଡ ରହସ୍ୟ ରହିଛି । ଯଦିଓ ଚୀନ ତିବ୍ୱତକୁ ସାତ ଦଶନ୍ଧିରୁ ଅଧିକ ସମୟ ହେଲାଣି ବଳପୂର୍ବକ ଅଧିକାର କରି ରଖିଛି ଓ ତିବ୍ୱତୀୟ ମାନଙ୍କ ସହ ସମସ୍ତ ପ୍ରକାର ପାଶବିକ ଅତ୍ୟାଚାର କରି ଆସୁଛି ତଥାପି ସେମାନଙ୍କ ମନରୁ ତିବ୍ୱତୀୟ ରାଷ୍ଟ୍ରୀୟତା ବା ତିବ୍ୱତୀୟତାର ଧାରଣାକୁ ଦୂର କରିବାରେ ସଫଳ ହୋଇ ନାହିଁ । ଏହାର କାରଣ ହେଲା ଦଲାଇଲାମା ହେଉଛନ୍ତି ତିବ୍ୱତୀୟ ରାଷ୍ଟ୍ରୀୟତା ପ୍ରତୀକ । ଯଦିଓ ତିବ୍ୱତର ଭୂମି ଚୀନର ଅଧିକାରରେ ଅଛି, ଦଲାଇଲାମା ଚୀନର ଅଧିକାରରେ ନାହାନ୍ତି । ତେଣୁ ତିବତର ଲୋକ ମାନେ ମନେ କରନ୍ତି ଯେ ପର୍ଯ୍ୟନ୍ତ ଦଲାଇଲାମା ସ୍ୱାଧୀନ ଅଛନ୍ତି ସେପର୍ଯ୍ୟନ୍ତ ତିବତର ରାଷ୍ଟ୍ରୀୟତା ବା ତିବତୀୟତା ପରାଧୀନ ହୋଇ ନାହିଁ । କମ୍ୟୁନିଷ୍ଟ ଚୀନ ଗତ ସାତ ଦଶନ୍ଧୀରୁ ଉର୍ଧ ସମୟ ଧରି ତିବ୍ୱତର ସାଧାରଣ ଲୋକ ମାନଙ୍କ ମାନସପଟରୁ ତିବ୍ୱତୀୟତାକୁ ସମାପ୍ତ କରିବାକୁ ଅନେକ ଷଡଯନ୍ତ୍ର କରି ଆସିଛି । ବୌଦ୍ଧ ମଠ ଗୁଡିକୁ ଚୀନର କମ୍ୟୁନିଷ୍ଟ ସରକାର ନଷ୍ଟ କରୁଛି । ବୌଦ୍ଧ ଭିକ୍ଷୁ ମାନଙ୍କୁ ସେମାନଙ୍କର ଉପାସନା କରିବାକୁ ଦେଉ ନାହିଁ । ମଠ ଗୁଡିକର ଅଧିକାରକୁ ସଂକୁଚିତ କରୁଛି । ତିବ୍ୱତରେ ହାନ୍ ଜାତିର ଲୋକ ମାନଙ୍କୁ ବସବାସ କରାଇ ତିବ୍ୱତୀୟ ଝିଅ ମାନଙ୍କ ସହ ଜୋର ଜବରଦସ୍ତି ବିବାହ କରାଇ ତିବ୍ୱତୀୟ ମାନଙ୍କୁ ସଂଖ୍ୟାଲଘୁ କରିବାକୁ ଚେଷ୍ଟା କରି ଆସୁଛି । ଯଦି କାହା ନିକଟରେ ଦଲାଇଲାମାଙ୍କ ଫଟୋ ଚୀନର କମ୍ୟୁନିଷ୍ଟ ସରକାର ପାଏ ତେବେ ତାକୁ ସଙ୍ଗେ ସଙ୍ଗେ ଜେଲର କାଳ କୋଠରୀରେ ପୂରାଇଥାଏ । ଦମନର ଏହି ପ୍ରକ୍ରିୟା ଅନବରତ ଚାଲି ଆସିଛି । ଏ ସବୁ ସତ୍ତ୍ୱେ ତିବତୀୟଙ୍କ ମନରେ ଦଲାଇଲାମାଙ୍କ ପ୍ରତି ଶ୍ରଦ୍ଧା ଅର୍ଥାତ ତିବ୍ୱତୀୟତା ସମାପ୍ତ ହୋଇ ନାହିଁ । ଦଲାଇଲାମାଙ୍କ ତିବ୍ୱତର ଲୋକ ମାନଙ୍କ ମାନସରେ ଏହି ପ୍ରଭାବ କାରଣରୁ କମ୍ୟୁନିଷ୍ଟ ଚୀନ ସର୍ବଦା କରୁଣା ଓ ପ୍ରେମର ଅବତାର ଦଲାଇଲାମାଙ୍କ ପ୍ରତି ଗାଳିଗୁଲଜର ଭାଷା ପ୍ରୟୋଗ କରି ଆସିଛି । କମୁନିଷ୍ଟ ଚୀନ ତାଙ୍କୁ ସାଧୁଙ୍କ ବସ୍ତ୍ରରେ ଜଣେ କୋକିଶିଆଳୀ ବୋଲି ବାରମ୍ବାର କହିଥାଏ । ଏଥିରୁ ଚୀନର ଦଲାଇଲାମାଙ୍କ ପ୍ରତି ଘୃଣା ସ୍ପଷ୍ଟ ହୋଇଥାଏ । ଦଲାଇଲାମା କେଉଁ ଦେଶକୁ ଗଲେ ସେହି ଦେଶ ଉପରେ ଚାପ ପ୍ରୟୋଗ କରି ତାଙ୍କର ଗସ୍ତକୁ ରଦ୍ଦ କରିବାକୁ ଚେଷ୍ଟା କରିଥାଏ ।

କମ୍ୟୁନିଷ୍ଟ ଚୀନ ଭଲ ଭାବେ ଜାଣିଛି ଯେ ଯେ ପର୍ଯ୍ୟନ୍ତ ପରମ ପାବନ ଦଲାଇଲାମା ଅଛନ୍ତି ସେ ପର୍ଯ୍ୟନ୍ତ ତିବ୍ୱତ ଉପରେ ଅଧିକାର କଲେ ସୁଦ୍ଧା ତିବତୀୟତାକୁ ସମାପ୍ତ କରି ପାରିବ ନାହିଁ । ତେଣୁ ସେ ସମୟକୁ ଅପେକ୍ଷା କରିଛି । ଦଲାଇଲାମାଙ୍କ ବୟସ ଅଧିକ ହେବା କାରଣରୁ ତାଙ୍କର କେବେ ମୃତ୍ୟୁ ହେବ ତାକୁ ଚୀନର କମ୍ୟୁନିଷ୍ଟ ସରକାର ଅପେକ୍ଷା କରିଛି । କମ୍ୟୁନିଷ୍ଟ ଚୀନ ଜଗି ବସିଛି, କେବେ ଦଲାଇଲାମାଙ୍କ ମୃତ୍ୟୁ ହେବା ଓ କେବେ ସେ ତା ଆଡୁ ଜଣେ ଶିଶୁକୁ ଦଲାଇଲାମା ବୋଲି ଘୋଷିତ କରି ଦେବ । ଉକ୍ତ ଶିଶୁ ମାଧ୍ୟମରେ ସେ ତିବ୍ୱତର ରାଷ୍ଟ୍ରୀୟତାକୁ ସମାପ୍ତ କରି ଦେବ । ଦଲାଇଲାମା ମଧ୍ୟ ଚୀନର ଏହି ଷଡଯନ୍ତ୍ରକୁ ଭଲ ଭାବେ ବୁଝିଛନ୍ତି । ତେଣୁ ସେ ବାରମ୍ବାର କହି ଆସିଛନ୍ତି ଯେ ତାଙ୍କର ପୁନର୍ଜନ୍ମ ପରାଧୀନ ଥିବା ଭୂମିରେ ହେବ ନାହିଁ । ସେ ପ୍ରକାରାନ୍ତରରେ ତିବତୀୟ ମାନଙ୍କୁ କହି ଆସିଛନ୍ତି ଯେ ଚୀନର ଅଧିକାରରେ ଥିବା ତିବତରେ ସେ ଜନ୍ମ ନେବେ ନାହିଁ । ଭାରତର ଅରୁଣାଚଳ ପ୍ରଦେଶର ତବାଙ୍ଗ ଅଂଚଳରେ ତାଙ୍କର ଅନେକ ଅନୁଯାୟୀ ଅଛନ୍ତି । ଏହା ପୂର୍ବରୁ ଜଣେ ଦଲାଇଲାମା ତୱାଙ୍ଗ ଅଂଚଳରୁ ହୋଇ ସାରିଛନ୍ତି । ତେଣୁ ଦଲାଇଲାମା ତିବତୀୟ ମାନଙ୍କୁ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ଚୀନ ଯେଉଁ ଶିଶୁ କୁ ଦଲାଇଲାମା ବୋଲି ଘୋଷଣା କରିବ ତାକୁ ସେମାନେ ଦଲାଇଲାମା ବୋଲି ସ୍ୱୀକାର ନ କରନ୍ତୁ । ସେ ତୱାଙ୍ଗ ଅଂଚଳରେ ଜନ୍ମ ନେବେ ଓ ତାଙ୍କର ବିଶ୍ୱସ୍ତ ଭିକ୍ଷୁ ମାନଙ୍କର ସମୂହ ସେହି ଶିଶୁକୁ ଚିହ୍ନିବେ । ତାଙ୍କୁ ହିଁ ସେମାନେ ଦଲାଇଲାମା ବୋଲି ସ୍ୱୀକାର କରନ୍ତୁ । ଦଲାଇଲାମାଙ୍କର ଏହି ବକ୍ତବ୍ୟ ଚୀନର ଦୀର୍ଘ ଦିନର ଆଶାକୁ ନିରାଶାରେ ପରିବର୍ତନ କରି ଦେଇଛି । ତେଣୁ ଚୀନର ସରକାରଙ୍କୁ ଦଲାଇଲାମାଙ୍କ ବକ୍ତବ୍ୟ ଉପରେ ବାଧ ହୋଇ ପ୍ରତିକ୍ରିୟା ଦେବାକୁ ପଡିଛି ଓ କହିବାକୁ ପଡିଛି ଯେ ଚୀନ ସରକାରଙ୍କ ଅନୁମୋଦନ ବିନା ଦଲାଇଲାମାଙ୍କ ପୁନର୍ଜନ୍ମକୁ ମାନ୍ୟତା ପ୍ରଦାନ କରାଯାଇ ପାରିବ ନାହିଁ ।

ତେବେ ଦେଖିବାକୁ ଗଲେ ଚୀନ ବର୍ତମାନ ସବୁଠାରୁ ଶକ୍ତିଶାଳୀ ଦେଶ ମଧ୍ୟରେ ଅନ୍ୟତମ । ସାମରିକ ଶକ୍ତି, ପରମାଣୁ ବୋମା ଠାରୁ ଆରମ୍ଭ କରି ଟେକ୍ନୋଲଜୀ କ୍ଷେତ୍ର ହେଉ ବା ବାଣିଜ୍ୟ କ୍ଷେତ୍ର ହେଉ ଚୀନ ନିଜକୁ ମହାଶକ୍ତି ବୋଲି ପ୍ରଚାରିତ କରିଥାଏ । ହେଲେ ଏତେ ବଡ ମହାଶକ୍ତି ଚୀନ ଆଜି ଜଣେ ସାଧାରଣ ଭିକ୍ଷୁ ଦଲାଇଲାମାଙ୍କ ଆଗରେ ଭୟଭୀତ । ଏହି ସାଧାରଣ ବୌଦ୍ଧ ଭିକ୍ଷୁଙ୍କ ନିକଟରେ ନା ପରମାଣୁ ବୋମା ଅଛି, ନା ସେନା ବାହିନୀ ଅଛି ନା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଅଛି ? ତଥାପି ଚୀନ ତାଙ୍କ ନିକଟରେ ଭୟଭୀତ ଓ ପ୍ରଭାବହୀନ । ଦଲାଇଲାମାଙ୍କ ମୃତ୍ୟୁକୁ ସେ ଅପେକ୍ଷା କରିଛି । ଆଉ ଏକ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ନାସ୍ତିକବାଦୀ ବିଚାରଧାରା କମ୍ୟୁନିଜମରେ ବିଶ୍ୱାସ କରୁଥିବା କମ୍ୟୁନିଷ୍ଟ ଚୀନ ସରକାରକୁ ପୁନର୍ଜନ୍ମ ସିଦ୍ଧାନ୍ତକୁ ସ୍ୱୀକାର କରିବାକୁ ବାଧ ହେବାକୁ ପଡୁଛି ଓ ଦଲାଇଲାମାଙ୍କ ପୁନର୍ଜନ୍ମ କେଉଁଠାରେ ହେବ ସେ ନେଇ ମୁଣ୍ଡ ଖେଳାଇବାକୁ ଚେଷ୍ଟା କରୁଛି । ଏହାଠାରୁ ବଡ ବିଡମ୍ବନା କଣ ବା ହୋଇ ପାରେ ? ତେବେ ଏ ସମ୍ପର୍କରେ ନିର୍ବାସିତ ତିବ୍ୱତ ସରକାରର ପ୍ରଧାନମନ୍ତ୍ରୀ ପେନପା ସେରିଙ୍ଗଙ୍କ ବକ୍ତବ୍ୟକୁ ଉଲ୍ଲେଖ କରିବା ଜରୁରୀ ମନେ ହେଉଛି ଯେଉଁଥିରେ ସେ କହିଛନ୍ତି ଯେ, ‘ଯଦି ଚୀନ ବାସ୍ତବରେ ପୁନର୍ଜନ୍ମରେ ବିଶ୍ୱାସ କରୁଛି ତେବେ ପ୍ରଥମେ ତାକୁ ମାଓ ସେ ତୁଙ୍ଗ ଙ୍କ ଭଳି ନିଜ ନେତା ମାନଙ୍କର ପୁନର୍ଜନ୍ମ ସମ୍ପର୍କରେ ଖୋଜିବା ଉଚିତ ହେବ ।

# ସପ୍ତ ମହର୍ଷି କିଏ ?

## ଡକ୍ଟର ସୁରେଶ କୁମାର ନାୟକ

ପିଲାମାନେ ତୁମେ ସପ୍ତମହର୍ଷିଙ୍କ ବିଷୟରେ ଶୁଣିଥିବ ଆମ ହିନ୍ଦୁ ସନାତନ ସଂସ୍କୃତି ଓ ମହାନ ଆର୍ଯ୍ୟ ଚେତନା ବିଚାରରେ ମହର୍ଷି ହେଉଛନ୍ତି ଆମ ଆଧାତ୍ମିକ ମୂଳଶକ୍ତିର ଆଧାର। ମରୀଚି, ଅଙ୍ଗିରା, ଅତ୍ରି, ପୁଲସ୍ତ୍ୟ, ପୁଲହ, କ୍ରତୁ ଓ ବଶିଷ୍ଠ - ଏହି ସାତ ମହର୍ଷି ବ୍ରହ୍ମାଙ୍କ ଦ୍ୱାରା ହିଁ ନିଜ ମନରୁ ରଚିତ ହୋଇଛନ୍ତି । ଏହି ସାତଜଣ ହେଉଛନ୍ତି ବେଦଜ୍ଞ । ଏମାନଙ୍କୁ ଭଗବାନ ମୁଖ୍ୟ ଦେବାଚାର୍ଯ୍ୟ କରିଛନ୍ତି । ଏହି ସାତଜଣ ହିଁ ଅତ୍ୟନ୍ତ ତେଜସ୍ୱୀ ଓ ବୁଦ୍ଧିମାନ୍ ପ୍ରଜାପତି । ପ୍ରଜା ଉତ୍ପତ୍ତିକାରୀ ହୋଇଥିବାରୁ ଏମାନଙ୍କୁ ସପ୍ତ ‘ବ୍ରହ୍ମା’ ବୋଲି କୁହାଯାଏ । ଏହି ମହର୍ଷିମାନେ ସର୍ବଦା ପଢ଼ିବା - ପଢ଼ାଇବା, ଯଜ୍ଞ କରିବା କରାଇବା, ଦାନ ଦେବା ଓ ନେବା ଏହି ଛଅ ପ୍ରକାର କର୍ମ କରନ୍ତି । ବ୍ରହ୍ମଚାରୀମାନଙ୍କୁ ପଢ଼ାଇବା ପାଇଁ ଘରେ ଗୁରୁକୁଳ ରଖନ୍ତି ତଥା ପ୍ରଜା ଉତ୍ପତ୍ତି ପାଇଁ ହିଁ ସ୍ତ୍ରୀ ଓ ଅଗ୍ନି ଗ୍ରହଣ କରିଥାନ୍ତି । କର୍ମହେତୁକ ନିଜଦ୍ୱାରା ରଚିତ ଅନିନ୍ଦ୍ୟ ଭୋଗ୍ୟପଦାର୍ଥ ଦ୍ୱାରା ଜୀବନ ନିର୍ବାହ କରନ୍ତି । ଏମାନେ ସନ୍ତାନସନ୍ତିତ ଓ ଗୋ-ଧନ ଆଦି ସମ୍ପତ୍ତିଯୁକ୍ତ । ଏମାନେ ଲୋକମାନଙ୍କ ଭିତରେ ଓ ଲୋକବସତି ବାହାରେ ନିବାସ କରନ୍ତି । ସତ୍ୟ ଆଦି ସବୁ ଯୁଗର ଆରମ୍ଭରେ ପ୍ରଥମେ ଏହି ମହର୍ଷିମାନେ ହିଁ ବାରମ୍ବାର ବର୍ଣ୍ଣାଶ୍ରମ ଧର୍ମର ବ୍ୟବସ୍ଥା କରିଥାନ୍ତି ।

ମରୀଚି - ଏହାଙ୍କୁ ଭଗବାନଙ୍କର ଅଂଶାବତାର ବୋଲି ଗ୍ରହଣ କରାଯାଇଛି । ଏହାଙ୍କର ଅନେକ ପତ୍ନୀ ଅଛନ୍ତି; ସେମାନଙ୍କ ମଧ୍ୟରେ ଦକ୍ଷ ପ୍ରଜାପତିଙ୍କ କନ୍ୟା ସମ୍ଭୂତି ଓ ଧର୍ମନାମକ ବ୍ରାହ୍ମଣଙ୍କ କନ୍ୟା ଧର୍ମାବ୍ରତା ଅଛନ୍ତି । ଏହାଙ୍କ ସନ୍ତିତମାନଙ୍କର ବିଶେଷ ବିସ୍ତାର ବା ବୃଦ୍ଧି ହୋଇଛି । ମହର୍ଷି କଶ୍ୟପ ଏହାଙ୍କର ପୁତ୍ର । ବ୍ରହ୍ମା ଏହାଙ୍କୁ ପଦ୍ମପୁରାଣର କିଛି ଅଂଶ ଶୁଣାଇଥିଲେ । ବ୍ରହ୍ମା ସର୍ବପ୍ରଥମେ ଏହାଙ୍କୁ ବ୍ରହ୍ମପୁରାଣ ଦେଇଥିଲେ । ମରୀଚି ଋଷି ସଦାସର୍ବଦା ସୃଷ୍ଟିର ଉତ୍ପତ୍ତି ଓ ତାହାର ପାଳନ କାର୍ଯ୍ୟରେ ଲାଗିରହିଥାନ୍ତି ।

ଅଙ୍ଗିରା - ବଡ଼ ତେଜସ୍ୱୀ ମହର୍ଷି ଅଟନ୍ତି । ଏହାଙ୍କର ଅନେକ ପତ୍ନୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ମରୀଚିଙ୍କ କନ୍ୟା ସୁରୂପାଙ୍କଠାରୁ ବୃହସ୍ପତି, କଦର୍ମ ଋଷିଙ୍କ କନ୍ୟା ସ୍ୱରାଟ୍‌ଙ୍କଠାରୁ ଗୌତମ ବାମଦେବ ଆଦି ପାଞ୍ଚପୁତ୍ର ଓ ମନୁଙ୍କ କନ୍ୟା ପଥ୍ୟାଙ୍କଠାରୁ ବିଷ୍ଣୁ ଆଦି ତିନି ପୁତ୍ର ଜନ୍ମ ହୋଇଥିଲେ । ଅଗ୍ନିଙ୍କ କନ୍ୟା ଆତ୍ରେୟୀଙ୍କଠାରୁ ଆଙ୍ଗିରସ ନାମକ ପୁତ୍ରମାନଙ୍କର ଜନ୍ମ ହୋଇଥିଲା ।

ଅତ୍ରି - ଦକ୍ଷିଣ ଦିଗରେ ରୁହନ୍ତି । ପ୍ରସିଦ୍ଧ ପତିବ୍ରତା ଅନସୂୟା ଏହାଙ୍କର ଧର୍ମପତ୍ନୀ । ଅନସୂୟା ଭଗବାନ କପିଳଦେବଙ୍କ ଭଉଣୀ ଓ କଦର୍ମ ଦେବହୂତିଙ୍କ କନ୍ୟା । ଭଗବାନ ଶ୍ରୀରାମଚନ୍ଦ୍ର ବନବାସ ସମୟରେ ଏହାଙ୍କର ଆତିଥ୍ୟ ଗ୍ରହଣ କରିଥିଲେ । ଅନସୂୟା ଜଗଜ୍ଜନନୀ ସୀତାଙ୍କୁ ବିଭିନ୍ନ ପ୍ରକାର ଅଳଙ୍କାର ଓ ବସ୍ତ୍ର ପ୍ରଦାନ କରିଥିଲେ ଏବଂ ସତୀ ଧର୍ମ ବିଷୟରେ ଉପଦେଶ ଦେଇଥିଲେ ।

ବ୍ରହ୍ମବାଦୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ମହର୍ଷି ଅତ୍ରିଙ୍କୁ ବ୍ରହ୍ମା ଯେତେବେଳେ ପ୍ରଜାବିସ୍ତାର ପାଇଁ ଆଦେଶ ଦେଲେ ସେତେବେଳେ ଅତ୍ରି ତାଙ୍କ ପତ୍ନୀ ଅନସୂୟାଙ୍କ ସହିତ ଋକ୍ଷ ନାମକ ପର୍ବତ ଉପରକୁ ଯାଇ ତପସ୍ୟା କଲେ । ଏହି ପତିପତ୍ନୀ ଭଗବାନଙ୍କର ବଡ଼ ଭକ୍ତ ଥିଲେ । ଏ ଦୁହେଁ ଘୋର ତପ କରିବାକୁ ଲାଗିଲେ । ତପର ଫଳସ୍ୱରୂପ ଭଗବାନଙ୍କ ପ୍ରତ୍ୟକ୍ଷ ଦର୍ଶନ ଚାହିଁଲେ । ଦୁହେଁ ଜଗତ୍‌ପତି ଭଗବାନଙ୍କ ଶରଣାପନ୍ନ ହୋଇ ତାଙ୍କ ଅଖଣ୍ଡ ଚିନ୍ତନରେ ଲାଗିରହିଲେ । ମସ୍ତକରୁ ଯୋଗାଗ୍ନି ବାହାରିଲା, ଯାହା ଯୋଗୁଁ ତିନି ଲୋକ ଜଳିବାକୁ ଲାଗିଲା । ସେତେବେଳେ ସେ ଦୁହିଁଙ୍କର ତପରେ ପ୍ରସନ୍ନ ହୋଇ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତାଙ୍କୁ ବର ଦେବାକୁ ପ୍ରକଟ ହେଲେ । ଭଗବାନଙ୍କ ତ୍ରିବିଧ ସ୍ୱରୂପକୁ ଦର୍ଶନ କରି ମୁନି ଓ ମୁନିପତ୍ନୀ କୃତାର୍ଥ ହୋଇଗଲେ ଏବଂ ଗଦ୍‌ଗଦ୍ ହୋଇ ଭଗବାନଙ୍କ ସ୍ତୁତି କରିବାକୁ ଲାଗିଲେ । ଭଗବାନ ଦୁହିଁଙ୍କୁ ବର ମାଗିବାକୁ କହିଲେ, ‘‘ମୁଁ ପୁତ୍ରପାଇଁ ଭଗବାନଙ୍କୁ ଆରଧନା କରିଥିଲି ଓ ତାଙ୍କର ଦର୍ଶନ ଚାହିଁଥିଲି । ଆପଣ ତିନି ଜଣ ଆସିଗଲେ । ଆପଣମାନଙ୍କର କଳ୍ପନା ତ କେହି କରିପାରିବ ନାହିଁ । ମୋ ପ୍ରତି କିପରି ଏହି କୃପା ହେଲା, ଆପଣମାନେ ହିଁ ବୁଝାଇ ଦିଅନ୍ତୁ ।’’ ଅତ୍ରିଙ୍କ କଥା ଶୁଣି ତିନିହେଁ ମୁରୁକି ହସିଲେ ଏବଂ କହିଲେ - ବ୍ରହ୍ମାନ ! ତୁମର ସଂକଳ୍ପ ସତ୍ୟ । ତୁମେ ଯାହାକୁ ଧ୍ୟାନ କରୁଛ, ଆମେ ତିନିହେଁ କେବଳ ସେହି ଏକକଙ୍କର ତିନି ସ୍ୱରୂପ । ଆମ ତିନିଙ୍କ ଅଂଶରେ ତୁମର ତିନି ପୁଅ ଜନ୍ମ ନେବେ । ତୁମେ ତ କୃତାର୍ଥରୂପ ।’’ ଏତିକି କହି ଭଗବାନଙ୍କ ସ୍ୱରୂପ ଅନ୍ତର୍ଦ୍ଧାନ ହୋଇଗଲେ । ସେହି ତିନିଜଣ ତାଙ୍କ ପରେ ଅବତାର ଗ୍ରହଣ କଲେ । ଭଗବାନ ବିଷ୍ଣୁଙ୍କ ଅଂଶରେ ଦତ୍ତାତ୍ରେୟ, ବ୍ରହ୍ମାଙ୍କ ଅଂଶରେ ଚନ୍ଦ୍ରମା ଓ ଶିବଙ୍କ ଅଂଶରେ ଦୁର୍ବାସା ଜନ୍ମ ହେଲେ ।

ପୁଲସ୍ତ୍ୟ - ବଡ଼ ଧର୍ମପରାୟଣ, ତପସ୍ୱୀ ଓ ତେଜସ୍ୱୀ ଅଟନ୍ତି । ଯୋଗବିଦ୍ୟାରେ ମଧ୍ୟ ବଡ଼ ଆଚାର୍ଯ୍ୟ ଓ ପାରଦର୍ଶୀ ଥିଲେ । ପରାଶର ଯେତେବେଳେ ରାକ୍ଷସମାନଙ୍କୁ ନାଶ କରିବାକୁ ଏକ ବଡ଼ ଯଜ୍ଞ କରୁଥିଲେ, ସେତେବେଳେ ବଶିଷ୍ଠଙ୍କ ପରାମର୍ଶ ଅନୁଯାୟୀ ପୁଲସ୍ତ୍ୟ ତାଙ୍କୁ ଏପରି ଆଶୀର୍ବାଦ ଦେଲେ ଯେ, ପରାଶରଙ୍କର ସକଳ ଶାସ୍ତ୍ରରେ ଜ୍ଞାନ ହୋଇଗଲା ।

ପୁଲସ୍ତ୍ୟ ଋଷିଙ୍କର ସନ୍ଧ୍ୟା, ପ୍ରତୀଚୀ, ପ୍ରୀତି ଓ ହବିର୍ଭୂ ନାମରେ ପତ୍ନୀମାନେ ଥିଲେ; ସେମାନଙ୍କ ଗର୍ଭରୁ ବହୁ ପୁତ୍ର ଜନ୍ମ ହୋଇଥିଲେ । ଅଗସ୍ତ୍ୟ ଓ ପ୍ରସିଦ୍ଧ ଋଷି ନିଦାଘ ଏହାଙ୍କର ପୁତ୍ର । ବିଶ୍ରବା ମଧ୍ୟ ଏହାଙ୍କର ପୁତ୍ର ଥିଲେ । ବିଶ୍ରବାଙ୍କ ଔରସରୁ କୁବେର, ରାବଣ, କୁମ୍ଭକର୍ଣ୍ଣ ଓ ବିଭୀଷଣ ଜନ୍ମ ହୋଇଥିଲେ ।

ପୁଲହ - ବଡ଼ ଐଶ୍ୱର୍ଯ୍ୟବାନ ଓ ଜ୍ଞାନୀ ମହର୍ଷି ଅଟନ୍ତି । ସେ ମହର୍ଷି ସନନ୍ଦନଙ୍କଠାରୁ ଈଶ୍ୱରୀୟଜ୍ଞାନ ଶିକ୍ଷା ପ୍ରାପ୍ତ କରି ଗୌତମଙ୍କୁ ସେହି ଜ୍ଞାନ ଶିଖାଇଥିଲେ । ଦକ୍ଷପ୍ରଜାପତିଙ୍କ କନ୍ୟା କ୍ଷମା ଓ କର୍ଦ୍ଦମ ଋଷିଙ୍କ କନ୍ୟା ଗତିଙ୍କଠାରୁ ଏହାଙ୍କର ବହୁ ସନ୍ତାନ ହୋଇଥିଲେ ।

କ୍ରତୁ - ଜଣେ ତେଜସ୍ୱୀ ମହର୍ଷି । ସେ କର୍ଦ୍ଦମ ଋଷିଙ୍କ କନ୍ୟା କ୍ରିୟ ଓ ଦକ୍ଷପୁତ୍ରୀ ସନ୍ନତିଙ୍କୁ ବିବାହ କରିଥିଲେ । ଏହାଙ୍କଠାରୁ ଷାଠିଏ ହଜାର ବାଳଖିଲ୍ୟନାମକ ଋଷି ଜନ୍ମ ନେଇଥିଲେ । ଏହି ଋଷିମାନେ ସୂର୍ଯ୍ୟଙ୍କ ରଥ ଆଗରେ ତାଙ୍କ ଆଡ଼କୁ ମୁହଁ କରି ସ୍ତୁତି କରନ୍ତି ।

ବଶିଷ୍ଠ - ମହର୍ଷି ବଶିଷ୍ଠଙ୍କର ତପ, ତେଜ, କ୍ଷମା ଓ ଧର୍ମ ବିଶ୍ୱବିଦିତ । ତାଙ୍କ ଉତ୍ପତ୍ତି ସମ୍ବନ୍ଧରେ ପୁରାଣରେ ବହୁ ବର୍ଣ୍ଣନା ରହିଛି; କଳ୍ପଭେଦ ଦୃଷ୍ଟିରୁ ସେସବୁ ଠିକ୍ । ଅରୁନ୍ଧତୀ ଏହାଙ୍କର ପତ୍ନୀ; ସେ ବଡ଼ ସାଧ୍ୱୀ ଓ ପତିବ୍ରତା । ବଶିଷ୍ଠ ସୂର୍ଯ୍ୟବଂଶର କୁଳପୁରୋହିତ ଥିଲେ । ମର୍ଯ୍ୟାଦାପୁରୁଷୋତ୍ତମ ଭଗବାନ୍ ଶ୍ରୀରାମଙ୍କ ଦର୍ଶନ ଓ ସତ୍‌ସଙ୍ଗଲାଭ ନିମନ୍ତେ ହିଁ ବଶିଷ୍ଠ ସୂର୍ଯ୍ୟବଂଶୀ ରାଜାମାନଙ୍କର ପୁରୋହିତ ହୋଇଥିଲେ ଏବଂ ସୂର୍ଯ୍ୟବଂଶର ହିତ ପାଇଁ ନିରନ୍ତର ଚେଷ୍ଟା କରୁଥିଲେ । ଭଗବାନ ରାମଚନ୍ଦ୍ରଙ୍କୁ ଶିଷ୍ୟ ରୂପେ ପାଇ ତାଙ୍କର ଜୀବନ ଧନ୍ୟ ହୋଇଥିଲା ।

‘ତପସ୍ୟା ବଡ଼ ନା ସତସଙ୍ଗ ବଡ଼ ?’ ପ୍ରଶ୍ନ ଉପରେ ବିଶ୍ୱାମିତ୍ର ଓ ବଶିଷ୍ଠଙ୍କ ଭିତରେ ମତଭେଦ ହେଲା । ବଶିଷ୍ଠ କହିଲେ, ‘ସତସଙ୍ଗ ବଡ଼’, ବିଶ୍ୱାମିତ୍ର କହିଲେ, ‘ତପସ୍ୟା ବଡ଼ ।’ ବିବାଦ ତୁଟାଇବାକୁ ଦୁହେଁ ଶେଷଦେବଙ୍କ ପାଖକୁ ଗଲେ । ସବୁ ଶୁଣି ଶେଷଦେବ କହିଲେ, ‘‘ଦେଖ, ମୋ ମୁଣ୍ଡରେ ପୃଥିବୀ ଏକ ବୋଝ ହୋଇ ରହିଛି । ତୁମ ଦୁହିଁଙ୍କ ଭିତରୁ କେହି ଜଣେ ଯଦି କିଛି ସମୟ ପାଇଁ ଏହି ବୋଝଟି ମୁଣ୍ଡାନ୍ତ, ତେବେ ମୁଁ ଭାବି ବିଚାରି ତୁମ କଳି ତୁଟାଇ ଦିଅନ୍ତି ।’’ ବିଶ୍ୱାମିତ୍ର ତ ବହୁ ତପସ୍ୟା କରିଥିଲେ; ସେ ତାଙ୍କର ଦଶ ହଜାର ବର୍ଷ ତପସ୍ୟାର ଫଳ ଦେଇ ପୃଥିବୀକୁ ମୁଣ୍ଡାଇବାକୁ ବସିଲେ; କିନ୍ତୁ ପାରିଲେ ନାହିଁ ଓ ପୃଥିବୀ ଟଳମଳ ହେଲା । ତା’ପରେ ବଶିଷ୍ଠ ଅର୍ଦ୍ଧକ୍ଷଣ-ସତସଙ୍ଗର ଫଳ ଦେଇ ଅନାୟାସରେ ପୃଥିବୀକୁ ଉଠାଇ ବହୁ ସମୟ ମୁଣ୍ଡାଇ ଧରିଲେ । ଶେଷଦେବଙ୍କୁ ବିଶ୍ୱାମିତ୍ର ପଚାରିଲେ, ‘‘ଏତେ ଡ଼େରି ହେଲାଣି ! ଆପଣ ନିର୍ଣ୍ଣୟ ଶୁଣାଉ ନାହାନ୍ତି କାହିଁକି ? ଶେଷଦେବ ହସିଦେଇ କହିଲେ, ‘‘ନିର୍ଣ୍ଣୟ ତ ଛାଏଁ ହୋଇଗଲା । ଦଶହଜାର ବର୍ଷର ତପସ୍ୟା ଫଳରେ ଯାହା ସମ୍ଭବ ନହେଲା, ଅର୍ଦ୍ଧକ୍ଷଣ ସତସଙ୍ଗରେ ତାହା ହୋଇଗଲା । ତେଣୁ ଦୁଇଟି ଭିତରୁ କେଉଁଟି ବଡ଼, ଆପଣ ହିଁ ଚିନ୍ତା କରନ୍ତୁ ।’’ ସତସଙ୍ଗର ମହିମା ବୁଝିପାରି ଦୁଇ ଋଷି ପ୍ରସନ୍ନ ହୋଇ ଫେରି ଆସିଲେ ।

ବଶିଷ୍ଠ ଥିଲେ ବସୁ ସମ୍ପନ୍ନ, ଅର୍ଥାତ୍ ଅଣିମାଦି ସିଦ୍ଧିଯୁକ୍ତ ଓ ଗୃହସ୍ଥମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠେ । ଏଣୁ ତାଙ୍କୁ ‘ବଶିଷ୍ଠ’ ବୋଲାଗଲା । କାମ, କ୍ରୋଧ, ଲୋଭ, ମୋହ ଆଦି ଶତ୍ରୁ ତାଙ୍କ ଆଶ୍ରମ ନିକଟକୁ ଆସିପାରୁ ନଥିଲେ । ନିଜର ପୂର୍ଣ୍ଣସାମର୍ଥ୍ୟ ଥିବା ସତ୍ତ୍ୱେ, ତାଙ୍କର ଶହେ ପୁତ୍ରଙ୍କୁ ହତ୍ୟା କରିଥିବା ବିଶ୍ୱାମିତ୍ରଙ୍କ ପ୍ରତି ସେ କ୍ରୋଧ ପ୍ରକାଶ କରି ନଥିଲେ ଓ ତାଙ୍କର ତିଳେ ବି ଅନିଷ୍ଟ କରିନଥିଲେ । ବଶିଷ୍ଠଙ୍କ ଉପରେ ସନ୍ତୁଷ୍ଟ ହୋଇ ମହାଦେବ ତାଙ୍କୁ ବ୍ରାହ୍ମଣମାନଙ୍କ ଉପରେ ଆଧିପତ୍ୟ ପ୍ରଦାନ କରିଥିଲେ । ସନାତନ ଧର୍ମର ମର୍ମ ଯଥାର୍ଥ ରୂପେ ଜାଣିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ନାମ ଅଗ୍ରଗଣ୍ୟ ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୫୯୨



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଡାକ୍ତର ଖାନାରେ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ: ତଦନ୍ତ ଦାବି,ଚାପା ଉତ୍ତେଜନା

ଯୋଡା, (ମହାଭାରତ): ଯୋଡା ଟାଟା ଷ୍ଟିଲ ଡାକ୍ତର ଖାନ। ରେ ଜଣେ ମହିଳାଙ୍କ ମୃତ୍ୟୁ ଟାଟା ଷ୍ଟିଲ ଡାକ୍ତର ଖାନ କୁ ସନ୍ଦେହ ଘେର କୁ ଠେଲି ଦେଇଛି । ଘଟଣାସ୍ଥଳ ରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଭୋର ପ୍ରାୟ ୩ଘଟିକା ସମୟରେ ଯୋଡା ୱାର୍ଡ ନଂ ୭ ର ମହିଳା ବଲମା ମୁଣ୍ଡା(୪୨) ଙ୍କର ମୃତ୍ୟୁ ହୋଇ ଥିଲା । ତେବେ ମୃତ ବଲମା ତାଙ୍କର ଗୋଡ଼ରେ ଘା ହୋଇ ପ।ଚି ଯିବାରୁ ଟାଟା ଷ୍ଟିଲ ଡାକ୍ତରଖାନ। ରେ ଗତ ୧୦ ତାରିଖରେ ଭର୍ତ୍ତି ହୋଇ ଥିଲେ ।ସ୍ଥାନୀୟ କାଉନସିଲର ଙ୍କ ଅନୁରୋଧ କ୍ରମେ ଟାଟା ଷ୍ଟିଲ ଡାକ୍ତରଖାନ। କର୍ତୃପକ୍ଷ ତାଙ୍କର ଚିକିତ୍ସା କରୁଥିଲେ ।ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ଘଟିବା ପରେ ଟାଟା ଷ୍ଟିଲ ଡାକ୍ତର ଖାନ। ସନ୍ଦେହ ଘେର କୁ ଚାଲି ଯାଇଛି ।ବଲ୍ମା ଙ୍କ ସ୍ୱାମୀ ସଞ୍ଜୟ ମୁଣ୍ଡା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ,ତାଙ୍କ ପତ୍ନୀ ବଲମା ୬/୭ ମାସ ଧରି ଗୋଡ଼ରେ କାଚ ମାଡ଼ି ଥିବାରୁ ଏହା କ୍ରମଶଃ ସେପଟିକ ହୋଇ ଯାଇଥିଲା ।ଏଣୁ ତାଙ୍କୁ ଡାକ୍ତରଖାନ।ରେ ଭର୍ତ୍ତି କରାଯାଇ ଥିଲା ।ଶୁକ୍ରବାର ସକାଳୁ ବଲ୍ମା ଙ୍କ ପାଖରେ ଥିବା ତାଙ୍କ ଝିଅ ରାତି ପ୍ରାୟ ୩ଟା ବେଳେ ତାଙ୍କ ବାପା ଙ୍କୁ ଫୋନ କରି ମା ଙ୍କ ମୃତ୍ୟୁ ସମ୍ପର୍କିତ ଖବର ଦେଇଥିଲେ ।ମୃତ୍ୟୁ ର କାରଣ ସମ୍ପର୍କରେ ସ୍ୱାମୀ ସଞ୍ଜୟ କହିଛନ୍ତି ଯେ,ନିଜ ବେକ କୁ କାଟି ବାଲ୍ମା ମୃତ୍ୟୁ ବରଣ କରିଛନ୍ତି ।ଏବଂ ପରେ ବଲ୍ମା। ଙ୍କ ମୃତ ଦେହ କୁ ସଞ୍ଜୟ କୁ ନେଇ ଯିବା ପାଇଁ ଡାକ୍ତର ପରାମର୍ଶ ଦେଲେ ବୋଲି ସଞ୍ଜୟ କହିଛନ୍ତି ।ଅନ୍ୟ ପକ୍ଷରେ ସଞ୍ଜୟ ଙ୍କ ବନ୍ଧୁ ହିରାଲାଲ ନନ୍ଦ କହିଛନ୍ତି ଯେ,ପ୍ରାରମ୍ଭିକ ଚିକିତ୍ସା ରେ ଡାକ୍ତର ରୋଗୀ ବଲମ। ଙ୍କ ରକ୍ତ ଆବଶ୍ୟକତ। ବିଷୟ ରେ କହିଥିଲେ ଏବଂ ଏକ ଔଷଧ ଆଣିବାକୁ ପରାମର୍ଶ ଦେଇଥିଲେ ।ଔଷଧ ର ମୂଲ୍ୟ ଏବଂ ଚିକିତ୍ସା ରେ ଅଧିକ ଖର୍ଚ୍ଚ ହେବ। ହେତୁ ସ୍ଥାନୀୟ କାଉନସିଲର ବିଶ୍ୱ ପ୍ରତାପ ବେହେରା ଙ୍କୁ ଅବଗତ କରାଇଥିଲେ ।ହେଲେ ଶୁକ୍ରବାର ଅଚାନକ ରୋଗୀ ବାଲମାଙ୍କ ମୃତ୍ୟୁ ଓ ବେକ କଟିବ।ର୍ ଚିହ୍ନ ,ପ୍ରଚୁର ମାତ୍ରାରେ ରକ୍ତସ୍ରାବ ହେତୁ ମୃତ୍ୟୁ ଘଟଣା ସେମାନଙ୍କୁ ସନ୍ଦେହ ରେ ରଖିଥିବା ନନ୍ଦ କହିଛନ୍ତି ।ତେଣେ ୭ ନମ୍ବର୍ ୱାର୍ଡ ସହିଦ ନଗର କାଉନସିଲର ବେହେରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ,ବଲମ। ଙ୍କ ସ୍ୱାମୀ ସଞ୍ଜୟ ତାଙ୍କ ନିକଟ କୁ ଆସି ଟାଟା ଷ୍ଟିଲ ଡାକ୍ତରଖାନ। ରେ ଚିକିତ୍ସା ପାଇଁ ୧୩ ହଜାର ଟଙ୍କା ଆବଶ୍ୟକ ଥିବା ନେଇ ଜଣାଇ ଥିଲେ ।ତେବେ ବେହେରା ତାଙ୍କୁ କହିଥିଲେ ଯେ,ସ୍ଥାନୀୟ ବାସିନ୍ଦା ହୋଇ ଥିବାରୁ ରାସନ୍ କାର୍ଡ ,ଆଧାର କାର୍ଡ ନେଇ ଡାକ୍ତର ଖାନ। ରେ ଦେଖାଇଲେ ଚିକିତ୍ସା ହୋଇ ପାରିବ ବୋଲି କହିଥିଲେ ।ଶୁକ୍ରବାର ସକାଳୁ ରୋଗୀ ବେକ କାଟି ମରି ଯାଇଥିବା ସମ୍ପର୍କରେ ସେ ଖବର ପାଇଥିଲେ ।ଘଟଣା ଘଟିବା ପରେ ଡାକ୍ତର ଖାନ। କର୍ତୃପକ୍ଷ ତୁରନ୍ତ ମୃତ ଦେହ କୁ ନେଇ ଯିବା ପାଇଁ ସଞ୍ଜୟ ଙ୍କୁ କହିଥିଲେ ।ତାଙ୍କ ସ୍ୱାମୀ ଏକ ଅଟୋ ଯୋଗାଡ କରି ମୃତ ଦେହ କୁ ଘର କୁ ନେଇ ଯାଇଥିଲେ ।ମୃତ ବଲମା ଙ୍କ ଅସ୍ୱାଭାବିକ ମୃତ୍ୟୁ ଖବର ନେଇ ଡାକ୍ତରଖାନ। କର୍ତୃପକ୍ଷ ଥାନାରେ ମଧ ଜଣାଇ ନ ଥିଲେ ।ମୃତ୍ୟୁ ର କାରଣ ନେଇ ସନ୍ଦେହ ଉପୁଜିବା ରୁ ଏ ସଂକ୍ରାନ୍ତରେ ପୋଲିସ କୁ କାଉନସିଲର ଅବଗତ କରାଇ ଥିଲେ ।ଘଟଣାସ୍ଥଳ ରେ ଯୋଡା ଜନସାଧାରଣ ପହଂଚି ଥିବାରୁ ଏକ ପ୍ରକାର ଉତ୍ତେଜନା ପରିସ୍ଥିତି ଉପୁଜି ଥିଲ। ପୋଲିସ ଡାକ୍ତରଖାନ। ରେ ପହଞ୍ଚି ବଲମ। ଥିବା ବେଡ ର ସରଜମିନ ତଦନ୍ତ କରି ଦେଖିବାକୁ ପାଇଥିଲା ଯେ,ରକ୍ତାକ୍ତ ଚାଦର,ବେଡ ସିଟ,ତକିଆ ସେ ସ୍ଥାନରେ ନ ଥିଲା ।ଏହାକୁ ସମ୍ପୂର୍ଣ ବଦଳାଇ ଦିଆ ଯାଇ ଥିଲା ।ଘଟଣାସ୍ଥଳ ରେ ଚମ୍ପୁଆ ସବ୍ କଲେକ୍ଟର ଉମାକାନ୍ତ ପରିଡ଼ା ,ବଡ଼ବିଲ ତହସିଲଦାର ରାକେଶ ପଣ୍ଡା,ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ,ଯୋଡା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ,ବାମେବ।ରି ଥାନା ଅଧିକାରୀ ଯୋସକେତନ୍ ଭୋଇ ସଦଳବଳେ ପହଂଚି ଟାଟା ଷ୍ଟିଲ ଡାକ୍ତରଖାନ। ର ମୁଖ୍ୟ ଚିକିତ୍ସା ଅଧିକାରୀ ସୁଚିସ୍ମିତା ଦାସ ଙ୍କ ସହିତ ଆଲୋଚନା କରି ରାତି କାଳୀନ ଡ୍ୟୁଟି ରେ ଥିବା ଡାକ୍ତର ଓ କର୍ମଚାରୀ ଙ୍କ ସମ୍ପର୍କରେ ପଚାରି ବୁଝି ଥିଲେ ।ଉପ ଜିଲ୍ଲାପାଳ ପରିଡ଼ା ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି ଯେ,ବିଭିନ୍ନ ଦିଗ କୁ ଆଧାର କରି ପୋଲିସ ଏହାର ତଦନ୍ତ କରୁଛି ।ପୋଷ୍ଟ ମର୍ଟମ୍ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିବ । ଡାକ୍ତରଖ।ନ।ରେ ଘଟଣାକୁ ଲୁଚାଇବା ସମ୍ପର୍କରେ ପଚାରିବାରୁ ପରିଡ଼। କହିଛନ୍ତି ଯେ,ଆଇନ ଅନୁଯାୟୀ ଏହାର ତଦନ୍ତ ଆରମ୍ଭ ହୋଇଛି ।ତଦନ୍ତ ପ୍ରକ୍ରିୟା ପରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।ଏସଡିପିଓ ପିଂଗୁଆ। କହିଛନ୍ତି ଯେ,କେଉଁ କାରଣରୁ ମୃତ୍ୟୁ ସମ୍ପର୍କରେ ପୋଲିସ କୁ ନ ଜଣାଇ ମହିଳା ବଲମା ଙ୍କ ମୃତ ଦେହ କୁ ଡାକ୍ତରଖାନ। ରୁ ଘରକୁ ତରବରିଆ ଭାବେ ପଠାଇ ଦିଆ ଯାଇଥିଲା ।ଏହାର ମଧ ତଦନ୍ତ କରାଯିବ । ଟାଟା ଷ୍ଟିଲ ଡାକ୍ତରଖାନ। ମୁଖ୍ୟ ଡାକ୍ତର ସୁଚିସ୍ମିତ। ଦାସ ଏ ନେଇ ମୁହଁ ଖୋଲି ନ ଥିବା ବେଳେ ଟାଟା ଷ୍ଟିଲ କର୍ପୋରେଟ କମ୍ୟୁନିକେସନ ଅଧିକାରୀ ଶୁଭଙ୍କର ବେହେରା ଖବର ପରିବେଷଣ ବେଳେ ସାମ୍ବାଦିକ ମାନଙ୍କୁ ଦୁର୍ବ୍ୟବହାର କରିଥିବ। ଦେଖିବାକୁ ମିଳିଥିଲା । ଏ ନେଇ ଯୋଡା ଥାନାରେ ଏକ ଅପମୃତ୍ୟୁ ମାମଲା ନଂ ୨୩/୨୦୨୫ ରୁଜୁ ହୋଇଥିବା ଯୋଡା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି ।



## ଆର୍ଟ ଅଫ ଲିଭିଙ୍ଗ ପକ୍ଷରୁ ମୌନ ଶିବିର ଆୟୋଜିତ




ପାରାଦୀପ, (ମହାଭାରତ) : ପାରାଦ୍ୱୀପ ବନ୍ଦର ଗୋପବନ୍ଧୁ ଷ୍ଟାଡିଅମରେ ଆର୍ଟ ଅଫ ଲିଭିଙ୍ଗ ପକ୍ଷରୁ ଏକ ଚାରି ଦିନିଆ ମୌନ ସାଧନା ଶିବିର ଆୟୋଜିତ ହୋଇଯାଇଛି । ଶ୍ରୀଶ୍ରୀ ରବି ଶଙ୍କରଙ୍କ ବାଙ୍ଗାଲୋର କେନ୍ଦ୍ରରୁ ଆସିଥିବା ବରିଷ୍ଠ ପ୍ରଶିକ୍ଷକ ରାଜୀବ ନାମ୍ବିଆର ଶିବିରକୁ ପରିଚାଳନା କରିଥିଲେ । ଏହି ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ସାଧକ ମାନେ ଯୋଗ ଦେଇଥିଲେ । ଏହି ଶିବିର ସକାଳ ୬ଘ.୩୦ ମି. ରୁ ଆରମ୍ଭ ହୋଇ ରାତ୍ର ୮ ଟା ପର୍ଯ୍ୟନ୍ତ ଚାଲୁଥିଲା । ସକାଳର ଜଳଖିଆ, ଗାଧୁଆ ବେଳ ଖାଇବା ଓ ରାତ୍ରି ଭୋଜନ ର ବନ୍ଦୋବସ୍ତ ଶିବିରାର୍ଥି ମାନଙ୍କ ପାଇଁ କରାଯାଇଥିଲା ।ଏହି ସାଧନା ଶିବିରରେ ପାରାଦୀପ ବନ୍ଦର ରେ କାର୍ଯ୍ୟରତ କର୍ମଚାରୀ ମାନଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ମଧ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ସଫଳତା ପାଇ ଗୋପବନ୍ଧୁ କ୍ରୀଡା ସଂସଦ ର ଭୂମିକା ଓ ସହଯୋଗ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଯୋଗଗୁରୁ ତାପସ ପତି ସୂଚନା ଦେଇଥିଲେ। ଶ୍ରୀ ନାମ୍ବିଆର ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ପ୍ରଶଂସା କରିବା ସହ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। ପାରାଦୀପ ର ସମୁଦ୍ର ବେଳାଭୂମି, ନେହେରୁବଙ୍ଗଳା ର ସଙ୍ଗମ ଏବଂ ପାରାଦୀପ କୁ ଏକ ସାଧନା କ୍ଷେତ୍ର ବୋଲି କହିଥିଲେ । କାର୍ଯ୍ୟକ୍ରମ ର ଅନ୍ତିମ ଦିବସରେ ବନ୍ଦରର ମୁଖ୍ୟ ଯନ୍ତ୍ରୀ ହିମାଂଶୁ ଶେଖର ରାଉତ, ଅର୍ଥ ପରାମର୍ଶଦାତା ଡି.ଏନ୍ ସୋନ୍ଧି,ଡେପୁଟି ସିଭିଓ ସ୍ମୃତି ରଞ୍ଜନ ବେହୁରା ପ୍ରମୁଖ ବାଙ୍ଗାଲୋର ରୁ ଆସିଥିବା ଶ୍ରୀ ନାମ୍ବିଆର ଙ୍କୁ ସମ୍ମାନିତ କରିବା ସଙ୍ଗେ ସଙ୍ଗେ ଶ୍ରୀଶ୍ରୀ ରବିଶଙ୍କରଙ୍କ ପାରାଦୀପ ଗସ୍ତ ପାଇଁ ପ୍ରସ୍ତାବ ରଖିଥିଲେ ।

## ଦଶପଲ୍ଲାରେ ସିଓ୍ୱ ଦ୍ୱାରା ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର

ଦଶପଲ୍ଲା,(ମହାଭାରତ): ସେଣ୍ଟର ଫର କଟାଲାଇଜୀଙ୍ଗ ଚେଞ୍ଜ (ଉଓ୍ୱ) ଆନୁକୁଲ୍ୟରେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍ ସ୍ଥିତ ଅର୍ଣ୍ଣପୂର୍ଣ୍ଣା ଲଜ୍ ଏବଂ ମଣ୍ଡପ ଠାରେ ୨୬ ଜଣ କିଶ୍ୱରୀ ବାଳିକା ବାଳକ ଙ୍କୁ ନେଇ ନେତୃତ୍ୱ ଓ କୌଶଳ ବିକାଶ ନିମନ୍ତେ ଜୁଲାଇ ତା ୧୬ରିଖ ଠାରୁ ୧୮ ରିଖ ତିନି ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ବର୍ଗରେ ଦଶପଲ୍ଲା ଅଞ୍ଚଳର ୧୦ ଟି ପଞ୍ଚାୟତ ରୁ ୨୩ ଜଣ କିଶୋରୀ ବାଳିକା ଓ ୩ ଜଣ କିଶୋର ବାଳକ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ଶ୍ରୀଯୁକ୍ତ ଭକ୍ତି ବିନୋଦ ସଲ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଶ୍ରୀଯୁକ୍ତ ପ୍ରିୟ ରଞ୍ଜନ ସାହୁ,ବ୍ଲକ୍ ସମାଜ ସୁରକ୍ଷା ଅଧିକାରୀ, ସତ୍ୟ ରଞ୍ଜନ ଦାସ, ସୁରକ୍ଷା ଅଧିକାରୀ ଓ ସଂଯୁକ୍ତା ସାମଲ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଯୋଗଦେଇ ପିଲାଙ୍କୁ ଜୀବନ ଚର୍ଯ୍ୟା,ନିଜର ସମାଜ ପ୍ରତି କର୍ତ୍ତବ୍ୟ, ସଚେତନତା ର ମାର୍ଗ, ଶିକ୍ଷା ର ମହତ୍ତ୍ୱ, ମାଆ ଓ ବାପା ଙ୍କ ଦାୟିତ୍ୱ, ବାଲ୍ୟ ବିବାହ ରୋକିବାରେ ନିଜର ଭୂମିକା ଭଳି ଅନେକ ଗୁରୁତ୍ୱପୂର୍ଣ ବାର୍ତ୍ତା ପ୍ରଦାନ କରିଥିଲେ।ଏହି ବର୍ଗ ସମ୍ପୂର୍ଣ ତିନି ଦିନ ଧରି ଚାଲିଥିବା ବେଳେ ବର୍ଗକୁ ସିଓ୍ୱ ସଂସ୍ଥା ର ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜୋକ ଶ୍ରୀଯୁକ୍ତ ହିମାଂଶୁ ସିଂ ଙ୍କ ସହିତ ସି ଓ୍ୱ ନୟାଗଡ଼ ଜିଲ୍ଲା ସଂଯୋଜକ ସୁକେଶ ମିର୍ଦ୍ଧା ପିଲାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ ।ପ୍ରଥମେ ସମସ୍ତେ ନିଜ ନିଜର ପରିଚୟ ଦେବା ପରେ ଖେଳ ମଧ୍ୟମରେ ଯୋଗାଯୋଗ,ଏକତା,ଦଳଗତ କାର୍ଯ୍ୟ,ସୁସମ୍ପର୍କ ସ୍ଥାପନ ,ସହଯୋଗ,କର୍ତ୍ତବ୍ୟ, ନେତୃତ୍ୱ, ପରୋପକାର ଭଳି କାର୍ଯ୍ୟ ଶିଖାଇବା ସହିତ ନୂଆଗାଁ ବ୍ଲକ ସଂଯୋଜିକ ସୌଜନ୍ୟା ନାୟକ ଏବଂ ଗଣିଆ ବ୍ଲକ୍ ସଂଯୋଜିକା ସ୍ୱାତୀରେଖା ଦାସ,ବାଲ୍ୟବିବାହ ର କୁ ପରିଣାମ, ମହାପୁରୁଷଙ୍କ ଜୀବନୀ, ଆଇନ ଶୃଙ୍ଖଳା, ସମସ୍ତଙ୍କୁ ସମ୍ମାନ ଦେବା,ଅନ୍ୟାୟ ର ପ୍ରତିବାଦ ଭଳି ଗୁରୁତ୍ୱପୂର୍ଣ୍ଣ କଥା ଶିଖାଇଥିଲେ । ପ୍ରତେକ ଦିନ ଯୋଗ କରି ନିଜେ ସୁସ୍ଥ ହେବା ସହିତ ନିଜ ଅଞ୍ଚଳ ରେ ଥିବା ଲୋକଙ୍କୁ ସୁସ୍ଥ ରହିବାରେ ଭୂମିକା ଗ୍ରହଣ କରି ସହଯୋଗ କରିବାର ଆଶା ରଖି ଯୋଗ ଶିଖାଯାଇଥିଲା। ଏହି କାର୍ଯ୍ୟକର୍ମ ଟିକୁ ଉଓ୍ୱ ସଂସ୍ଥା ର ଦଶପଲ୍ଲା ବ୍ଲକ ସଂଯୋଜକ ଦାୟିତ୍ୱ ରେ ଥିବା ଶ୍ରୀ ସୁଭାଶିଷ ମିଶ୍ର ଆୟାଜନ କରିଥିବା ବେଳେ କାର୍ଯ୍ୟକ୍ରମ ଟିକୁ ଦାୟିତ୍ୱ ସହକାରେ ମଧ ସମ୍ପାଦନା କରିଥିଲେ।

## ବିଧାୟକଙ୍କ ଅଭିଯୋଗ ପ୍ରକୋଷ୍ଠରେ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର: ଘଟଣା ଚପାଇବାକୁ ସବୁସ୍ତରରୁ ମସୁଧା

ଖୋର୍ଦ୍ଧା, (ମହାଭାରତ) : ସ୍ଥାନୀୟ ଶ୍ରୀରାମ ନଗରସ୍ଥିତ ଖୋର୍ଦ୍ଧା ବିଧାୟକଙ୍କ ଅଭିଯୋଗ ଶୁଣାଣୀ କାର୍ଯ୍ୟାଳୟରେ ଆଜି ସାଂସଦ ଓ ବିଧାୟକ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସମୟରେ ଜଣେ ସାମ୍ବାଦିକ ଦୁର୍ବ୍ୟବହାର ଶିକାର ହୋଇଥିବା ଜଣା ପଡିଛି । ଯଦିଓ ସାମ୍ବାଦିକଙ୍କର ଏଥିରେ କୌଣସି କ୍ଷତି ହୋଇନାହିଁ ତଥାପି ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଘଟଣାକୁ ଚପାଇବା ଲାଗି ବିଧାୟକ ଓ ସାଂସଦଙ୍କ ସମର୍ଥକମାନେ ମସୁଧା କରୁଥିବାବେଳେ ପୁଲିସ ମଧ ଏନେଇ ପଚାରିଲେ କୌଣସି ସୂଚନା ଦେଉନାହିଁ । ଅନ୍ୟପକ୍ଷରେ ଘଟଣା ସତ ବୋଲି ଆକ୍ରମଣର ଶିକାର ହୋଇଥିବା ସାମ୍ବାଦିକ ନିଜେ ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି, ଗତକାଲି ପୂର୍ବାହ୍ନରେ ସାଂସଦ ଓ ବିଧାୟକଙ୍କ ଅଭିଯୋଗ ଶୁଣାଣି ବିଧାୟକଙ୍କ ଅଭିଯୋଗ ଶୁଣାଣୀ କାର୍ଯ୍ୟାଳୟରେ ଚାଲିଥିଲା । ଏନେଇ ବିଧାୟକଙ୍କ ଗଣମାଧ୍ୟମ ସଂଯୋଜକ ସମସ୍ତ ସାମ୍ବାଦିକଙ୍କୁ ଖବର ସଂଗ୍ରହ ପାଇଁ ଆସିବାକୁ ନିମନ୍ତ୍ରଣ କରିଥିଲେ । ଏହି ମତେ ସାମ୍ବାଦିକମାନେ ଖବର ନେବାକୁ ସେଠାକୁ ଯାଇଥିଲେ । ଉକ୍ତ ସାମ୍ବାଦିକ ଜଣକ ଅଲେଖ ଦୀକ୍ଷା ନେଇଥିବା ତାଙ୍କର ଜଣେ ବନ୍ଧୁଙ୍କୁ ସାଙ୍ଗରେ ଧରି ଅଭିଯୋଗ ଦେବାକୁ ସାଂସଦ ନିକଟକୁ ଯାଉଥିବା ସମୟରେ ସେଠାରେ ଉପସ୍ଥିତ ଥିବା ସାଂସଦ ପ୍ରତିନିଧି ବିଦ୍ୟୁତ କାଣ୍ଡି ଏବଂ ସାଂସଦଙ୍କ ଅନୁଗତ ଧନେଶ୍ୱର ବାରିକ ତାଙ୍କୁ ବିରୋଧ କରି ଠେଲାପେଲା କରିଥିଲେ । ସାମ୍ବାଦିକ ଜଣକ ନିଜ ପରିଚୟ ଦେଇଥିଲେ ମଧ ସାଂସଦ ପ୍ରତିନିଧି ଏବଂ କିଛି କର୍ମୀ ତାଙ୍କୁ ଦୁର୍ବ୍ୟବହାର କରିବା ସହିତ ଆକ୍ରମଣ କରିବାକୁ ଉଦ୍ୟତ ହୋଇଥିଲେ । ଏହି ସମୟରେ ମଞ୍ଚରେ



ଉପସ୍ଥିତ ଥିବା ବିଧାୟକ ମଧ ଉକ୍ତ ସାମ୍ବାଦିକଙ୍କୁ ଆକ୍ରମଣ ଲାଗି ଚିହିଁକି ଆସିଥିଲେ । ଏହାଦେଖି ନିକଟରେ ଥିବା ଅନ୍ୟଜଣେ ବରିଷ୍ଠ ସାମ୍ବାଦିକ ଏହାର ଦୃଢ ପ୍ରତିବାଦ କରିଥିଲେ । ତାଙ୍କ ବଡପାଟି ଶୁଣି ବିଧାୟକ ମଂଚରୁ ଉଠିଆସୁଥିବାବେଳେ ପୁନଶ୍ଚ ନିଜ ଚେୟାରରେ ଯାଇ ବସି ପଡିଥିଲେ । ଏହି ଘଟଣା ଉପସ୍ଥିତ ଆଦର୍ଶଥାନା ଅଧିକାରୀଙ୍କ ଉପସ୍ଥିତି ରେ ଘଟିଥିଲେ ସୁଦ୍ଧା ପୁଲିସ ନୀରବଦ୍ରଷ୍ଟା ସାଜିଥିଲା । କର୍ମୀଙ୍କ ଆକ୍ରମଣରେ ଯଦିଓ ସାମ୍ବାଦିକ ଜଣକ ବେଶୀ କ୍ଷତାକ୍ତ ହୋଇନଥିଲେ, ତଥାପି ତାଙ୍କର ସର୍ବସମ୍ମୁଖରେ ମର୍ଯ୍ୟଦା କ୍ଷୁର୍ଣ୍ଣ ହୋଇଥିବା ସେ ପ୍ରକାଶ କରିଛନ୍ତି । ସାମ୍ବାଦିକ ଜଣକ ରାଷ୍ଟ୍ରୀୟ ସ୍ୱୟଂ ସହାୟକ ସଂଘର ଆଗଧାଡିର କର୍ମୀ ହୋଇଥିବା ଜଣାଯାଇଛି । ଏନେଇ ଆଦର୍ଶ ଥାନା ଅଧିକାରୀଙ୍କୁ ପଚାରିବାରେ ସେ ଘଟଣାକୁ ଚାପିବା ଉଦ୍ୟମରେ ଏମିତି କିଛି ଘଟିନଥିବା ପ୍ରକାଶ କରିଥିଲେ । କିନ୍ତୁ ଖୋଦ୍ ତାଙ୍କ ସମ୍ମୁଖରେ ଏଭଳି ଘଟଣା ଘଟିଥିଲେ ବି ଏହାକୁ ଅସ୍ୱୀକାର କରିବା ପଛରେ କଣ ରହିଛି ରହସ୍ୟ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଘଟଣା ସମ୍ପର୍କରେ ବିଧାୟକ କିମ୍ବା ସାଂସଦଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଅନ୍ୟପକ୍ଷରେ ଘଟଣାକୁ ଚାପିବା ଉଦ୍ୟମ କରିଥିବା କର୍ମୀ, ନେତା ଓ ପୁଲିସ ବାବୁଙ୍କ ଭୁଲ ଯୋଗୁ ସଦ୍ୟ ଘଟିଥିବା ବାଲେଶ୍ୱର ଘଟଣାର ପୁଣି ପୁନରାବୃତି ନହେବ ବୋଲି ଏବେ ଚର୍ଚ୍ଚା ଆରମ୍ଭ ହେଲାଣି । ପ୍ରକାଶ ଥାଉ କି, ବିଗତ ଦିନରେ ସାଂସଦ ପ୍ରତିନିଧି ବିଦ୍ୟୁତ କାଣ୍ଡି ରାଜ୍ୟ କାର୍ଯ୍ୟାଳୟରେ ନିଜର ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ପାଇଁ ମଧ ଦଳରୁ ନିଲମ୍ବିତ ହୋଇଥିଲେ। ତେବେ ସେଠାକୁ ସାମ୍ବାଦିକଙ୍କ ନିମନ୍ତ୍ରଣ କରିଥିବା ବିଧାୟକଙ୍କ ସଂଯୋଜକ ଘଟଣା ସମୟରେ ସେଠାରେ ନରହିବା ମଧ ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଗଦା ହୋଇଛି ବିପୁଳ ପରିମାଣର ଲୁହାପଥର ଓ ଗ୍ରାନାଇଟ ପଥର ବାରମ୍ବାର ଅଭିଯୋଗ ପରେ ବି ଶୁଣାଣି ହେଉ ନାହିଁ

ଯୋଡା, (ମହାଭାରତ) : ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଗୁରୁବେଡ।ଠାରେ ବିପୁଳ ପରିମାଣର ଲୁହାପଥର ଓ ଗ୍ର।ନାଇଟ ପଥର ପଡ଼ି ରହିଥିବା ସମ୍ପର୍କିତ ଅଭିଯୋଗ ପ୍ରଶାସନିକ ସ୍ତରରେ କରାଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଏହାର ତଦନ୍ତ କରାଯାଇ ନାହିଁ ଏବଂ ବିଭାଗ ଏହାକୁ ନିଜ ଅକ୍ତିଆର କୁ ନେଉ ନାହିଁ ।ଅଭିଯୋଗ ସମ୍ପର୍କରେ ଅଞ୍ଚଳ ର ଯୁବ ସଂଗଠକ ଚର୍ଚିଲ ମହାକୁଡ ଗଣମାଧ୍ୟମ କୁ କହିଛନ୍ତି ଯେ,ବାରମ୍ବାର ଅଭିଯୋଗ ଶୁଣାଣୀ ରେ ଏ ନେଇ ପ୍ରତ୍ୟକ୍ଷ ଭାବେ ଅଭିଯୋଗ କରି ଆସୁଥିଲେ ହେଁ ଲକ୍ଷ ଲକ୍ଷ ଟନ୍ ଲୁହାପଥର ର ରକ୍ଷଣା ବେକ୍ଷଣ ଅଭାବ ହେତୁ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି ।ଏହି ଲୁହାପଥର ଗଦାରୁ ବହୁ ପରିମାଣର ଲୁହାପଥରକୁ ଖଣିଜ ଚୋର ମାନେ ଚୋରୀ କରି ବୋହି ନେଲେଣି ।ମହାକୁଡ କହିଥିଲେ ଯେ,ଦୁଇ ଦିନ ମଧ୍ୟରେ ଏକାଧିକ ଗାଡ଼ି ଲଗାଇ ଚୋର ମାନେ ଚୋରୀ କରି ନେଇ ଛନ୍ତି ।ଚିଠି ସଂଖ୍ୟା୪୧୮୫ ରେ ସେ ଏହି ଅଭିଯୋଗ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ କରିଥିଲେ ହେଁ ଏଯାବତ୍ ଏହାର କୌଣସି ସୁଫଳ ମିଳି ପାରି ନାହିଁ ।ମହାକୁଡ ଙ୍କ କହିବା ଅନୁଯାୟୀ,ପୂର୍ବ ରୁ ବଡ଼ବିଲରେ ଅବସ୍ଥାପିତ ଥିବା ବଡ଼ବିଲ ତହସିଲଦାର ଏହି ଲୁହାପଥର ଓ ଗ୍ରନାଇଟ ପଥର ସମ୍ବନ୍ଧରେ ଯୋଡା ଖଣି ଉପ ନିର୍ଦ୍ଦେଶକ ଙ୍କୁ ଅବଗତ କରାଇ ଥିଲେ ।ହେଲେ ତଦନ୍ତ ପ୍ରକ୍ରିୟାରେ ବିଳମ୍ବ ହେତୁ ଜମା ଖଣିଜ ଗୁଡ଼ିକ ଚୋରୀ ହେବାରେ ଲାଗିଲାଣି ।ସ୍ଥାନୀୟ ଗ୍ରାମବାସୀ ମାନେ କହିଛନ୍ତି ଯେ,ନିକଟରେ ଥିବା ଏକ ଖଣି କମ୍ପାନୀ ଏହି ଲୁହାପଥର କୁ ଏଠାରେ ଅନିୟମିତତା ଭାବେ ଜମା କରି ରଖିଛି ।ତେବେ ଲୁହାପଥର ସହିତ ଲଘୁ ଖଣିଜ ଗ୍ରାନାଇଟ କିପରି ଏଠାକୁ ଆସିଲା ,ଏହା ମଧ ତଦନ୍ତ ସ।ପେକ୍ଷ ବୋଲି ମହାକୁଡ ଓ ଗ୍ରାମବାସୀ କହିଛନ୍ତି ।

## ପିଆଇସିଟିୟରେ ପାରାଦୀପ ପୋର୍ଟ ମଜଦୁର ସଂଘର ଐତିହାସିକ ବିଜୟ





ପାରାଦୀପ, (ମହାଭାରତ) : ଦୀର୍ଘ ଦିନ ପରେ ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ (ପିଆଇସିଟି) କମ୍ପାନୀରେ ଜାହାଜ ରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କ ୧୯ ଦିନର ନିର୍ଭରୋକ୍ତି ବା ନିଶ୍ଚିତ ମଜୁରୀ ନିମନ୍ତେ ଚୁକ୍ତି ସ୍ୱାକ୍ଷରିତ ହୋଇଛି ।କ୍ଷ ଏହା ବ୍ୟତୀତ ଆଇନ ଅନୁଯାୟୀ ଶ୍ରମିକ ମାନେ ଅନ୍ୟାନ୍ୟ ସୁବିଧା ପାଇବେ ବୋଲି ସଂଘର ସଭାପତି ପ୍ରକାଶ ତ୍ରିପାଠୀ ସ୍ପଷ୍ଟ କରିଛନ୍ତି । ଚର୍ଚ୍ଚିତ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱାଧୀନ ପାରାଦୀପ ପୋର୍ଟ ମଜଦୁର ସଙ୍ଘ ରେ ସଦସ୍ୟ ଥିବା ଏହି ଶ୍ରମିକ ମାନଙ୍କ ହକ ହାସଲ ପାଇଁ ସଂଘର ନେତୃମଣ୍ଡଳୀ ସଂଘର୍ଷ କରି ଏହି ଐତିହାସିକ ବିଜୟ ହାସଲ କରିବା ପରେ ଶ୍ରମିକ ମାନଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ସଙ୍ଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସଭାରେ ଏହି ସଫଳତା ପାଇଁ ଶ୍ରମିକ ମାନେ ସଭାପତି ପ୍ରକାଶ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ସାଧାରଣ ସମ୍ପାଦକ ପରେଶ ମୁର୍ମୁ, ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂହ, ଉପସଭାପତି ସୁବ୍ରତ ପ୍ରଧାନ, ଯୁଗ୍ମ ସମ୍ପାଦକ ଦିଲୀପ ବଳିୟାରସିଂହ ପ୍ରମୁଖ ଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆତାସବାଜ ଓ ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ । ତେବେ ଏସମସ୍ତ ଶ୍ରେୟ ପାଇଁ ଶ୍ରମିକ ନେତା ଶ୍ରୀ ତ୍ରିପାଠୀ ଶ୍ରମିକ ମାନଙ୍କ ଏକତା, ପ୍ରଶାସନ ଓ କମ୍ପାନୀ କର୍ତୃପକ୍ଷ ଙ୍କ ସହଯୋଗ ଏବଂ ସଂଘର ନେତୃମଣ୍ଡଳୀ ଙ୍କ ଉଦ୍ୟମ କୁ ପ୍ରଶଂସା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ପାରାଦୀପ ର ସମସ୍ତ ଶ୍ରମିକ ଯଦି ନିଜ ମଧ୍ୟରେ ଭାଗ ଭାଗ ନହୋଇ ଏକତା ରକ୍ଷା କରନ୍ତି ଏବଂ ସଠିକ ଓ ଦୃଢ଼ ନେତୃତ୍ୱ ପାଖରେ ରହନ୍ତି ତାହେଲେ ଏହିଭଳି ସଫଳତା ସମସ୍ତେ ପାଇପାରିବେ ବୋଲି ସଂଘର ସଭାପତି ପ୍ରକାଶ ଦୃଢତାର ସହ କହିଛନ୍ତି । ଅନ୍ୟପକ୍ଷରେ ଶିଳ୍ପ ଓ ବନ୍ଦର ସହର ପାରାଦୀପ ରେ ଦୀର୍ଘଦିନ ହେବ କିଛି ତଥାକଥିତ ଛଦ୍ମବେଶି ଶ୍ରମିକ ନେତା ନିଜ ସ୍ୱାର୍ଥ ହାସଲ ପାଇଁ ଶ୍ରମିକ ମାନଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରିବା ଦ୍ୱାରା ଶ୍ରମିକ ମାନେ ଘୋର ଆର୍ଥିକ ଅନାଟନ ଓ ଦୁର୍ଦିନ ଦେଇ ଗତି କରୁଥିଲେ । ତେବେ ସ୍ଥାନୀୟ ନେତା ପ୍ରକାଶ ତ୍ରିପାଠୀ ଙ୍କ ଆବିର୍ଭାବ ପରେ ଏସବୁ ଦଲାଲ ନେତା ପାରାଦୀପ ରୁ ପ୍ରାୟ ଉଭାନ ହୋଇଯିବା ସହ ଶ୍ରମିକ ମାନଙ୍କ ହକ ଏବେ ମିଳିବାରେ ଲାଗିଛି। ଯାହାଦ୍ୱାରା ଶ୍ରମିକ ସମାଜ ମଧ୍ୟରେ ଏବେ ଆଶ୍ୱସ୍ତି ପ୍ରକାଶ ପାଇଛି ।

## ପୌର ପରିଷଦ ରାଜନୀତି: କିଏ ସେ ଡାହାଣୀ, କିଏ ସେ ଗୁଣିଆ ?




ନୟାଗଡ଼, (ମହାଭାରତ) : ନୟାଗଡ଼ ପୌର ପରିଷଦରେ ରାଜନୈତିକ ଅସ୍ଥିରତା ନେଇ କିଛିଦିନ ହେବ ଚର୍ଚ୍ଚା ହୋଇ ଆସୁଥିଲା। ଅଧ୍ୟକ୍ଷା ଓ ନିର୍ବାହୀ ଅଧିକାରୀଙ୍କ ବିରୁଦ୍ଧରେ କାଉନସିଲର ମାନେ ମେଳି କରିବା ଭଳି ଆଲୋଚନା ହେଉଥିଲା। ଯେଉଁ ଆଲୋଚନା ରାଜନୈତିକ ଦୃଷ୍ଟି କୋଣରୁ ଭିନ୍ନ ବାର୍ତ୍ତା ଦେଉଥିଲା। ବିଜୁ ଜନତା ଦଳ ଟିକେଟରେ ଗତ ପୌର ନିର୍ବାଚନରେ ବିପୁଳ ଭୋଟରେ ଅଧ୍ୟକ୍ଷା ଭାବେ ନିରୂପମା ଖଟେଇ ନିର୍ବାଚିତ ହୋଇଥିଲେ। ବିଜୁ ଜନତା ଦଳର ସମସ୍ତ କାଉନସିଲର ପ୍ରାର୍ଥୀ ମଧ ବିଜୟୀ ହୋଇଥିଲେ। ବିଜେଡି କବଜାରେ ରହିଥ?ବା ପୌର ପରିଷଦରେ ରାଜନୈତିକ ଅସ୍ଥିରତା ନେଇ ସରକାରୀ ଭାବେ ଦୃଷ୍ଟିଗୋଚର ହୋଇନଥିଲେ ମଧ କାନକୁହା କଥା ଛୁଞ୍ଚି ଭଳି ପଶି ଶାବଳରେ ପରିଣତ ହୋଇଗଲାଣି। ଏହି କଥା କିଏ ଆରମ୍ଭ କଲା ତାହାକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ଦୁଇ ଦିନ ତଳେ ପୌର ପରିଷଦ କାର୍ଯ୍ୟାଳୟରେ ଅଧ୍ୟକ୍ଷା ଶ୍ରୀମତି ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ସମସ୍ତ କାଉନସିଲର ଏବଂ ନିର୍ବାହୀ ଅଧିକାରୀ ଉପସ୍ଥିତ ରହି ଏକ ଭିଡିଓ ବାର୍ତ୍ତା ସାମ୍ନାକୁ ଆସିଛି। ଆମେ ସମସ୍ତେ ଏକ ଏବଂ ନୟାଗଡ଼ ବିକାଶ ପାଇଁ ମିଳିମିଶି କାମ କରୁଛୁ ବୋଲି ଉକ୍ତ ଭିଡିଓରେ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା କହୁଛନ୍ତି। ଆମ ଭିତରେ ମନାନ୍ତର ଓ ମତାନ୍ତର ନାହିଁ ବୋଲି ଉପାଧ୍ୟକ୍ଷ କହିଛନ୍ତି। ଏହା ସହିତ 'ଆମ ପାଇଁ ବଡ଼, ଆମ ନୟାଗଡ଼' ସ୍ଲୋଗାନ ଦିଆଯାଇଛି। ଏହି ଭିଡିଓ ପୌର ପରିଷଦକୁ ନେଇ ସୃଷ୍ଟି ହୋଇଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଥିବା ବେଳେ ଏହି ଚର୍ଚ୍ଚା ସୃଷ୍ଟିକାରୀ କିଏ ବୋଲି ଏବେ ପ୍ରଶ୍ନ ସବୁଠାରେ ଉଙ୍କି ମାରୁଛି। କିଏ ଡାହାଣୀ ହୋଇ ଏଭଳି କାହାଣୀ ରଚନା କରୁଛି ଏବଂ କିଏ ଗୁଣିଆ ହୋଇ ଏହାକୁ ବନ୍ଦ କରୁଛି ବୋଲି ବଡ଼ ପ୍ରଶ୍ନ ମନରେ ଉଙ୍କି ମାରୁଛି। ଏହି ଭିଡିଓରେ ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଜେନା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବର ମିଥ୍ୟା ବୋଲି କହିଛନ୍ତି। ଗଣମାଧ୍ୟମକୁ କିଏ ଏହି ମିଥ୍ୟା ଖବର କରିବାକୁ ତ?ଥ୍ୟ ତଥା ସୂଚନା ପ୍ରଦାନ କରିଥିଲା ବୋଲି ପ୍ରଶ୍ନ ଉଠିଛି। ଚା' ଖଟିରେ ବାହାସ୍ଫୋଟ ମାରୁଥିବା କିଛି କୁହାଳିଆ ରାଜନେତା ପୌର ପରିଷଦ ରାଜନୀତିକୁ ନେଇ ଭୁଲ ତଥ୍ୟ ପ୍ରଚାର କରୁଛନ୍ତି କି ବୋଲି ପ୍ରଶ୍ନ ଉଠିଛି। ମୁହଁରେ ଗୋଟେ ଓ ପଛରେ ଗୋଟେ କଥା କହୁଥିବା ବ୍ୟକ୍ତି ଦଳୀୟ ଶୃଙ୍ଖଳାକୁ ଭିତରେ ଭିତରେ ଚୂନ ମାରି ଛାରଖାର କରିବାକୁ ଚେଷ୍ଟା ଚଳାଇଥିବା ମଧ ଆଲୋଚନା ହେଉଛି। ନିଜର ସ୍ୱାର୍ଥ ପାଇଁ ଅନ୍ୟକୁ ବଳି ପକାଇ ଦେବାକୁ ସେମାନେ କଦାପି ପଛାନ୍ତି ନାହିଁ ବୋଲି ଅନେକ ରାଜନୈତିକ ବ୍ୟକ୍ତି ମତ ଦେଇଛନ୍ତି। ପୌର ପରିଷଦରେ ରାଜନୈତିକ ଅସ୍ଥିରତା ପ୍ରସଙ୍ଗକୁ ପ୍ରଚାର କରି ଅଧ୍ୟକ୍ଷା ଓ ନିର୍ବାହୀ ଅଧିକାରୀଙ୍କୁ ବ୍ଲାକମେଲ୍ କରିବାକୁ ଷଡ଼ଯନ୍ତ୍ର ରଚା ଯାଇଥିଲା ବୋଲି ଆଲୋଚନା ହେଉଛି। ନିଜ ଲୋକଙ୍କ ପାଇଁ କାମ ହାତେଇବା ଏବଂ ନିଜସ୍ୱ ସ୍ୱାର୍ଥକୁ ପ୍ରତିପାଦିତ କରିବାକୁ ଏଭଳି କରାଯାଇଥିଲା ବୋଲି ଶୁଣାଯାଉଛି। ଅନ୍ୟପକ୍ଷେ, ଅଧ୍ୟକ୍ଷା ରାଜନୈତିକ ସ୍ଥିତି ଓ ଅଭିସନ୍ଧିକୁ ନେଇ ଅନେକ ରକ୍ତ ଚାଉଳ ଚୋବାଉଛନ୍ତି । କାହିଁକି ଏଭଳି ହେଉଛି, ତାହା ବୁଝା ପଡୁନାହିଁ। ଏହା ପଛରେ ଅନେକ କାରଣ ରହିଥିବା ଅନୁମାନ କରାଯାଉଛି। ୨୦୦୮ ମସିହାରେ ନୟାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଥିଲେ ଏବେକାର ଅଧ୍ୟକ୍ଷା ନିରୂପମା ଖଟେଇ। ସେ ୨୦୦୮ ରୁ ୨୦୧୨ ମସିହା ସେ ପର୍ଯ୍ୟନ୍ତ ନୟାଗଡ଼ ଏନ୍ଏସି ର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ସେତେବେଳେ ଏଭଳି ରାଜନୈତିକ ଅସ୍ଥିରତା ପାଇଁ ତାଙ୍କୁ କାଉନସିଲର ମାନେ ଅନାସ୍ଥାରେ ବିତାଡ଼ିତ କରିଥିଲେ। ଉକ୍ତ ଘଟଣାର ପୁନାରୁବୃତ୍ତି ନ ହେବା ପାଇଁ ସମସ୍ତ ସଜାଗ ରହିବା ଆବଶ୍ୟକ। ମୁଖ୍ୟତଃ ଦଳୀୟ ଫୋରମରେ ଏହି ଘଟଣାକୁ ଆଲୋଚନା କରାଯିବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ପାକଲାପଲ୍ଲୀ ରେ ବିଦ୍ୟୁତ ଆଘାତରେ ଜଣେ ବ୍ୟକ୍ତି ମୃତ

ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ଏନଏସି ୱାର୍ଡ ନଂ ୧୮ ପାକଲାପଲ୍ଲୀ ରେ ଘଟିଛି ଅଭାବନୀୟ ଘଟଣା । ଚାଷ ଜମିକୁ ପାଣି ମାଡାଇବା ବେଳେ ବିଦ୍ୟୁତ ସମ୍ପର୍ଶ ରେ ଆସି ଜଣେ ବ୍ୟକ୍ତି ଙ୍କ ମୃତ୍ୟୁ ହୋଇଛି ।ମୃତ ବ୍ୟକ୍ତି ପାକଲାପଲ୍ଲୀ ର ୫୫ ବର୍ଷୀୟ ନିରଞ୍ଜନ ନାହାକ ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ନିରଞ୍ଜନ ଚାଷ ଜମିରେ ମୋଟର ସାହାଯ୍ୟ ରେ ପାଣି ମାଡାଇବା ବେଳେ ବିଦ୍ୟୁତ ଆଘାତର ଶିକାର ହୋଇ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଧାରକରୀ ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି କରିଥିବା ବେଳେ ଏଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି। ଖବରପାଇ ପୋଲିସ ମେଡିକାଲ ରେ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ମୃତଦେହ ସନ୍ଧ୍ୟା ୬ ଟା ୩୦ ମିନଟ ସମୟରେ ମେଡିକାଲ ପରିସରରେ ରହିଥିବା ଦେଖିବାକୁ ମିଳିଛି । ତେବେ କେଉଁ କାରଣ ରୁ ସେ ବିଦ୍ୟୁତ ଆଘାତ ର ଶିକାର ହେଲେ ତାହାର ପ୍ରକୃତ କାରଣ ଅସ୍ପଷ୍ଟ ରହିଛ।

## ଦଶପଲ୍ଲା ପୋଲିସ ପକ୍ଷରୁ ହେଲମେଟ ଯାଞ୍ଚ ଓ ସଚେତନତା କାର୍ଯ୍ୟକ୍ରମ



ଦଶପଲ୍ଲା,(ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ପୋଲିସ ପକ୍ଷରୁ ଦଶପଲ୍ଲା ବ୍ଲକ ମଧଖଣ୍ଡ ଅନ୍ତର୍ଗତ ତାଳେରା ଛକ ଠାରେ ହେଲମେଟ ଯାଞ୍ଚ ସହିତ ସଚେତନ କାର୍ଯ୍ୟକ୍ରମ କରାଯାଇଛି। ପ୍ରତି ବର୍ଷ ଭଳି ସାରା ଦେଶ ରେ ଜାନୁୟାରୀ ମାସ ଏକ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଥାଏ। କିନ୍ତୁ ଏହାର ରୂପରେଖ ଠିକ ରଖିବାକୁ ହେଲେ ବର୍ଷ ର ଅଧିକାଂଶ ସମୟରେ ଏଭଳି ଯାଞ୍ଚ ଓ ସଚେତନ କାର୍ଯ୍ୟକ୍ରମ ହେବା ଆବଶ୍ୟକ। ରାସ୍ତା ରେ ମଟର ସାଇକେଲ ରେ ଗଲାବେଳେ ସମ୍ପୂର୍ଣ ଟ୍ରାଫିକ ନିୟମ ମାନିଚଳିବ। ନିହାତି ଜରୁରୀୟ ବାଇକ ରେ ଗଲା ବେଳେ ହେଲମେଟ ପିନ୍ଧିବା,ଦୁଇ ଜଣ ଯିବା ଏବଂ ମୋବାଇଲ ବ୍ୟବହାର ନ କରିବା ପୁଣି ଚାରିଚକିଆ କିମ୍ବା ବଡ ଗାଡି ରେ ଡ୍ରାଇଭର ସିଟବେଲ୍ଟ ଲଗାଇବା ଓ ଗାଡି ଚଳାଇଲା ସମୟରେ ମଦ୍ୟ ପାନ ସମ୍ପୂର୍ଣ ନିଷେଧ ହେବା ଜରୁରୀ।ଯେଉଁ ଭାଇ ମାନେ ବାଇକ ରେ ଗଲାବେଳେ ହେଲମେଟ ପରିଧାନ କରିଥିଲେ ସେମାନଙ୍କୁ ସ୍ୱାଗତ ଜଣାଇ ଥିଲେ ଏବଂ ଯେଉଁ ମାନେ ହେଲମେଟ ବ୍ୟବହାର କରୁ ନ ଥିଲେ ସେମାନଙ୍କୁ ହେଲମେଟ ପିନ୍ଧିବା ପାଇଁ ବୁଝାଇ ଥିଲେ। ଟ୍ରାଫିକ ର ବିଭିନ୍ନ ନିୟମ କାନୁନ ଉପରେ ସୂଚନା ଦେଇଥିଲେ। ଦଶପଲ୍ଲା ଥାନା ଅଧିକାରି ଅନିତା ସାହୁଙ୍କ ତତ୍ୱାବଧାନ ରେ ଏ ଏସ ଆଇ ଅରୁଣ କୁମାର ଜେନା ଙ୍କ ସହିତ ଥାନାର କର୍ମଚାରୀ ଉପସ୍ଥିତ ଥିଲେ।

## ଗଜପତି ଜିଲ୍ଲା ରେ ସ୍ଥାୟୀ ଜିଲ୍ଲା ମୁଖ୍ୟ କୃଷି କୃଷି ଅଧିକାରୀ ପଦବୀ ପୂରାଣ ହେବ କେବ ?




ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ରେ ଦୀର୍ଘ ବର୍ଷ ହେବ ସ୍ଥାୟୀ ଜିଲ୍ଲା ମୁଖ୍ୟ କୃଷି ଅଧି କରି ଦୀୟଯାଉ ନାହିଁ। ଯାହାକୁ ନିଯୁକ୍ତି ଦିଆ ଯାଉଛି କେବଳ ମସେ ଦୁଇ ମାସ ସକାଶେ କାମ ଚଳୟ ଇବ ସକାଶେ ପୁଣି ଅବସର ନିଅନ୍ତି ଏହି ଭଳି ଦୀର୍ଘ ବର୍ଷ ହେଲା ଚାଲିଛି ।କିନ୍ତୁ ଏଥି ପ୍ରତି କୌଣସି ରାଜନେତାଙ୍କ ନ ୟ ସରକାର ଙ୍କ ଦୃଷ୍ଟି ପଡୁ ନହିଁ। ଗଜପତି ଜିଲ୍ଲା ରେ ସତୁରୀ ପ୍ରତିଶତ ଲୋକ ଚାଷ ଉପରେ ର୍ନିଭର କରନ୍ତି। କୌଣସି କଳା କାରଖାନା ନାହିଁ ଜୀବନ ଜୀବିକା ସକାଶେ ଚାଷୀ ର ଉତ୍ତତି ସକାଶେ ସରକାର ଯଦି ସ୍ଥାୟୀ ଅଧିକାରୀ ନିଯୁକ୍ତି ଦେବେ ନାହିଁ ଜିଲ୍ଲାରେ ଚାଷ ଓ ଚାଷୀ ର ଉତ୍ତତି ହେବ କିପରି । ଅନ୍ୟ ପଟେ କିଛି କର୍ମଚାରୀ ଦୀର୍ଘ ବର୍ଷ ହେବ ବଦଳି ହଉ ନାହିଁ ଯାହା ଫଳରେ ବିକାଶ ରେ ବାଧା ପ୍ରପ୍ତ ହଉ ଥିବା ଅଭିଯୋଗ ହଉଛି ସରକାରଙ୍କ ନିୟମ ତିନି ବର୍ଷ ହେଲେ କର୍ମଚାରୀ ବଦଳି ହେବୟ କଥା କିନ୍ତୁ କାର୍ଯ୍ୟ କରି ହଉ ନାହିଁ ସ୍ୱଚ୍ଛତା ଉପରେ ପ୍ରଶ୍ନ ବାଚୀ ସୃ ଷ୍ଟି କରିଛି। ନୂତନ ସରକାର ଲୋକଙ୍କ ସରକାର ଯଦି ନିୟମ ପାଳନ ହେବନି ଗୁହାରି କରିବେ କାହାକୁ ଗଣ ତନ୍ତ୍ର ଶାସନ ରେ ଏହି ଭଳି କାର୍ଯ୍ୟ ଶୋଭା ପାଉ ନାହିଁ ବୋଲି ସାଧ ରଣ ରେ ମତ ପ୍ରକାଶ ପାଉଛ।

## ମହା ରାଜାଙ୍କ ବିଦ୍ୟାଳୟରେ ଶିକ୍ଷକଙ୍କ ଦୀର୍ଘ ଦିନ ହେଲା ବଦଳି ହୋଇ ନଥିବ ଅଭି ଯୋଗ

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ମହାରାଜାଙ୍କ ବିଦ୍ୟାଳୟ ରେ ଶିକ୍ଷକ ଙ୍କ ବଦଳି ହୋଇ ନଥିବ ଅଭି ଯୋଗ ହଉଛି। ଏହି ସ୍କୁଲ ଗୋଟିଏ ପୁରାତନ ସ୍କୁଲ ଅଟେ। ଏହି ସ୍କୁଲରେ କାମ ଆରମ୍ଭକରି ଏହି ଠାରେ ଅବସର ନେଇଥିବା ଅଭିଯୋଗ ହଉଛି ସରକାର ଙ୍କ ନିୟମ ତିନି ବର୍ଷ ହେଲେ ବଦଳି କିନ୍ତୁ ଏହି ନିୟମ କାର୍ଯ୍ୟ କରି ହଉ ନାହିଁ। ନୂତନ ସରକାର ଲୋକଙ୍କ ସରକାର ସ୍ୱଚ୍ଛତା ଦୃଷ୍ଟି ରୁ କାର୍ଯ୍ୟ କରି ହେବ। କଥା କିନ୍ତୁ କାର୍ଯ୍ୟ କାରୀ ହଉ ନାହିଁ।

# ଜବାହାର ନବୋଦୟ ସ୍କୁଲ ର ୧୫ଛାତ୍ରୀ ଅସୁସ୍ଥ

## ରାତାରାତି ସମସ୍ତ ଛାତ୍ରଛାତ୍ରୀଙ୍କ ରକ୍ତ ନମୁନା ପରୀକ୍ଷା



ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜବାହାର ନବୋଦୟ ସ୍କୁଲ ର ୧୫ ରୁ ଉର୍ଦ୍ଧ ଜଣ ଛାତ୍ରୀ ଅସୁସ୍ଥ। ସଙ୍ଗେ ସଙ୍ଗେ ଅସୁସ୍ଥ ସମସ୍ତ ଛାତ୍ରୀ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି। ନବଦୋୟ ସ୍କୁଲ ର ମଧାହ୍ନ ରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ର ଛାତ୍ରୀ ମାନଙ୍କୁ ବାନ୍ତି ଓ ମୁଣ୍ଡବିନ୍ଦା ହୋଇଥିଲା। ସ୍କୁଲ ର କର୍ତ୍ତୃପକ୍ଷ ସେମାନଙ୍କୁ ବିଶ୍ରାମ ନେବାକୁ କହିଥିଲେ। ସନ୍ଧ୍ୟା ସମୟରେ କିଛି ଛାତ୍ରୀ ଙ୍କୁ ମୁଣ୍ଡବିନ୍ଦା ଓ ଜ୍ୱର ଆସିଥିଲା। ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀ ମାନଙ୍କୁ ନୟାଗଡ ମୁଖ୍ୟ ଚିକିତ୍ସାଳୟ କୁ ଆଣିଥିଲେ। ୧୫ ରୁ ଉର୍ଦ୍ଧ ଜଣ ଛାତ୍ରୀ ଙ୍କୁ ଚିକିତ୍ସା କରାଯାଇଥିଲାୟ ଡାକ୍ତର ସମସ୍ତ ଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲେ। ଛାତ୍ରୀ ମାନଙ୍କୁ ଭାଇରଲ୍ ଜ୍ୱର ହୋଇଥିବା ନେଇ ଡାକ୍ତର ସନ୍ଦେହ କରିଛନ୍ତି। ମେଡିକାଲ ପକ୍ଷରୁ ରାତାରାତି ସ୍କୁଲ କୁ ଡାକ୍ତରୀ ଟିମ ପଠାଯାଇଛ। ସେଠାରେ ସମସ୍ତ ଛାତ୍ର ଛାତ୍ରୀ ଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ସଂକ୍ରମଣ ବଢିବା କୁ ଦୃଷ୍ଟି ରେ ରଖାଯାଇଥିବା ନୟାଗଡ ଜିଲ୍ଲା ମୁଖ୍ୟ ଚକିତ୍ସା ଅଧିକାରୀ ସୁଶାନ୍ତ କୁମାର ଦାସ କହିଛନ୍ତି।

# ଧର୍ମ ପରିବର୍ତ୍ତନ କୁ ବନ୍ଦ କଲା ବଜରଙ୍ଗ ଦଳ



ଦାନଗଦି:(ମହାଭାରତ)କଳିଙ୍ଗ ନଗର ଯାଜପୁର ଜିଲ୍ଲା ରେ ଖ୍ରୀଷ୍ଟିଆନ ପାଦ୍ରୀ ମାନେ ନିରୀହ ଆଦିବାସୀ, ହରିଜନ ବସ୍ତି ବାସିନ୍ଦା ଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଧର୍ମ ପରିବର୍ତ୍ତନ କରାଉଛନ୍ତି,ବ୍ୟାସ ନଗର ସ୍ଥିତ ମୁଣ୍ଡମାଳ ଗ୍ରାମ ର(ଡାହିସାହି )ବସ୍ତି ଭିତରେ ୩୦ ରୁ ୪୦ ଜଣ ଖ୍ରୀଷ୍ଟିଆନ ପାଦ୍ରୀ ଆସି ୭୦ ଜଣ ଲୋକଙ୍କୁ ଏକାଠି କରି ଧର୍ମାନ୍ତୀକରଣ କରାଉଥିଲେ। କୌଣସି ସୂତ୍ରରୁ ଜିଲ୍ଲା ବଜରଙ୍ଗ ଦଳ ସଂଯୋଜକ ବସନ୍ତ କୁମାର ପାତ୍ର ଏ ପରି ହେଉଥିବା ସୂଚନା ପାଇ ସେଠାରେ ପହଂଚି ବା ସଙ୍ଗେସଙ୍ଗେ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ଙ୍କୁ ଖବର ଦେଇଥିଲେ। ପୋଲିସ ପ୍ରଶାସନର ର ସହଯୋଗ ରେ ଧର୍ମ ପରିବର୍ତନ କୁ ବନ୍ଦ କରାଯାଇଥିଲା। ପାଦ୍ରୀ ମାନଙ୍କ ଠାରୁ ବାଇବେଲ ବାହାରିବା ସହିତ ତାଙ୍କଠାରୁ କାହାକୁ କାହାକୁ ଧର୍ମାନ୍ତୀକରଣ କରାଯିବ ତାର ଏକ ତାଲିକା ଜବତ ହୋଇଥିଲା। ପୋଲିସ ଅଧିକାରୀ ସେ ପାଦ୍ରୀ ମାନଙ୍କୁ ବିଦା କରିବା ସହିତ. ସେଠାରେ ଧର୍ମାନ୍ତୀକରଣ କୁ ବନ୍ଦ କରିଥିଲେ ଏଥିରେ କୋରେଇ ବଜରଙ୍ଗ ଦଳ ସଂଯୋଜକ ମଧୁସୂଦନ ସାମଲ । ଗୋରକ୍ଷା ପ୍ରମୁଖ ସୃତିରଞ୍ଜନ ପଣ୍ଡା. ସୁରକ୍ଷା ପ୍ରମୁଖ ଚିତରଞ୍ଜନ ମିଶ୍ର. ନଗର ଆଖଡ଼ା ପ୍ରମୁଖ ଅରମାନ ପାତ୍ର. ସହ ସୁରକ୍ଷା ପ୍ରମୁଖ ମୁନା ମଲିକ. ବିଶ୍ୱହିନ୍ଦୁ ପରିଷଦ ପୂର୍ବତନ ସଭାପତି ପ୍ରସନ୍ତ ସାମଲ. ପୂର୍ବତନ ବଜରଙ୍ଗ ଦଳ ସହ ସଂଯୋଜକ ପ୍ରତାପ ନାଏକ ଓ ପ୍ରଭାତ କୁମାର ବଳ. ଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଧର୍ମାନ୍ତୀକରଣ କୁ ଘୋର ବିରୋଧ କରିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟ ର କଥା ଯାଜପୁର ଜିଲ୍ଲା ବ୍ୟାସ ନଗର ସମେତ କଳିଙ୍ଗନଗର ରେ ବେଆଇନ ଭାବେ ଦୈନିକ ଖ୍ରୀଷ୍ଟିଆନ ମାନେ ଧର୍ମ ପରିବର୍ତ୍ତନ କରାଇବା ସହ ସରକାରୀ ଜାଗା ରେ ଚର୍ଚ୍ଚ ମାନ ନିଁଭୟ ରେ ନିର୍ମାଣ କରି ତାଙ୍କ ଧର୍ମ ପ୍ରଚାର ପ୍ରସାର ଜୋରଦାର ଚଲାଇ ଛନ୍ତି, ଏସବୁ କାହା ସାହସ ରେ ସେମାନେ କରୁଛନ୍ତି, ପ୍ରଶାସନ ଜାଣି ଅଜଣା ହେଉଛି, ସେମାନଙ୍କ ଙ୍କର ହିନ୍ଦୁ ଓଡ଼ିଆ ଲୋକଙ୍କ ଧର୍ମ ପରିବର୍ତନ କରାଇବା ର ଭବିଷ୍ୟତ ଲକ୍ଷ୍ୟ କଣ ? ଆମ ହିନ୍ଦୁ ସମାଜ କୁ ସେମାନେ କାହିଁକି ଟାର୍ଗେଟ କରିଛନ୍ତି, ଏସବୁ ଭବିଷ୍ୟତ ପାଇଁ ଚିନ୍ତାର କାରଣ ହେଲାଣି ବୋଲି ବୁଦ୍ଧିଜୀବୀ ମାନେ ଆଲୋଚନା କରୁଛନ୍ତି। ଏପରି ସ୍ଥିତି ରେ ସମସ୍ତ ହିନ୍ଦୁ ସନାତନ ଭାଇ ମାନେ ଏକ ହୋଇ ନିଜ ଧର୍ମ ରକ୍ଷା କରିବା ପାଇଁ ଆଗେଇ ଆସିବା ପାଇଁ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ନିବେଦନ କରିଛି,ଜିଲ୍ଲା ପ୍ରଶାସନ, ରାଜନେତା ଯଦି ଏସବୁକୁ ଆନ୍ତରିକତା ସହ ଦୃଷ୍ଟି ଦେଇ ରୋକ ନ ଲଗାନ୍ତି ତାହେଲେ ଆଗାମୀ ଦିନରେ ସମୁଦାୟ ହିନ୍ଦୁ ସମାଜ ବିପଦ ରେ ପଡି ଲୋପ ପାଇଯିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

# ନ୍ୟାୟ ପାଇଁ ଥାନା ସମ୍ମୁଖରେ ନାବାଳିକା ପରିବାର

ଅସ୍ତରଙ୍ଗ(ମହାଭାରତ): ଗତ ୧୦ ତାରିଖ ରେ ଅସ୍ତରଙ୍ଗ ଥାନା ନିକଟବର୍ତ୍ତୀ ଏକ ଗ୍ରାମ ରୁ ଜୈନକ ନାବାଳିକା ଜଣଙ୍କ ଟ୍ୟୁସନ ସାରି ବିଦ୍ୟାଳୟ କୁ ଆସୁଥିବା ସମୟ ରେ ଅସ୍ତରଙ୍ଗ ଥାନା ନିକଟବର୍ତ୍ତୀ ଅସ୍ତରଙ୍ଗ ପାର୍କ ରାସ୍ତା ରେ ୨ ଜଣ ଦୁର୍ବୁତ୍ତମାସ୍କ ଲଗାଇ ଏକ କଳା ପଲ୍ସର ରେ ଆସି ଉକ୍ତ ଯୁବତୀ ଙ୍କୁ ଆକ୍ରମଣ କରିଥିଲେ, ଯାହାକୁ ନେଇ ଉକ୍ତ ଯୁବତୀ ଙ୍କ ତରଫରୁ ଥାନା ରେ ଏତଲା ହୋଇଥିଲା, ମାତ୍ର ଘଟଣା କୁ ୧୦ ଦିନ ହୋଇଯାଇଥିଲେ ବି ଉକ୍ତ ଦୁର୍ବୁର୍ତ୍ତ ଙ୍କୁ ପୋଲିସ ଖୋଜିବାରେ ବିଫଳ ହୋଇଛି ଯାହାକୁ ନେଇ ନାବାଳିକା ଓ ତା ପରିବାର ସମ୍ପୂର୍ଣ୍ଣ ଅସୁରକ୍ଷିତ ବୋଲି ଆଜି ତାଙ୍କ ପରିବାର ତରଫରୁ ଅଭିଯୋଗ ଆସିଛି, ଯାହାକୁ ନେଇ ଯୁବତୀ ତାଙ୍କ ମା ଓ ଅନ୍ୟ ପରିବାର ସଦସ୍ୟ ଆଜି ଅସ୍ତରଙ୍ଗ ଥାନା କୁ ଆସି ନ୍ୟାୟ ପାଇଁ ଥାନା ସମ୍ମୁଖରେ ଧାରଣା ରେ ବସିଥିଲେ, ଅନ୍ୟ ପକ୍ଷ ରେ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ କହୁଛନ୍ତି ଆମେ ଏ ସଂକ୍ରାନ୍ତରେ ଆମେ ତଦନ୍ତ କରୁଛୁ, ସୂଚନା ମୁତାବକ ଝିଅ ରେ ଦାଦା ପୂର୍ବ ପାରିବାରିକ ଶତ୍ରୁତା ରୁ ଏହିଭଳି କରିଥାଇପାରନ୍ତି ବୋଲି ଦାଦା ଙ୍କ ନାମ ରେ ପୂର୍ବରୁ ଅଭିଯୋଗ ହୋଇଛି, ପୋଲିସ ଦାଦା ଙ୍କ ଘରେ



ଯାଞ୍ଚ କରିବା ପରେ ଯୁବତୀ ଙ୍କ ଦାଦା ଙ୍କୁ ପାଇନାହାନ୍ତି, ଏ ସଂକ୍ରାନ୍ତ ରେ ପୋଲିସ ତରଫରୁ ବିଭିନ୍ନ ତଦନ୍ତ ଜାରୀ ରହିଛି କିନ୍ତୁ ବର୍ତ୍ତମାନ ଯୁବତୀ ଜଣଙ୍କ ର ଶିକ୍ଷାଗତ ଓ ସାମାଜିକ ଜୀବନ ଗୋଟେ ପ୍ରଭାବିତ ହୋଇଛି ବୋଲି ପରିବାର ଲୋକ ଦାବୀ କରିଛନ୍ତି ।

## ବସ୍ତି ବାସିନ୍ଦାଙ୍କୁ ଦିଆଯାଇଥିବା ଏଲଆରସି ର ପୁନଃ ଯାଞ୍ଚ ଓ ପ୍ରଦାନ

ଦଶପଲ୍ଲା,(ମହାଭାରତ): କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ଗରିବ ତଥା ବାସହରା ଲୋକଙ୍କ ପାଇଁ ଜାଗା ଓ ଗୃହ ଯୋଗାଇ ଦେବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି।ଜାଗା ମିଶନ ର ପରିକଳ୍ପନା କରାଯାଇ ଅନେକ ବାସହରା ଙ୍କୁ ପୂର୍ବରୁ ଜାଗା ପଟ୍ଟା ଯୋଗାଇ ଦିଆଯାଇ ଥିବା ବେଳେ ବର୍ତମାନ ଅନ୍ୟ ବାସହରା ଙ୍କୁ ଦିଆଯିବାର ଅଛି। ଦଶପଲ୍ଲା ବିଜ୍ଞାପିତ ଅଂଚଳ ପରିଷଦ ରେ ଜାଗାମିଶନ ନାମରେ ବସ୍ତି ବାସିନ୍ଦାଙ୍କୁ ପ୍ରଦାନ କରାଯାଇଥିବା ଲ୍ୟାଣ୍ଡ ରାଇଟ ସାର୍ଟିଫିକେଟ (ଖଜଉ)ନାମରେ ହୋଇଛି ଘୋଟଲା। ଜାଗା ମିଶନ ଦ୍ୱାରା ବସ୍ତି ବାସିନ୍ଦା ଙ୍କୁ ଘରପଟ୍ଟା ପ୍ରଦାନ କରିବା ନିମନ୍ତେ ଏନ ଏ ସି ପକ୍ଷରୁ ନିଷ୍ପତି କରାଯାଇଥିବା ବେଳେ ସଠିକ ଯାଞ୍ଚ ନ ହୋଇ ଜାଗା ପଟ୍ଟା ଦିଆଯିବ ବୋଲି ଆଲୋଚନା ହେଉଛି। ଯାହାକୁ ନେଇ ଦଶପଲ୍ଲା ବୁଦ୍ଧିଜୀବୀ ମହଲ ରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୁନଃ ତଦାରଖ କରାଯିବା ସହିତ ବସ୍ତିବାସିନ୍ଦା ଙ୍କୁ ଏଲ ଆର ସି ଦିଆଯିବା ନିମନ୍ତେ ଜନସାଧାରଣ ରେ ଦାବୀ ହେଉଅଛି।ସୂଚନା ଅନୁଯାୟୀ ପୂର୍ବରୁ ଜାଗାମିଶନ ଦ୍ୱାରା ବସ୍ତିବାସିନ୍ଦା ଙ୍କ ନିମନ୍ତେ ଏଲ ଆର ସି କାର୍ଯ୍ୟକାରୀ ହୋଇଥିବା ବେଳେ ଏହାକୁ ପୁନଃ ତଦାରଖ କରାଯାଇ ପ୍ରକୃତ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ ନିମନ୍ତେ ଗୁରୁତ୍ୱ ଦିଆଯିବା କୁ ନେଇ ସାଧାରଣ ରେ ଦାବୀ ହେଉଅଛି।

## ଖରିଫ ଋତୁର ଧାନ ବିକ୍ରି ପାଇଁ ଚାଷୀ ପଞ୍ଜିକରଣ ନିମନ୍ତେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ




ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଆର ଏମ୍ ସି ପରିସରରେ ଥିବା କନଫେରାନ୍ସ ହଲ ଠାରେ ଏକ ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇ ଯାଇଛି। ଏହି ଶିବିରରେ କାଶୀ ନଗର ବ୍ଲକ, ଗୁମ୍ମାବ୍ଲକ,ଗୋଶାଣୀବ୍ଲକ ଓ ରାୟଗଡ ବ୍ଲକର ପ୍ରାଥମିକ ସମବାୟ ସମିତିର ସମ୍ପାଦକ ଓ ଡାଟା ଏଣ୍ଟ୍ରି ଅପରେଟର ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।ଏହି କାର୍ଯ୍ୟକ୍ରମରେ ସିନିୟର ଏ .ଆର. ସି.ସି (ଇ.ଜ.ଉ.ଉ )ତଥା ଡି.ଆର. ସି. ଏସ୍ (ଉ.ଜ.ଉ.ଝ) (ଐବକ୍ସସଷବକ୍ସ ଫ୍ତରଫ୍ତଷ) ହରିହର ସେଠ୍ , ସହକାରୀ ଯୋଗାଣ ଅଧିକାରୀ ଏସ୍.ଲକ୍ଷ୍ମୀ ଓ ସେହ୍ନୟସିନ ବେହେରା, ଝ.ଇ.ଜ.ଉ.ଝ ନୃସିଂହ ଚରଣ ବେହେରା,ଝ.ଇ.ଜ.ଉ.ଝ ପଙ୍କଜ କୁମାର ନାୟକ,ଅମିୟ କୁମାର ମହାରଣା ପ୍ରମୁଖ ମଞ୍ଚାସିନ ଥିଲେ।କାଲିଠାରୁ ଚାଷୀ ପଞ୍ଜିକରଣ ଆରମ୍ଭ ହେବ ଏହା ଏକ ମାସ ପର୍ଯ୍ୟନ୍ତ ପଞ୍ଜିକରଣ କରାଯିବୟଚାଷୀ ଏବଂ ଭାଗ ଚାଷୀଙ୍କ ଆଧାର ର କଣଉ ମାଧ୍ୟମରେ ଚାଷୀ ପଞ୍ଜିକରଣ କରାଯିବ।ଚାଷୀ ପଞ୍ଜିକରଣ କରିବା ନିମନ୍ତେ ନିଜର ଆଧାର କାର୍ଡ, ବ୍ୟାଙ୍କ ପାସ୍ ବୁକର ପ୍ରଥମ ପୃଷ୍ଠାର ନକଲ,ଯେଉଁ ମୋବାଇଲ ନମ୍ବର ଆଧାର ଓ ମୋବାଇଲ ନମ୍ବର ସହ ଲିଙ୍କ ହୋଇ ଥିବ ସେହି ମୋବାଇଲ ସାଙ୍ଗରେ ନେଇ ପଞ୍ଜିକରଣ କରିପାରିବେ ଭାଗ ଚାଷୀ ମାନଙ୍କ ପାଇଁ ଜମି ମାଲିକଙ୍କ ସହମତି ପତ୍ର ଆବଶ୍ୟକ, ପଞ୍ଜିକୃତ ଚାଷୀଙ୍କୁ ଚାଷୀ ପଞ୍ଜିକରଣ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି।ତେଣୁ ସମସ୍ତ ଡକୁମେଣ୍ଟ ନେଇ ପ୍ରାଥମିକ ସମବାୟ ସମିତି କାର୍ଯ୍ୟାଳୟରେ ଯାଇ ଚାଷୀ ନିଜର ପଞ୍ଜିକରଣ କରିପାରିବେ।

## ନଳବଣ୍ଟା ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ବୃଦ୍ଧ ମୃତ

ଆସିକା ((ମହାଭାରତ):ଗଞ୍ଜାମ ଜିଲ୍ଲା ଆସିକା ଥାନା ନଳବ□ା ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ଜଣେ ବୃଦ୍ଧ ଙ୍କ ମୃତ୍ୟୁ ହୋଇଛି । ମୃତ ବୃଦ୍ଧ ଜଣଙ୍କ ହେଲେ ନଳବଣ୍ଟା ଗ୍ରାମର ୬୫ ବର୍ଷୀୟ କାଳୁ ଚରଣ ନାହାକ ହୋଇଥିବା ଜଣାପଡିଛି ଓ ସୂଚନା ଅନୁସାରେ କାଳୁଚରଣ ପ୍ରତ୍ୟେକ ଦିନ ପରି ଆଜି ମଧ ଋଷିକୁଲ୍ୟା ନଦୀପଠାକୁ ଛେଳି ଚରେଇବାକୁ ଯାଇଥିବା ସମୟରେ ତାଙ୍କୁ ଗୋଟିଏ ବିଷାକ୍ତ ସାପ କାମୁଡ଼ି ଥିଲା ।ସାପ କାମୁଡା ଫଳରେ କାଳୁ ଚରଣ ନଦୀପଠା ରେ ପଡ଼ି ଛଟପଟ ହେଉଥିବା ସମୟରେ ପାଖ ଖେଳ ପଡିଆରେ କୁ ଖେଳିବାକୁ ଯାଇଥିବା କିଛି ପିଲା ଦେଖିବାକୁ ପାଇ ପରିବାର ଲୋକଙ୍କୁ ଖବର ଦେଇଥିଲେ ।ପରିବାର ଲୋକେ ତାଙ୍କୁ ସେଠାରୁ ଉଧାରକରି ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି କରିଥିଲେ । ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଦେଖିବାକୁ ମିଳିଛ।

# ଚିନିଶିଳ୍ପରେ ଆଖୁ ଚାଷ ଉନ୍ନୟନ କମିଟି ବୈଠକ

ଆସିକା (ମହାଭାରତ): ଆସିକା ସମବାୟ ଚିନିଶିଳ୍ପର କୃଷକ ଭବନ ଠାରେ ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ସଭାପତି୍ ରେ ଚିନିଶିଳ୍ପ ରେ ପରିବର୍ଦ୍ଧିତ ଆଖୁ ଚାଷ ଉତ୍ତୟନ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା ।ଉକ୍ତ ବୈଠକ ରେ ପରିଚାଳନା ନିର୍ଦ୍ଦେଶକ ଡକ୍ଟ୍ର.ସୁଶାନ୍ତ କୁମାର ପଣ୍ଡା, ପରିଚାଳନା ପରିଷଦର ସଦସ୍ୟ ରତ୍ନାକର ସାହୁ, ବସନ୍ତ କୁମାର ଦଳେଇ, ଧର୍ମୁ ପ୍ରଧାନ, ସରିତ ପ୍ରଧାନ, ନିରଞ୍ଜନ ପ୍ରଧାନ, ପୂର୍ଣଚନ୍ଦ୍ର ବରୟଡ, ଶ୍ରୀମତୀ ଗୀତା ପାତ୍ର, ବିଭାଗୀୟ ମୁଖ୍ୟ ପ୍ରଶାନ୍ତ କୁମାର ପାଢୀ, ଚିତ ଚିନ୍ମୟ ରଞ୍ଜନ ନାୟକ, ଶ୍ରୀନିବାସ ମହାପାତ୍ର , କେଦାରନାଥ ସାହୁ , ଆଖୁ ଉତ୍ତୟନ ପର୍ଯବେକ୍ଷକ, ଆଖୁ ଉତ୍ତୟନ ସହାୟକ ଅଂଶ ଗ୍ରହଣ କରିଥିଲେ । ଏହି ସଭାରେ



ଭାରତୀୟ ଷ୍ଟେଟ ବ୍ୟାଙ୍କର ଆ□ଳିକ ପ୍ରବନ୍ଧକ ଓ ଅନ୍ୟାନ ଅଧିକାରୀ ଯୋଗ ଦେଇଥିଲେ । ଏହା ସହିତ ଗଞ୍ଜାମ ଜିଲ୍ଲା ଆଖୁ ଚାଷୀ ସଂଘର ଲଳିତ ମୋହନ ଦାସ, ସମୀର ପ୍ରଧାନ, ରାଘବ ସିୟ, ବିଶେଶ୍ୱର ପ୍ରଧାନ,ଗୋବିନ୍ଦ ଜେନା, ପଦ୍ମ ବିଶୋଇ, କିଶୋର ମେହେଣା, ବଳରାମ ସ୍ୱାଇଁ, ସୁରେନ୍ଦ୍ର ଜେନା ଏବଂ ବିଭିନ୍ନ ବ୍ଲକରୁ ଆଖୁ ଚାଷୀମାନେ ଯୋଗ ଦେଇଥିଲେ ।ଏହି ବୈଠକ ରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ନିଶ୍ଚିତ ଜଳ ସେଚନ ନିମନ୍ତେ ଗଭୀର ନଳକୂପ , ସୌର ଚାଳିତ ପମ୍ପ ସେଟ ଓ ବନ୍ୟ ଜନ୍ତୁଙ୍କ ପ୍ରଭାବରୁ ଆଖୁ ଫସଲକୁ ରକ୍ଷା କରିବା ନିମନ୍ତେ ସୌର ଚାଳିତ ଝଟକା ଯନ୍ତ୍ର ର୍ଦିଘ ମିଆଦି କୃଷି ରୁଣ ହିସାବରେ ଚାଷୀ, ବ୍ୟାଙ୍କ ଓ ଚିନିଶିଳ୍ପ ମଧରେ ତ୍ରିପାକ୍ଷୀକ ଚୁକ୍ତି ସମ୍ପାଦନ କରି ଯୋଗାଇ ଦେବା, ଆଖୁ ଚାଷ କରିବା ନିମନ୍ତେ ଆବଶ୍ୟକ ପରିମାଣର କୃଷି ଶ୍ରମିକଙ୍କ ଉକ୍ରଟ ଅଭାବ ଉପରେ ଆଲୋଚନା, ଚିନିଶିଳ୍ପ ତରଫରୁ ଟେଣ୍ଡର ଆହ୍ୱାନ କରାଯାଇ ଲାଇନ୍ସ ପ୍ରାପ୍ତ ଠିକାଦାରଙ୍କ ମାଧ୍ୟମରେ କୃଷି ଶ୍ରମିକ ନିଯୋଜନ କରି ଆଖୁ କାଟିବା, ସଫା କରିବା, ଗାଡିରେ ବୋଝାଇ କରିବା ନିମନ୍ତେ ନିଷ୍ପତ୍ତି,ବର୍ତମାନ ଆଖୁ ଚାଷ ଓ ଉତ୍ପାଦନ ଆଶାତୀତ ଭାବରେ କମି କମି ଯାଉଛି । ତେଣୁ ଆଖୁଚାଷ ବୃଦ୍ଧି ନିମନ୍ତେ ଆଖୁର ମୂଲ୍ୟ ବହୁ ପୂର୍ବରୁ ଘୋଷଣା କରିବା ନିମନ୍ତେ ଚିନିଶିଳ୍ପର ପରିଚାଳନା ପରିଷଦ ଗଞ୍ଜାମ ଜିଲ୍ଲା ଆଖୁ ଚାଷୀ ସଂଘର କର୍ମକର୍ତା ଏବଂ ଉପସ୍ଥିତ ଅଧିକାରୀ ମାନଙ୍କ ମଧରେ ବିସ୍ତୃତ ଆଲୋଚନା ହୋଇଥିଲା । ପରିଶେଷରେ ଆଖୁଚାଷୀ ସଂଘର ପ୍ରସ୍ତାବ କ୍ରମେ ୨୦୨୫ -୨୬ ଓ ୨୦୨୬-୨୭ ଋତୁରେ ଆଖୁର ମୂଲ୍ୟ ଯଥାକ୍ରମେ ଟନ ପିଛା ୪,୦୦୦ ଓ ୪,୫୦୦ ଟଙ୍କୟ ସ୍ଥିର କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଉକ୍ତ ପ୍ରସ୍ତାବକୁ ଅନୁମୋଦନ ନିମନ୍ତେ ଗଞ୍ଜାମ ଜିଲ୍ଲାପାଳଙ୍କ ଜରିଆରେ ଓଡିଶାର ସମବାୟ ସମିତି ନିବନ୍ଧକଙ୍କ ନିକଟକୁ ପ୍ରେରଣ କରିବା ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଉପର ଲିଖିତ ଆଖୁ ମୂଲ୍ୟ ପ୍ରଦାନ କଲେ ୨୦୨୬ - ୨୭ ଆଖୁପେଢା ଋତୁରେ ୬୦,୦୦୦ ମେଟ୍ରିକ ଟନରୁ ଅଧିକ ଆଖୁ ଯୋଗାଣ ନିମନ୍ତେ ଗଞ୍ଜାମ ଜିଲ୍ଲା ଆଖୁ ଚାଷୀ ସଂଘ ସମ୍ପୂର୍ଣ ଦାଇ୍ ନେବେ ବୋଲି ମତ୍ତ ପ୍ରକାଶ କରିଥିଲେ। ଏହି ମର୍ମରେ ୬୦୦୦୦ ମେଟ୍ରିକ ଟନ ରୁ ଅଧିକ ଆଖୁ ଯୋଗାଣ ନିମନ୍ତେ ଗଞ୍ଜାମ ଜିଲ୍ଲା ଆଖୁ ଚାଷୀ ସଂଘ ଓ ଚିନିଶିଳ୍ପ ମଧରେ ଚୁକ୍ତି ସମ୍ପାଦନ କରାଯିବ। ଚିନିଶିଳ୍ପର ପରିଚାଳନା ପରିଷଦ, ଅଧିକାରୀ ଓ ଆଖୁଚାଷୀ ସଂଘ ମିଳିତ ଭାବେ ପ୍ରୟାଶ କରି ଆସନ୍ତା ବର୍ଷ ମାନଙ୍କରେ ଆଖୁଚାଷୀ ଓ ଉତ୍ପାଦନ ବୃଦ୍ଧି ନିମନ୍ତେ ମିଳିତ ଭାବରେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି କରଯାଇଥିଲା । ଶେଷରେ ଆଖୁ ପରିଚାଳକ ପ୍ରଶାନ୍ତ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଳାତ୍କାର ପରେ ବାଳିକାକୁ କରିଥିଲେ ହତ୍ୟା, ଏବେ ଏନକାଉଣ୍ଟରରେ ଗଲା ଜୀବନ



ଫରୁଖାବାଦ : ଜଣେ ବାଳିକଙ୍କୁ ବଳାତ୍କାର ଏବଂ ହତ୍ୟା ମାମଲାରେ, ଅଭିଯୁକ୍ତଙ୍କ ପାଇଁ ୫୦,୦୦୦ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା । ଏବେ ଏହି ମଧ୍ୟବୟସ୍କ ବ୍ୟକ୍ତିଙ୍କୁ ପୋଲିସ ଏନକାଉଣ୍ଟରକରିଛି । ଫଳରେ ଅସମୟରେ ଯାଇଛି ଅଭିଯୁକ୍ତଙ୍କ ଜୀବନ । ପୋଲିସ ତାଙ୍କୁ ବହୁତ ଦିନ ଧରି ଖୋଜୁଥିଲା । କାଇମଗଞ୍ଜ ଥାନା ଅଞ୍ଚଳର ବାଳିକାଟି ସମ୍ପର୍କୀୟଙ୍କୁ ଭେଟିବା ପାଇଁ ମହମଦାବାଦ ଥାନା ଅଞ୍ଚଳକୁ ଯାଇଥିଲା । ସେଠାରୁ ୨୭ ଜୁନ ସକାଳେ ଝିଅଟିକୁ ଅପହରଣ କରାଯାଇଥିଲା । ତାଙ୍କୁ ବଳାତ୍କାର କରାଯାଇଥିଲା ଏବଂ ପରେ ହତ୍ୟା କରାଯାଇଥିଲା । ୨୮ ଜୁନ ସକାଳେ, ମୈନପୁରୀ ଜିଲାର ଭୋଗାଓଁ ଥାନା ଅଞ୍ଚଳର ଦେବୀପୁର ଗ୍ରାମ ନିକଟରେ ଝିଅଟିର ମୃତଦେହ ମିଳିଥିଲା । ଏହି ଘଟଣାରେ, ପାଖନା ଗ୍ରାମ ନିବାସୀ ୫୫ ବର୍ଷୀୟ ମଧ୍ୟବୟସ୍କ ମନୁଙ୍କୁ ଅଭିଯୁକ୍ତ ଭାବେ ଚିହ୍ନଟ କରାଯାଇଥିଲା । ପୋଲିସ ଅଧିକ୍ଷକ ଆରତୀ ସିଂହ ମନୁ ଉପରେ ୨୫,୦୦୦ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ । ଏହା ପରେ, ପୋଲିସ ଉପ-ମହାନିରିକ୍ଷକ ହରିଶ ଚନ୍ଦ୍ର ଅଭିଯୁକ୍ତଙ୍କ ଉପରେ ଘୋଷଣା କରିଥିବା ୨୫,୦୦୦ ଟଙ୍କାର ପୁରସ୍କାରକୁ ଦ୍ୱିଗୁଣିତ କରାଯାଇଥିବା କହିଥିଲେ । ବିଳମ୍ବିତ ରାତିରେ, ଯେତେବେଳେ ପୋଲିସ ଅଭିଯୁକ୍ତ ମଧ୍ୟବୟସ୍କ ବ୍ୟକ୍ତିଙ୍କୁ ଘେରି ଯାଇଥିଲା, ଅଭିଯୁକ୍ତ ପୋଲିସ ଉପରେ ଗୁଳି ଚଳାଇଥିଲେ । ପୋଲିସର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନରେ, ମଧ୍ୟବୟସ୍କ ବ୍ୟକ୍ତି ଗୁଳି ଚାଳନା କରିଥିଲେ ଏବଂ ସେ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଲୋହିଆ ହସ୍ପିଟାଲକୁ ଅଣାଯାଇଥିଲା । ଏଠାରେ ଅଭିଯୁକ୍ତଙ୍କୁ ମୃତ ଘୋଷଣା କରାଯାଇଥିଲା । ପୋଲିସ ଅଧିକ୍ଷକ ଆରତୀ ସିଂହ ଏବଂ ଅତିରିକ୍ତ ପୋଲିସ ଅଧିକ୍ଷକ ଡାକ୍ତର ସଞ୍ଜୟ କୁମାର ଘଟଣାସ୍ଥଳ ଯାଞ୍ଚ କରିଥିଲେ । ଏହା ପରେ ସେମାନେ ଲୋହିଆ ହସ୍ପିଟାଲରେ ପହଞ୍ଚିଥିଲେ । ଏସପି କହିଛନ୍ତି ଯେ ପୋଲିସ ଏନକାଉଣ୍ଟରରେ ୫୦ହଜାର ପୁରସ୍କାର ରାଶି ଘୋଷଣା କରାଯାଇଥିବା ଅଭିଯୁକ୍ତ ନିହତ ହୋଇଛନ୍ତି । ସେ ବଳାତ୍କାର ଏବଂ ହତ୍ୟା ମାମଲାରେ ୱାଣ୍ଟେଡ ଥିଲା । ତାଙ୍କ ଉପରେ ୫୦ ହଜାର ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ମଧ୍ୟବୟସ୍କ ବ୍ୟକ୍ତି ଜଣଙ୍କ ଯୁବତୀମାନଙ୍କୁ ସବୁବେଳେ ଟାର୍ଗେଟ କରୁଥିଲେ ।

## ତୌସୀଫ ବାଦଶାହ: ହସ୍ପିଟାଲ କିଲର୍ରର କାହାଣୀ ଓ ନିଆରା ଷ୍ଟାଇଲ

ଫିଲ୍ମ ଷ୍ଟାଇଲ୍‌ରେ ବିହାରର ପାଟନାରେ ଥିବା ପାରସ ହସ୍ପିଟାଲରେ ପ୍ରବେଶ କରି ଚିକିତ୍ସାଧୀନ ରୋଗୀ ଚନ୍ଦନ ମିଶ୍ରାଙ୍କୁ ଗୁଳି କରିବାର ସାଂଘାତିକ ସିସିଟିଭି ଦୃଶ୍ୟ ପୂରା ଦେଶରେ ହଇଚଇ ସୃଷ୍ଟି କରିଛି । ୫ ଜଣ ବ୍ୟକ୍ତି ହାତରେ ବନ୍ଧୁକ ଧରି ହସ୍ପିଟାଲରେ ପ୍ରବେଶ କରିବା ସହ ଆଇସିୟୁ ବେଡରେ ଥିବା ଚନ୍ଦନ ମିଶ୍ରାଙ୍କୁ ଗୁଳି କରି ଗୁରୁବାର ହତ୍ୟା କରିଥିଲେ । ହସ୍ପିଟାଲ କରିଡରରେ ଆକ୍ରମଣକାରୀମାନେ ଚାଲି ଚାଲି ଆସିବା ଓ ଗୁଳି ମାଡ଼ ପରେ ବେଧଡ଼କ ଅନ୍ଦାଜରେ ସେଠାରୁ ଚାଲିଯିବା ଦୃଶ୍ୟ ଏବେ ବେଶ ଭାଇରାଲ ହେବାରେ ଲାଗିଛି । ଏହି ୫ ଆକ୍ରମଣକାରୀଙ୍କ ମଧ୍ୟରେ ସବୁଠାରୁ ଆଗରେ ଥିବା ବ୍ୟକ୍ତି ବେଶ ଫିଲ୍ମ ଷ୍ଟାଇଲରେ ଶାର୍ଟର କଲାର ଟେକି ହାତରେ ବନ୍ଧୁକ ଧରି ପ୍ରଥମେ ଚନ୍ଦନ ମିଶ୍ରା ରହିଥିବା ୨୦୯ ନମ୍ବର ରୁମରେ ପ୍ରବେଶ କରିଥିଲେ । ସେ ହତ୍ୟା କରିବାକୁ ଆସିଥିଲେ ହେଁ ଭୟ ତାଙ୍କ ମୁହଁରେ ନଥିଲା । ସେ ଗୁଳି ମାଡ଼ ପରେ ଦୌଡ଼ି ନଥିଲେ କିମ୍ବା ନିଜ ମୁହଁକୁ ମଧ୍ୟ ଲୁଚାଇ ନଥିଲେ । ତାଙ୍କ ଗତି ବେଶ ଧିମା ଥିଲା । ତାଙ୍କ ମୁହଁ ଜଳଜଳ ହୋଇ ଦିଶୁ ଥିଲା । ଚନ୍ଦନ ମିଶ୍ରାଙ୍କୁ ହତ୍ୟାର ନେତୃତ୍ୱ ନେଇଥିବା ବ୍ୟକ୍ତି ଜଣଙ୍କ ହେଉଛନ୍ତି ତୌସୀଫ ବାଦଶାହ । ପ୍ରାଣ ହରାଇଥିବା ଚନ୍ଦନ ମିଶ୍ରା ନାଁରେ ୨୪ଟି ମାମଲା ରହିଥିଲା । ଏହା ମଧ୍ୟରେ ୧୨ରୁ ଅଧିକ ହତ୍ୟା ମାମଲା ବି ରହିଛି । ସେ ଜେଲରେ ଥିବା ବେଳେ ଅସୁସ୍ଥତା କାରଣରୁ ସେ ପ୍ୟାରୋଲରେ ବାହାରିଥିଲେ । କଡ଼ା ସୁରକ୍ଷା ବଳୟ ମଧ୍ୟରେ ତାଙ୍କୁ ପାରସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଗୁରୁବାର ସକାଳେ ୫ ଜଣ ବ୍ୟକ୍ତି ହସ୍ପିଟାଲରେ ପଶି ଆଇସିୟୁରେ ରହିଥିବା ଚନ୍ଦନ ମିଶ୍ରାଙ୍କୁ ଗୁଳି ମାଡ଼ କରିଥିଲେ । ଗୁଳିମାଡ଼ ଯୋଗୁ ତାଙ୍କର ମୃତ୍ୟୁ ହୋଇଛି । ସକାଳ ୭.୩୦ରେ ଗୁଳି ମାଡ଼ର ରିପୋର୍ଟ ମିଳିଥିଲା । ସକାଳ ୮ଟା ସୁଦ୍ଧା ବିଚଳିତ କରିବା ଭଳି ସିସିଟିଭି ଫୁଟେଜ ଭାଇରାଲ ହେବାରେ ଲାଗିଥିଲା । ଭିଡିଓ ଭାଇରାଲ ହେବାର କିଛି ଘଣ୍ଟା ମଧ୍ୟରେ ପୁଲିସ୍ ସମସ୍ତ ୫ ଆକ୍ରମଣକାରୀଙ୍କୁ ଚିହ୍ନଟ ବି କରିଥିଲା । ଫୁଟେଜରେ ଦେଖିବାକୁ ମିଳିଥିଲା ଯେ ତୌସୀଫ ବାଦଶାହ ୫ ଜଣିଆ ଗ୍ରୁପର ସବୁଠାରୁ ଆଗରେ ରହିଛନ୍ତି । ସେ ନିଜର ଡାହାଣ ହାତରେ ବନ୍ଧୁକ ଧରିଥିଲେ । ସେ ଆଇସିୟୁ ଭିତରେ ପଶି ବେଧଡ଼କ ଅନ୍ଦାଜରେ ଗୁଳି ଚଳାଇଥିଲେ । ଗୁଳି ମାଡ଼ ପରେ ଅନ୍ୟ ୪ ଜଣ ଆଇସିୟୁରୁ ବାହାରି ଦୌଡ଼ିଥିଲେ । ହେଲେ ତୌସୀଫ କିଛି ସେକେଣ୍ଡ ବିଳମ୍ବରେ




ଆଇସିୟୁରୁ ବାହାରିଥିଲେ ଓ ଧୀରେଧୀରେ ଚାଲିଚାଲି ବାହାରକୁ ଯାଇଥିଲେ । ତାଙ୍କ ଚାଲି ଓ ଅନ୍ଦାଜରୁ ଲାଗୁଥିଲା ଯେମିତି ସେ କିଛି ବି କରି ନାହାନ୍ତି । ହତ୍ୟାକାଣ୍ଡ ପରେ ଦୁଇଟି ଫଟୋ ସାମ୍ନାକୁ ଆସିଛି । ଗୋଟିଏରେ ତୌସୀଫ ବାଇକରେ ଆଉ ୨ ଜଣଙ୍କ ସହ ଯାଉଛନ୍ତି । ବନ୍ଧକୁ ଧରି ସେ ହାତ ଉପରକୁ ଉଠାଇଛନ୍ତି । ଆଉ ଜଣେ ଆକ୍ରମଣକାରୀ ହତ୍ୟାକାଣ୍ଡ ସଫଳ ହୋଇଥିବାରୁ ଦୁଇଟି ଯାକ ହାତ ଉପରକୁ ଉଠାଇ ଉତ୍ସବ ମନାଉଛନ୍ତି ।

**ତୌସୀଫ ବାଦଶାହ କିଏ ?:** ପୁଲିସର ସୂଚନା ଅନୁସାରେ, ତୌସୀଫ ବାଦଶାହଙ୍କ ଘର ପାଟନାର ଫୁଲୱାରି ଶରିଫରେ । ତାଙ୍କ ବାପାଙ୍କ ଗୋଟିଏ ହାର୍ଡୱେୟାର ବ୍ୟବସାୟ ରହିଛି । ତାଙ୍କ ମା' ଜଣେ ଶିକ୍ଷୟିତ୍ରୀ । ତୌସୀଫ ସନ୍ଥ କାରେନ ସ୍କୁଲରେ ପଢୁଥିଲେ । ପୂର୍ବରୁ ତୌସୀଫଙ୍କ ନାଁରେ ଏକାଧିକ ଅପରାଧିକ ମାମଲା ରହିଛି । ନିକଟରେ ସେ କଣ୍ଟ୍ରାକ୍ଟ କିଲିଂରେ ସାମିଲ ହୋଇଥିଲେ । ଟଙ୍କା ନେଇ ହତ୍ୟା କରିବା ଓ ଅପରେସନକୁ କାର୍ଯ୍ୟକାରୀ କରିବା କାମ ତୌସୀଫ କରୁଥିଲେ । ଗ୍ୟାଙ୍ଗଷ୍ଟର ଶେରୁ ଓ ଚନ୍ଦନ ମିଶ୍ରାଙ୍କ ମଧ୍ୟରେ ଦୀର୍ଘ ଦିନର ବିବାଦ ରହିଥିଲା । ଏଥିପାଇଁ ତୌସୀଫ ଜରିଆରେ ଶେରୁ ଗ୍ୟାଙ୍ଗ ଚନ୍ଦନ ମିଶ୍ରାଙ୍କୁ ହତ୍ୟା କରିଛି । ଚନ୍ଦନ ଓ ଶେରୁ ଏକଦା ଏକାଠି କାମ କରୁଥିଲେ । ହେଲେ ଭାଗଲପୁର ଜେଲରେ ଦୁହିଁଙ୍କ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଥିଲା । ଚନ୍ଦନ ଏକାକୀ କାମ ଆରମ୍ଭ କରିଥିଲେ ହେଁ ଶେରୁ ଗ୍ୟାଙ୍ଗର ଟ୍ୟାଗ ତାଙ୍କ ପଛରୁ ହଟି ନଥିଲା । ଚନ୍ଦନ ନିଜସ୍ୱ ଗ୍ୟାଙ୍ଗ ଗଢ଼ିବାରୁ ଏହାକୁ ଶେରୁ ସହ୍ୟ କରି ପାରି ନଥିଲେ । ଏଥିପାଇଁ ସେ ତୌସଫୀଙ୍କ ଜରିଆରେ ଚନ୍ଦନଙ୍କୁ ହତ୍ୟା କରିଥିବା କୁହାଯାଉଛି । ଚନ୍ଦନ ମିଶ୍ରା ହତ୍ୟା କାଣ୍ଡ ଘଟଣାରେ ବିହାର ପୁଲିସ୍ ପାଟନା ଓ ବକ୍ସରରେ ୬ ଜଣଙ୍କୁ ଅଟକ ରଖିଛି । ସେହିପରି ଏବେ ଶେରୁ ଗ୍ୟାଙ୍ଗ ପାଇଁ କାମ କରୁଥିବା ଲୋକଙ୍କୁ ଧରିବାକୁ ପୁଲିସ୍ ଉଦ୍ୟମ ଆରମ୍ଭ କରିଛି ।

# ଶହବାଜ-ମୁନିରଙ୍କ ଟେନସନ ବଢାଇଲା ଭାରତ !

ନୂଆଦିଲ୍ଲୀ : ଅପରେଶନ ସିନ୍ଦୂର ପରେ ଭାରତ ନିଜର ଶକ୍ତିକୁ ଆହୁରି ବୃଦ୍ଧି କରିବା ପାଇଁ କାମ ଆରମ୍ଭ କରିଛି । ସେନା କ୍ଷେପଣାସ୍ତ୍ର ପ୍ରଯୁକ୍ତିବିଦ୍ୟାରେ ବହୁତ ଦ୍ରୁତ ଗତିରେ ଆଗକୁ ବଢୁଛି । ୧୬ ଏବଂ ୧୭ ଜୁଲାଇରେ ପ୍ରତିରକ୍ଷା କ୍ଷେତ୍ରରେ ଦେଶ ତିନୋଟି ବଡ଼ ସଫଳତା ହାସଲ କରିଛି । ଭାରତ ଗୋଟିଏ ଦିନରେ ତିନୋଟି ଗୁରୁତ୍ୱପୂର୍ଣ୍ଣ କ୍ଷେପଣାସ୍ତ୍ରର ସଫଳତାର ସହିତ ପରୀକ୍ଷଣ କରିଛି । ଏହି ଖବର ପାକିସ୍ତାନର ଟେନସନକୁ ବୃଦ୍ଧି କରିପାରେ । ଏହି ତାଲିକାରେ ଆକାଶ ପ୍ରାଇମ, ଅଗ୍ନି-୧ ଏବଂ ପୃଥ୍ୱୀ-୨ ଅନ୍ତର୍ଭୁକ୍ତ ।





ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଭାରତ ପୃଥ୍ୱୀ-୨ ଏବଂ ଅଗ୍ନି-୨ କ୍ଷୁଦ୍ର ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି, ଉଭୟ କ୍ଷେପଣାସ୍ତ୍ରର ପରୀକ୍ଷଣ ସମ୍ପୂର୍ଣ୍ଣ ସଫଳ ହୋଇଛି । ଏହି ପରୀକ୍ଷଣ ଓଡ଼ିଶାର ଚାନ୍ଦିପୁରରେ ଅବସ୍ଥିତ ସମନ୍ୱିତ ପରୀକ୍ଷଣ ରେଞ୍ଜ (ଓଞ୍ଜଜ)ରୁ କରାଯାଇଥିଲା । ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡ (ଝରଉ) ର ତତ୍ତ୍ୱାବଧାନରେ ଉଭୟ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଇଥିଲା । ଏହା ୨୪ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ସଫଳ ପରୀକ୍ଷଣ । ପୂର୍ବରୁ ବୁଧବାର, ଭାରତ ତାର ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ଉନ୍ନତ କରିବା ମିଶନରେ ଏକ ବଡ଼ ସଫଳତା ହାସଲ କରିଥିଲା । ବୁଧବାର, ଭାରତୀୟ ସେନା ଲଦାଖ ସେକ୍ଟରରେ ପ୍ରାୟ ୧୫ ହଜାର ଫୁଟ ଉଚ୍ଚତାରେ 'ଆକାଶ ପ୍ରାଇମ' ବାୟୁ ପ୍ରତିରକ୍ଷା ପ୍ରଣାଳୀର ସଫଳତାର ସହିତ ପରୀକ୍ଷଣ କରିଥିଲା । ଏହି ବାୟୁ ପ୍ରତିରକ୍ଷା ପ୍ରଣାଳୀ ଭାରତ ଦ୍ୱାରା ସ୍ୱଦେଶୀ ଭାବରେ ବିକଶିତ ହୋଇଛି । ଏହିପରି ଭାବରେ, ଭାରତ ମୋଟ ତିନୋଟି ସଫଳ ପରୀକ୍ଷଣ କରିଛି । ଯଦି ଆମେ ଅଗ୍ନି-୧ର ଶକ୍ତି ବିଷୟରେ କଥା ହେବା, ତେବେ ଏହା ୧୨୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ । ଏହାର ଗତି ଘଣ୍ଟା ପ୍ରତି ପ୍ରାୟ ୯୦୦୦ କିଲୋମିଟର । ପୃଥ୍ୱୀ-୨ ବିଷୟରେ କହିବାକୁ ଗଲେ, ଏହା ୩୫୦ କିଲୋମିଟର ପର୍ଯ୍ୟନ୍ତ ସଠିକ ଭାବରେ ଲକ୍ଷ୍ୟଭେଦ କରିପାରିବ । ଏହା ତରଳ ଇନ୍ଧନରେ ଚାଲିଥାଏ । 'ଆକାଶ ପ୍ରାଇମ' ବାୟୁ ପ୍ରତିରକ୍ଷା ପ୍ରଣାଳୀର ସଫଳ ପରୀକ୍ଷଣ ସେନାର ବାୟୁ ପ୍ରତିରକ୍ଷା ୱିଙ୍ଗର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ହୋଇଥିଲା । ଡିଆରଡିଓ ଏହି ବାୟୁ ପ୍ରତିରକ୍ଷା ପ୍ରଣାଳୀ ବିକଶିତ କରିଛି । ଆକାଶ ପ୍ରାଇମ ପ୍ରଣାଳୀକୁ ଭାରତୀୟ ସେନାର ତୃତୀୟ ଏବଂ ଚତୁର୍ଥ 'ଆକାଶ ରେଜିମେଣ୍ଟ'ରେ ଅନ୍ତର୍ଭୁକ୍ତ କରାଯିବ । 'ଅପରେଶନ ସିନ୍ଦୂର' ସମୟରେ, ଭାରତର ବାୟୁ ପ୍ରତିରକ୍ଷା ପ୍ରଣାଳୀ ପାକିସ୍ତାନୀ ସେନାର ଚାଇନା ଯୁଦ୍ଧ ବିମାନ ଏବଂ ତୁର୍କୀ ଡ୍ରୋନ ଦ୍ୱାରା କରାଯାଇଥିବା ବାୟୁ ଆକ୍ରମଣକୁ ବିଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

## ଚିଲିରେ ଭୂକମ୍ପ

ନୂଆଦିଲ୍ଲୀ : କିଛି ସମୟ ଧରି ଭାରତ ସମେତ ବିଶ୍ୱର ବିଭିନ୍ନ ସ୍ଥାନରେ ନିରନ୍ତର ଭୂମିକମ୍ପ ଅନୁଭୂତ ହେଉଛି । ଅନେକ ସ୍ଥାନରେ ଭୂମିକମ୍ପ ଯୋଗୁଁ ବହୁ ସଂଖ୍ୟକ ଲୋକଙ୍କର ମୃତ୍ୟୁ ମଧ୍ୟ ହୋଇଛି । ଏହି ଭୂମିକମ୍ପ ଘଟଣା ସାଧାରଣ ଲୋକଙ୍କ ମନରେ ଭୟ ଭରି ଦେଇଛି । ଏବେ ଚିଲିରେ ତୀବ୍ର ଭୂମିକମ୍ପ ଝଟକାରେ ଥରି ଉଠିଛି । ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୭ ମାପ କରାଯାଇଥିଲା, ଯାହାକୁ ଏକ ତୀବ୍ର ଭୂମିକମ୍ପ ବୋଲି ବିବେଚନା କରାଯାଏ । ଏଥି ସହ ଜାଣିରଖନ୍ତୁ ଯେ ଏହି ଭୂମିକମ୍ପରେ କୌଣସି କ୍ଷୟକ୍ଷତି ହେବାର ସୂଚନା ନାହିଁ । ଭୂମିକମ୍ପର କାରଣ ହେଉଛି ପୃଥିବୀ ଭିତରେ ଥିବା ଟେକ୍ଟୋନିକ୍ ପ୍ଲେଟ୍ଗୁଡ଼ିକର ଧକ୍କା । ଆପଣଙ୍କୁ ଜଣାଇ ଦେଉଛୁ ଯେ ପୃଥିବୀ ଭିତରେ ମୋଟ ୭ଟି ଟେକ୍ଟୋନିକ୍ ପ୍ଲେଟ୍ ଅଛି । ସୂଚନା ଅନୁଯାୟୀ, ଏହି ସମସ୍ତ ୭ଟି ଟେକ୍ଟୋନିକ୍ ପ୍ଲେଟ୍ ନିଜ ନିଜ ସ୍ଥାନରେ ନିରନ୍ତର ଘୂରୁଛନ୍ତି । ହେଲେ, ଘୂର୍ଣ୍ଣନ ସମୟରେ ଅନେକ ଥର ଏହି ଟେକ୍ଟୋନିକ୍ ପ୍ଲେଟ୍ଗୁଡ଼ିକ ଫଲ୍ଟ ଲାଇନ୍ରେ ଧକ୍କା ହୁଅନ୍ତି । ସେମାନଙ୍କ ଧକ୍କା ଯୋଗୁଁ ହେଉଥିବା ଘର୍ଷଣ ଶକ୍ତି ଉତ୍ପାଦନ କରେ ଯାହା କାରଣରୁ ପୃଥିବୀରେ ଭୂମିକମ୍ପ କମ୍ପନ ଅନୁଭୂତ ହୁଏ ।

# ୪୦ ଘରୋଇ ସ୍କୁଲକୁ ଗୋଟିଏ ସମୟରେ ବୋମା ବିସ୍ଫୋରଣ ଧମକ

ବେଙ୍ଗାଲୁରୁ ସହରରେ ବୋମା ଆତଙ୍କ । ସହରର ପ୍ରାୟ ୪୦ଟି ଘରୋଇ ସ୍କୁଲକୁ ଏକଥରେ ଇ-ମେଲ ଯୋଗେ ମିଳିଛି ବୋମା ବିସ୍ଫୋରଣର ଧମକ । ଇ-ମେଲରେ ବୋମା ଧମକ ମିଳିବାରୁ ପୂରା ସହରରେ ଆତଙ୍କ ପ୍ରକାଶ ପାଇଛି । ରାଜେଶ୍ୱରୀ ନଗର ଓ କେଙ୍ଗେରି ସମେତ ବିଭିନ୍ନ ସ୍ଥାନରେ ଥିବା ଘରୋଇ ସ୍କୁଲକୁ ବୋମା ବିସ୍ଫୋରଣରେ ଉଡ଼ାଇ ଦେବାକୁ ଧମକ ମିଳିବା ପରେ ପୁଲିସ୍ ? ଆକ୍ସନ ମୋଡକୁ ଆସିଛି । ଧମକ ମିଳିଥିବା ସ୍କୁଲ ଗୁଡ଼ିକରେ ବେଙ୍ଗାଲୁରୁ ସିଟି ପୁଲିସ୍ ? ଏକାଧିକ ଟିମକୁ ମୁତୟନ କରି ସର୍ଚ୍ଚ ଅପରେସନ ଆରମ୍ଭ କରିଛି । ବୋମା ନିଷ୍କ୍ରିୟକାରୀ ଟିମ ମଧ୍ୟ ସର୍ଚ୍ଚ ଅପରେସନରେ ସାମିଲ ହୋଇଛନ୍ତି । ସ୍କୁଲ ପରିସର ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇଛି । ତେବେ



ଏଯାଏ କୌଣସି ସନ୍ଦିଗ୍ଧ ଜିନିଷ ମିଳିନାହିଁ । ତଥାପି ପୁଲିସ୍ ? ଓ ସୁରକ୍ଷା ଅଧିକାରୀମାନେ ଆଲର୍ଟରେ ରହିଛନ୍ତି । 'ସ୍କୁଲ ପରିସରରେ ବୋମା' ଶୀର୍ଷକ ଇ-ମେଲକୁ ବିଭିନ୍ନ ଅନୁଷ୍ଠାନ ଆଜି ସକାଳୁ ପାଇଥିଲେ । ମେଲରୁ ଏପରି ଧମକପୂର୍ଣ୍ଣ ମେସେଜ ଆସିଛି । ଏକାଧିକ ବିସ୍ଫୋରଣ ସାମଗ୍ରୀ ସ୍କୁଲ ଗୁଡ଼ିକର କ୍ଲାସରୁମରେ ଖଞ୍ଜା ଯାଇଥିବା ଇ-ମେଲ ପ୍ରେରଣ ଜଣକ ଦାବି କରିଛି । ଏଥିରେ ଆହୁରି କୁହାଯାଇଛି ଯେ "ବିସ୍ଫୋରକଗୁଡ଼ିକୁ ବେଶ ସତର୍କତାର ସହ ଗୁପ୍ତ ଭାବେ ଲୁଚା ଯାଇଛି । କଳା ରଙ୍ଗର ପ୍ଲାଷ୍ଟିକ ବ୍ୟାଗରେ ବିସ୍ଫୋରକ ରହିଛି । ମୁଁ ପ୍ରତିଟି ଲୋକଙ୍କୁ ଏହି ବିଶ୍ୱରୁ ମୂଳପୋଛ କରିବି । ଗୋଟିଏ ହେଲେ ଆତ୍ମା ଏଠାରେ ରହିବେ ନାହିଁ । ମୁଁ ଏହି ଖବର ଦେଖିବା ମାତ୍ରେ ବେଶ ଖୁସିରେ ହସିବି । ଅଭିଭାବକଙ୍କ ଭିଡ଼ ସ୍କୁଲରେ ମୁଁ ଦେଖି ବେଶ ଆନନ୍ଦ ପାଇବି । ସେମାନେ ନିଜ ପିଲାଙ୍କ ଛିନ୍ନଛତ୍ର ମୃତଦେହକୁ ଦେଖିବେ । ତୁମେ ସମସ୍ତେ ଏହା ଭୋଗିବାକୁ ଯୋଗ୍ୟ । ମୁଁ ମୋ ଜୀବନକୁ ଘୃଣା କରୁଛି । ବିସ୍ଫୋରଣ ଖବର ଆସିବା ପରେ ମୁଁ ଆତ୍ମହତ୍ୟା କରିବି । ମୁଁ ମୋ ଗଳା ଓ ରିଷ୍ଟ କାଟି ଦେବି । ମୋତେ କେହି ବି କେବେ ହେଲେ ସାହାଯ୍ୟ କରି ନାହାନ୍ତି । ମନସ୍ତତ୍ତ୍ୱବିତଙ୍କ ଠାରୁ ଆରମ୍ଭ କରି କୌଣସି ଡାକ୍ତର ମୋ ବିଷୟରେ ଚିନ୍ତା କରି ନାହାନ୍ତି । ଦୟା କରି ଏହି ମେସେଜର ଗୋଟିଏ କପି ପ୍ରେସ/ମିଡିଆକୁ ଦେବେ ।" ଏପରି ଧମକପୂର୍ଣ୍ଣ ଇ-ମେଲର ଉତ୍ସ ଜାଣିବା ପାଇଁ ଏବେ ପୁଲିସ୍ ? ଟିମ ଲାଗି ପଡ଼ିଛି ।

## ରିପୋର୍ଟିଂ ବେଳେ ବନ୍ୟା ପାଣିରେ ଭାସିଗଲେ ସାମ୍ବାଦିକ

ପାକିସ୍ତାନୀ : ବର୍ତ୍ତମାନ ପାକିସ୍ତାନରେ ତାଣ୍ଡବ ରଚୁଛି ବନ୍ୟା । ବନ୍ୟା ହେବା ଫଳରେ ପାକିସ୍ତାନର ଅନେକ ଅଞ୍ଚଳ ଧ୍ୱଂସବିଧ୍ୱଂସ ହୋଇଛି । ଏହି ବନ୍ୟା ପରିସ୍ଥିତି ଯୋଗୁଁ ୨୪ ଘଣ୍ଟାରେ ୧୧୬ ଜଣ ଲୋକଙ୍କ ମୃତ୍ୟୁ ଘଟିଛି । ଏହାରି ମଧ୍ୟରେ ଆଉ ଏକ ଖବର ସାମ୍ନାକୁ ଆସିଛି । ଜଣେ ପାକିସ୍ତାନର ସାମ୍ବାଦିକଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେଉଛି । ଯିଏକି ବନ୍ୟାର ରିପୋର୍ଟିଂ କରୁଥିବାବେଳେ ନିଜେ ସ୍ରୋତର ଶିକାର ହୋଇଛନ୍ତି । ସୂଚନାନୁଯାୟୀ, ସାମ୍ବାଦିକ ଜଣକ ରାୱଲପିଣ୍ଡିର ଚାହାନ ଡ୍ୟାମ ନିକଟରେ ବନ୍ୟାର ରିପୋର୍ଟିଂ କରୁଥିଲେ । ସେହି ସମୟରେ ସେ ପ୍ରବଳ ବନ୍ୟା ସ୍ରୋତରେ ଭାସିବାକୁ ଲାଗିଥିଲେ । ରିପୋର୍ଟର ଜଣକ ବନ୍ୟା ସ୍ରୋତରେ ତାଙ୍କ ବେକ ପର୍ଯ୍ୟନ୍ତ ପାଣିରେ ଠିଆ ହୋଇ ଲାଇଭ୍ କଭରେଜ୍ କରୁଥିଲେ । ହଠାତ୍ ପାଣିରେ ସ୍ରୋତରେ ବଢିବାରୁ ସେ ସେହି ବନ୍ୟାର ଶିକାର ହୋଇଗଲେ । ଯାହାର ଭିଡିଓ ଭାଇରଲ ହେବା ପରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । କିଛି ଲୋକ ତାଙ୍କ ଏଭଳି ସାହସିକତାକୁ ଦେଖି ପ୍ରଶଂସା କରିଥିବାବେଳେ ଆଉ କିଛି ଲୋକ ତାଙ୍କ ଜୀବନକୁ ବିପଦରେ ପକାଇବା ଉପରେ ପ୍ରଶ୍ନ ଉଠାଇଛନ୍ତି । ଅନ୍ୟପଟେ ଜୁନ୍ ୨୬ ତାରିଖରୁ ପାକିସ୍ତାନର ଲଗାତାର ମୌସୁମୀ ବର୍ଷା ରେକର୍ଡ ଅତିକ୍ରମ କରିଛି । ଅତି କମରେ ୧୧୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୫୦ ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ସ୍ପଷ୍ଟ କରାଯାଇଛି । ପାକିସ୍ତାନର ଏହି ଧ୍ୱଂସାତ୍ମକ ବିପର୍ଯ୍ୟୟରେ ସର୍ବାଧିକ କ୍ଷୟକ୍ଷତି ପଞ୍ଜାବରେ ଘଟିଛି । ଯେଉଁଠାରେ ୪୪ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଉତ୍ତର-ପଶ୍ଚିମ ଖାଇବର ପଖତୁନଖ୍ୱାରେ ୩୭ ଜଣଙ୍କର ମୃତ୍ୟୁ ଘଟିଛି । ସେହିପରି ଭାବେ ଦକ୍ଷିଣ ସିନ୍ଧରେ ୧୮ଜଣ, ଦକ୍ଷିଣ-ପଶ୍ଚିମ ବେଲୁଚିସ୍ତାନରେ ୧୬ ଜଣ ଏବଂ ପଓକେରେ ଜଣେ ମୃତ ଥିବା ବ୍ୟତୀତ ୫ଜଣ ଆହତ ହୋଇଥିବା ସୂଚନା ମିଳିଛି ।

## ଟିଆରଏଫକୁ ଆତଙ୍କବାଦୀ ସଂଗଠନ ଘୋଷଣା କଲା ଆମେରିକା

ନୂଆଦିଲ୍ଲୀ : ପାକିସ୍ତାନ ଭିତ୍ତିକ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତାଏବାର ଛାୟା ଗ୍ରୁପ ଦି ରେଜିଷ୍ଟାନ୍ସ ଫ୍ରଣ୍ଟକୁ ଆମେରିକା ପକ୍ଷରୁ ବିଧିବଦ୍ଧ ଭାବେ ଆତଙ୍କବାଦୀ ସଂଗଠନ ଘୋଷଣା କରାଯାଇଛି । ଟିଆରଏଫ ବା ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ଏପ୍ରିଲ ୨୨ ପହଲାଗାମ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା । ପହଲଗାମରେ ବନ୍ଧୁକଧାରୀ ଆତଙ୍କବାଦୀମାନେ ୨୬ ଜଣ ନିରୀହ ଲୋକଙ୍କୁ ହତ୍ୟା କରିଥିଲେ । ଏବେ ଟିଆରଏଫକୁ ଆମେରିକା ପକ୍ଷରୁ ଆତଙ୍କବାଦୀ ସଂଗଠନର ଟ୍ୟାଗ ମିଳିବାରୁ ଏହାକୁ ଭାରତ ପକ୍ଷରୁ ସ୍ୱାଗତ କରାଯାଇଛି । କେନ୍ଦ୍ର ସରକାର କହିଛନ୍ତି ଯେ ଏପରି ପଦକ୍ଷେପ ଭାରତ ଓ ଆମେରିକା ମଧ୍ୟରେ ମଜବୁତ ଆତଙ୍କବାଦ ନିରୋଧ ସହଭାଗିତାର ପରିଚୟ ଦେଇଛି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ "ଭାରତ ସବୁବେଳେ ଆତଙ୍କବାଦ ବିରୋଧୀ ଲଢ଼େଇ ଓ ଆତଙ୍କବାଦୀ ଭିତ୍ତିଭୂମିର ମୂଳପୋଛ ପାଇଁ ପୂରା ବିଶ୍ୱର ସହଭାଗିତାକୁ ଗୁରୁତ୍ୱ ଦେଇ ଆସିଛି । ଟିଆରଏଫକୁ ଆତଙ୍କବାଦୀ ଟ୍ୟାଗ ମିଳିବା ଗୋଟିଏ ସମୟ ଉପଯୋଗୀ ଓ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହା ଭାରତ ଓ ଆମେରିକା ମଧ୍ୟରେ ମଜବୁତ ଆତଙ୍କବାଦ ନିରୋଧ ସହଭାଗିତାର ପରିଚୟ ଦେଇଛି ।" ଆତଙ୍କବାଦ ବିରୋଧରେ ଭାରତ ତା'ର ଶୂନ ସହନଶୀଳତା ପ୍ରତି ପ୍ରତିଶ୍ରୁତିବଦ୍ଧ ରହିଛି ଓ ଆଗକୁ ମଧ୍ୟ ଅନ୍ତର୍ଜାତୀୟ ସହଯୋଗୀଙ୍କ ସହ ମିଶି ଏହା ବିରୋଧରେ କାର୍ଯ୍ୟ କରିବ । ଆତଙ୍କବାଦୀ ସଂଗଠନ ଓ ସେମାନଙ୍କ ଛାୟା ସଂଗଠନକୁ ଉତ୍ତରଦାୟୀ ରଖିବା ଦିଗରେ ଭାରତ କାମ କରିବ ବୋଲି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଗୁରୁବାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଟିଆରଏଫକୁ ଗୋଟିଏ ବିଦେଶୀ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଥିଲା । ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏ ସମ୍ପର୍କରେ ସୂଚନା ଦେଇଥିଲେ ।

## ଛତିଶଗଡର ପୂର୍ବତନ ସିଏମ ଭୁପେଶ ବାଗେଲଙ୍କ ପୁଅ ଚୈତନ୍ୟଙ୍କୁ ଗିରଫ କଲା ଇଡି

ରାୟପୁର : ଆଜି ସକାଳ ସମୟରେ ଛତିଶଗଡ଼ରେ ଇଡି ଟିମ୍ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ଭିଲାଇସ୍ଥିତ ବାସଭବନରେ ପହଞ୍ଚିଥିଲା । କିଛି ଘଣ୍ଟା ପଚରାଉଚରା ପରେ, ଇଡି ଟିମ୍ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ପୁଅ ଚୈତନ୍ୟ ବାଘେଲଙ୍କୁ ହେପାଜତକୁ ନେଇ ରାୟପୁର ଚାଲିଯାଇଛି । ଏହି ସମୟରେ ସମର୍ଥକ ଏବଂ ପୋଲିସ ମଧ୍ୟରେ ବହୁତ ଧସ୍ତାଧସ୍ତି ହୋଇଥିଲା । ଭୂପେଶ ବାଘେଲ ଢ ରେ ପୋଷ୍ଟ କରି ସୂଚନା ଦେଇଥିଲେ ଯେ ରଉ ଅଧିକାରୀମାନେ ସନ୍ଧ୍ୟା ୬ :୨୦ ରେ ତାଙ୍କ ଘରେ ପହଞ୍ଚିଥିଲେ । ଭୂପେଶ ବାଘେଲ କହିଥିଲେ ଯେ ଯେତେବେଳେ ବି ଆଦାନୀ ମାମଲା ଉଠାଯାଏ, ମୋଦି ଏବଂ ଶାହ ରଉ କାର୍ଯ୍ୟାନୁଷ୍ଠାନ ନିଅନ୍ତି । ଭୂପେଶ ବାଘେଲ ଭାଙ୍ଗିବେ ନାହିଁ କିମ୍ବା ମୁଣ୍ଡ ନୁଆଁଇବେ ନାହିଁ, ଆମେ ଲଢ଼ିବୁ । ପୂର୍ବତନ ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଛନ୍ତି ଯେ ସାରା ଦେଶରେ ବିରୋଧୀ ନେତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଆଜିର ଦିନ ଇଡି କଥିତ ମଦ ଦୁର୍ନୀତି ସହିତ ଜଡିତ ମନି ଲଣ୍ଡରିଂ ତଦନ୍ତର ଅଂଶ ସ୍ୱରୂପ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ପୁଅ ଚୈତନ୍ୟ ବାଘେଲଙ୍କ ବାସଭବନରେ ଚଢାଉ କରିଥିଲା । ମାମଲାରେ ନୂଆ ପ୍ରମାଣ ପାଇବା ପରେ ଇଡି ମନି ଲଣ୍ଡରିଂ ନିବାରଣ ଆଇନ ଅଧୀନରେ ଭିଲାଇରେ ଚୈତନ୍ୟ ବାଘେଲଙ୍କ ଘର ଖୋଜାଖୋଜି କରିଥିଲା,



ଯେଉଁଠାରେ ଚୈତନ୍ୟ ତାଙ୍କ ବାପାଙ୍କ ସହ ରୁହନ୍ତି । ସୂଚନା ଅନୁସାରେ ଆଜି ଚୈତନ୍ୟ ବାଘେଲଙ୍କ ଜନ୍ମଦିନ ଥିଲା । ଏହି ଦିନ ଇଡି ଚଢାଉ ଯୋଗୁଁ କଂଗ୍ରେସ କର୍ମୀମାନେ କ୍ରୋଧିତ ହୋଇଛନ୍ତି । କୁହାଯାଉଛି ଯେ କର୍ମୀମାନେ ଚୈତନ୍ୟଙ୍କ ଜନ୍ମଦିନ ପାଳନ କରିବାକୁ ପ୍ରସ୍ତୁତି କରୁଥିଲେ, କିନ୍ତୁ ଇଡି ପୂର୍ବରୁ କାର୍ଯ୍ୟାନୁଷ୍ଠାନ ନେଇଥିଲା । ବିଧାନସଭାକୁ ଯିବା ସମୟରେ ଭୂପେଶ ବାଘେଲ କହିଥିଲେ ଯେ ଗତଥର ମୋ ଜନ୍ମଦିନରେ ଇଡି ପଠାଯାଇଥିଲା । ଏଥର ମୋଦି ଏବଂ ଶାହ ମୋ ପୁଅର ଜନ୍ମଦିନରେ ଇଡି ପଠାଇଛନ୍ତି । ଭୂପେଶ ବାଘେଲ ମୁଣ୍ଡ ନୁଆଁଇବେ ନାହିଁ କିମ୍ବା ଭୟ କରିବେ ନାହିଁ ବୋଲି କହିଛନ୍ତି ।

# ଭୁଶୁଡ଼ିଲା ତିନି ମହଲା ଘର, ୧୦ ଜଣ ଫସିଥିବା ଆଶଙ୍କା

ମୁମ୍ବାଇ : ଶୁକ୍ରବାର ସକାଳେ ମହାରାଷ୍ଟ୍ରର ମୁମ୍ବାଇର ପଶ୍ଚିମ ଉପନଗର ବାନ୍ଦ୍ରାରେ ଭୁଶୁଡ଼ି ପଡ଼ିଥିବା ଏକ ତିନି ମହଲା ଘର ଭାଙ୍ଗିରୁଜି ଚୂରମାର୍ ହୋଇଯାଇଛି । ଏଥି ସହ ଭାଙ୍ଗିଥିବା ଏହି ଘରର ଭଗ୍ନାବଶେଷ ତଳେ ଅତି କମରେ ୧୦ ଜଣ ଫସି ରହିଥିବା ଆଶଙ୍କା କରାଯାଉଛି । ପୌର ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି । ଅଧିକାରୀମାନେ କହିଛନ୍ତି ଯେ ଏପର୍ଯ୍ୟନ୍ତ ସାତ ଜଣଙ୍କୁ ଭଗ୍ନାବଶେଷରୁ ଉଦ୍ଧାର କରାଯାଇ ଭାବା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପ୍ରାଥମିକ ସୂଚନା ଅନୁଯାୟୀ, ବାନ୍ଦ୍ରା ପୂର୍ବର ଭାରତ ନଗର ଅଞ୍ଚଳରେ ଅବସ୍ଥିତ ଚାଲ ନମ୍ବର ୩୭ ସକାଳ ପ୍ରାୟ ୫.୫୬ ସମୟରେ ଭୁଶୁଡ଼ି ପଡ଼ିଛି । ଅଗ୍ନିଶମ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ମୁମ୍ବାଇ ପୋଲିସ ଏବଂ ବୃହନ୍ମୁମ୍ବାଇ ନଗର ନିଗମ କର୍ମଚାରୀଙ୍କ ସହିତ ଆଠଟି ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି । ସେ କହିଛନ୍ତି, "ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଚାଲିଛି । ଅଧିକ ସୂଚନା



ଅପେକ୍ଷା କରାଯାଇଛି ।" ମୁମ୍ବାଇ ପୋଲିସ କହିଛି ଯେ ଏପର୍ଯ୍ୟନ୍ତ ୧୨ ଜଣଙ୍କୁ ଭଗ୍ନାବଶେଷ ମଧ୍ୟରୁ ଉଦ୍ଧାର କରାଯାଇଛି, ଯେଉଁମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ସେମାନଙ୍କର ଚିକିତ୍ସା ମଧ୍ୟ ଚାଲିଛି । ପ୍ରାରମ୍ଭିକ ତଦନ୍ତ ଅନୁଯାୟୀ, କୋଠାରେ ଏକ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା, ଯାହା ପରେ କୋଠାର କିଛି ଅଂଶ ହଠାତ୍ ଭୁଶୁଡ଼ି ପଡ଼ିଥିଲା । ଅଗ୍ନିଶମ ବିଭାଗ, ମୁମ୍ବାଇ ପୋଲିସ ଏବଂ ବିଏମସି ଦ୍ୱାରା ଘଟଣାସ୍ଥଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଆପଣଙ୍କୁ ଜଣାଇ ଦେଉଛୁ ଯେ ସମାନ ଅନ୍ୟ ଏକ ମାମଲାରେ, ଶନିବାର ଉତ୍ତର-ପୂର୍ବ ଦିଲ୍ଲୀର ୱେଲକମ୍ ଅଞ୍ଚଳରେ କୋଠା ଭୁଶୁଡ଼ିବା ଘଟଣାରେ ପୋଲିସ ଅବହେଳାର ମାମଲା ରୁଜୁ କରିଛି । ଜଣେ ପୋଲିସ ଅଧିକାରୀ ଏହି ସୂଚନା ଦେଇଛନ୍ତି । ଏହି ଘଟଣାରେ, ଗୋଟିଏ ପରିବାରର ୬ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ ଆଠ ଜଣ ଆହତ ମଧ୍ୟ ହୋଇଛନ୍ତି । ଅଧିକାରୀ କହିଛନ୍ତି ଯେ ଚାରି ମହଲା କୋଠାରେ ଉଦ୍ଧାର କାର୍ଯ୍ୟ ବର୍ତ୍ତମାନ ଶେଷ ହୋଇଛି । ପୋଲିସ କହିଛି ଯେ ମୃତକଙ୍କ ମଧ୍ୟରେ କୋଠା ମାଲିକ ଅବଦୁଲ ମତଲୁବ୍, ତାଙ୍କ ସ୍ତ୍ରୀ ରାବିଆ, ପୁଅ ଜାଭେଦ୍ ଏବଂ ଅବଦୁଲ୍ଲା, ଝିଅ ଜୁବିଆ ଏବଂ ଦୁଇ ବର୍ଷର ଝିଅ ଫୌଜିଆ ସାମିଲ୍ । ଏହି ଦୁର୍ଘଟଣାରେ ମତଲୁବଙ୍କ ପୁଅ ପରଭେଜ, ନାଭିଦ, ପରଭେଜଙ୍କ ସ୍ତ୍ରୀ ସିଜା ଏବଂ ସେମାନଙ୍କର ଏକ ବର୍ଷର ପୁଅ ଅହମ୍ମଦ ଏବଂ ଏକ ପଡ଼ୋଶୀ ପରିବାରର ଚାରି ଜଣ ସଦସ୍ୟଙ୍କ ସମେତ ଅନ୍ୟ ଆଠ ଜଣ ଆହତ ହୋଇଛନ୍ତି । "ଆମେ ଭାରତୀୟ ନ୍ୟାୟ ସଂହିତା (ଆଇପିସି)ର ବିଭିନ୍ନ ଧାରା ଅନୁଯାୟୀ ଏକ ଏଫଆଇଆର ରୁଜୁ କରି ତଦନ୍ତ ଆରମ୍ଭ କରିଛୁ । ମାମଲାର ତଦନ୍ତ ପାଇଁ ଅନେକ ଦଳ ଗଠନ କରାଯାଇଛି," ଜଣେ ପୋଲିସ ଅଧିକାରୀ କହିଛନ୍ତି । ପୋଲିସ କହିଛି ଯେ ପୀଡିତ ପରିବାର ଏକ ଡ୍ରାଏ-କ୍ଲିନିଂ ବ୍ୟବସାୟ କରୁଥିଲେ ଏବଂ ସମ୍ପ୍ରତି ୨୦ ବର୍ଷ ପୁରୁଣା କୋଠାକୁ ଚାଲି ଆସିଥିଲେ ।

# ଚତୁର୍ଥ ଟେଷ୍ଟ ପୂର୍ବରୁ ଦ୍ୱନ୍ଦ୍ୱରେ ଟିମ୍ ଇଣ୍ଡିଆ

ନୂଆଦିଲ୍ଲୀ,୧୮।୭: ଇଂଲଣ୍ଡ ଗସ୍ତରେ ୩ ନମ୍ବର ସ୍ଥାନ ଭାରତ ପାଇଁ ବଡ଼ ସଙ୍କଟ ଭାବେ ଉଭା ହୋଇଛି ପ୍ରଥମେ ସାଇ ସୁଦର୍ଶନ ଏବଂ ପରେ କରୁଣ ନାୟରଙ୍କ କ୍ରମାଗତ ବିଫଳତା ଦଳକୁ ଅଡୁଆରେ ପକାଉଛି। ଏପରିକି ଏହାକୁ ଲର୍ଡସ୍ ଟେଷ୍ଟକୁ ଭାରତ ଅଳ୍ପକେ ହାରିବାର ଅନ୍ୟତମ କାରଣ ଭାବେ ମଧ ବିବେଚନା କରାଯାଉଛି। ଚଳିତ ଜୁଲାଇ ୨୩ରୁ ମାଞ୍ଚେଷ୍ଟର୍‌ରେ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ପୂର୍ବରୁ ଏହି ୩ ନମ୍ବର ସ୍ଥାନ ପୁଣି ଥରେ ଚର୍ଚ୍ଚାର ପରିସରକୁ ଆସିଛି। ଏହି ମହତ୍ତ୍ୱପୂର୍ଣ୍ଣ ମୁକାବିଲାରେ କରୁଣଙ୍କୁ ବାଦ୍ ଦେଇ ସୁଦର୍ଶନଙ୍କୁ ପୁନର୍ବାର ସୁଯୋଗ ଦେବାର ଦାବି ଜୋର ଧରିଛି। ତେବେ ଏହା ସ୍ଥିର ନିଶ୍ଚିତ ଯେ ୮ବର୍ଷ ପରେ ଭାରତୀୟ ଟେଷ୍ଟ ଦଳକୁ ଫେରି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ନାୟରଙ୍କ ପାଇଁ ସମୟ ସରି ସରି ଆସୁଛି। ମାଞ୍ଚେଷ୍ଟର୍‌ରେ ସେ ଖେଳିବେ କି ନାହିଁ ଦଳ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହିଁ। ତେବେ ଯଦି ସେଠାରେ ତାଙ୍କୁ ଚୂଡ଼ାନ୍ତ ଭାରତୀୟ ଦଳରେ ସୁଯୋଗ ମିଳେ ଏବଂ ପୁଣି ଥରେ ସେ ନିରାଶ କରନ୍ତି, ତାହେଲେ ତାଙ୍କ କ୍ୟାରିୟର୍ ସେହିଠାରେ ହିଁ ଶେଷ ହୋଇଯିବାର ଯଥେଷ୍ଟ ଆଶଙ୍କା ରହିଛି ।

ଚେତେଶ୍ୱର ପୂଜାରା ଦଳରୁ ସ୍ଥାୟୀ ଭାବେ ବାଦ୍ ପଡ଼ିବା ପରେ ଭାରତୀୟ ବ୍ୟାଟିଂକ୍ରମର ୩ ନମ୍ବର ସ୍ଥାନକୁ ନେଇ ପରୀକ୍ଷାନିରୀକ୍ଷା ଜାରି ରହିଛି। ବିରାଟ କୋହଲିଙ୍କ ଅବସର ପରେ ସ୍ଥିତି ଆହୁରି ଗମ୍ଭୀର ହୋଇଛି। ୨୦୨୩ ମସିହା ପରଠାରୁ ଟିମ୍ ଇଣ୍ଡିଆ। ଖେଳିଥିବା ଅଧିକାଂଶ ମ୍ୟାଚ୍‌ରେ ଏହି ସ୍ଥାନେ ବ୍ୟାଟିଂ କରି ଆସୁଥିବା ଶୁବମନ୍ ଗିଲ୍ ଚତୁର୍ଥ ସ୍ଥାନକୁ ଖସିବା ପରେ ଦ୍ୱନ୍ଦ୍ୱ ଓ ସଂଶୟ ବଢ଼ିଛି। ଜୁଲାଇ ୨୦୨୩ରୁ ଜୁଲାଇ ୨୦୨୫ ମଧରେ ଭାରତ ୩ ନମ୍ବର ସ୍ଥାନରେ ଗିଲ, କୋହଲି, ଦେବଦତ୍ତ ପଡ଼ିକଲ, କେଏଲ୍ ରାହୁଲ, ସାଇ ସୁଦର୍ଶନ ଓ କରୁଣ ନାୟରଙ୍କୁ ୩ ନମ୍ବର ସ୍ଥାନରେ ଖେଳାଇ ସାରିଛି। ଏହି ସମୟ ମଧରେ ୩ ନମ୍ବର ସ୍ଥାନରୁ ଭାରତ ମାତ୍ର ତିନିଟି ଶତକ ପାଇଥିଲା ବେଳେ ତିନିଟି ଯାକ ଗିଲ୍ ହିଁ ହାସଲ କରିଛନ୍ତି। ଏସବୁ ଶତକ ସେ ଘରୋଇ ପରିବେଶରେ ହିଁ ଅର୍ଜନ କରିଛନ୍ତି। ୩ ନମ୍ବର ସ୍ଥାନରେ ଗିଲ୍ ମୋଟ୍ ଉପରେ ୩୦ ପାଳି ଖେଳି ୩୭.୭୪ ହାରରେ ୧୦୧୯ ରନ୍ କରିଛନ୍ତି। ଗିଲ୍‌ଙ୍କ ଅସୁସ୍ଥତା ପାଇଁ ଗତବର୍ଷ ନ୍ୟୁଜିଲାଣ୍ଡ ବିପକ୍ଷରେ ବେଙ୍ଗାଲୁରୁଠାରେ କୋହଲି ୩ ନମ୍ବର ସ୍ଥାନରେ ଖେଳି ଯଥାକ୍ରମେ ୦ ଓ ୭୦ ରନ୍ କରିଥିଲେ। ପୂଜାରାଙ୍କ ବିଦାୟ ପରେ ଗତ ଦୁଇବର୍ଷ ମଧରେ ଭାରତ ଖେଳିଥିବା ୨୨ ଟେଷ୍ଟରୁ ତିନି ନମ୍ବର ସ୍ଥାନରେ ବ୍ୟାଟିଂ କରିଥିବା ଖେଳାଳିମାନେ ମିଳିତ ଭାବେ ୩୨.୪୨ ହାରରେ ମାତ୍ର ୧୨୩୨ ରନ୍ କରିଛନ୍ତି ।





ମାଞ୍ଚେଷ୍ଟର୍ ଟେଷ୍ଟ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳର ଚିନ୍ତା ବଢ଼ିବଢ଼ି ଚାଲିଛି । ୱିକେଟ୍‌ରକ୍ଷକ ତଥା ଉପଅଧିନାୟକ ଋଷଭ ପନ୍ତଙ୍କ ଫିଟ୍‌ନେସ୍ ନେଇ ଆଶଙ୍କା ଲାଗି ରହିଥିବା ବେଳେ ଯୁବ ଦ୍ରୁତ ବୋଲର ଆକାଶ ଦୀପ ଆହତ ଥିବା ଜଣାପଡ଼ିଛି। ଗୁରୁବାର ଓଲ୍ଡଟ୍ରାଫୋର୍ଡରେ ଅଭ୍ୟାସ କରୁଥିଲା ବେଳେ ଏଥିଲାଗି ସେ ନିଜ ହାତରେ ମୋଟା ବ୍ୟାଣ୍ଡେଜ୍ ଗୁଡ଼େଇଥିବା ଦେଖିବାକୁ ମିଳିଥିଲା। ଶୃଙ୍ଖଳାରେ ଗୋଟିଏ ହେଲେ ବି ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନଥିବା ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂହ ଢେର୍ ସମୟ ଅଭ୍ୟାସ କରିଥିଲେଙ୍ ଆକାଶ ଦୀପ ବୋଲିଂ ପରିବର୍ତ୍ତେ ବ୍ୟାଟିଂ କରୁଥିବା ଦେଖିବାକୁ ମିଳିଥିଲା। ବାମହାତୀ ସ୍ପିନର କୁଲଦୀପ ଯାଦବଙ୍କୁ ନେଇ ଚର୍ଚ୍ଚା ଜୋର ଧରିଥିଲେ ମଧ ତାଙ୍କୁ ଅଭ୍ୟାସ କରୁଥିବାର ଦେଖିବାକୁ ମିଳି ନଥିଲା।

ଲର୍ଡସ ଟେଷ୍ଟ ଅବସରରେ ଭାରତୀୟ ୱିକେଟ୍‌ରକ୍ଷକ ଋଷଭ ପନ୍ତ ଆହତ ହୋଇଥିଲେ। ତାଙ୍କ ଅଙ୍ଗୁଳିରେ ଜୋରଦାର ଆଘାତ ଲାଗିଥିଲା। ଏହି କାରଣରୁ ତାଙ୍କ ବଦଳରେ ଧ୍ରୁବ ଜୁରେଲ ମ୍ୟାଚ୍‌ର ଇଂଲଣ୍ଡ ପାଳିର ଅଧିକାଂଶ ଓଭରରେ ୱିକେଟ୍ ରକ୍ଷଣ କରିଥିଲେ। ଭୀଷଣ ଯନ୍ତ୍ରଣା ଭିତରେ ପନ୍ତ କିନ୍ତୁ ବ୍ୟାଟିଂ କରି ପ୍ରଥମ ପାଳିରେ ୭୪ ଏବଂ ଦ୍ୱିତୀୟରେ ମାତ୍ର ୯ ରନ୍ କରିଥିଲେ। ଏଥିରୁ ଦ୍ରୁତ ଗତିରେ ଆରୋଗ୍ୟ ଲାଭ କରୁଥିଲେ ବି ମାଞ୍ଚେଷ୍ଟରର ଓଲ୍ଡଟ୍ରାଫୋର୍ଡଠାରେ ଆସନ୍ତା ୨୩ ତାରିଖରୁ ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ସେ ୱିକେଟ୍ ରକ୍ଷଣ କରି ନପାରନ୍ତି। ଏଭଳି ଆଶଙ୍କା ଜାହିର କରିଛନ୍ତି। ଭାରତୀୟ କ୍ରିକେଟ୍ ଦଳର କ୍ଷେତ୍ରରକ୍ଷଣ ପ୍ରଶିକ୍ଷକ ରିୟାନ ଟେନ୍ ଡସେଟ୍ ତେବେ ଚୂଡ଼ାନ୍ତ ନିଷ୍ପତ୍ତି ମ୍ୟାଚ୍‌ର ଠିକ୍ ପୂର୍ବରୁ ନିଆଯିବ ବୋଲି ସ୍ପଷ୍ଟ କରି ଦେଇଛନ୍ତି। ସେ ମ୍ୟାଚ୍ ପୂର୍ବରୁ ପନ୍ତ ବ୍ୟାଟିଂ କରିବେ ଯଦି କେଣସି ଅସୁବିଧା ନହୁଏ, ସେ ମାଞ୍ଚେଷ୍ଟର୍ ଟେଷ୍ଟ ଖେଳିବେ। ତେବେ ଏହି ମ୍ୟାଚ୍‌ରେ ପନ୍ତ ୱିକେଟ୍ ରକ୍ଷଣ କରିବାର ସମ୍ଭାବନା କମ୍ ବୋଲି କହିଛନ୍ତି ଡସେଟ୍।

## ଦୀପ୍ତିଙ୍କ ଲଢୁଆ ବ୍ୟାଟିଂରେ ଜିତିଲା ଭାରତ

ସାଉଥମ୍ପଟନ, ୧୮।୦୭: ଘରୋଇ ଇଂଲଣ୍ଡ ଓ ଭାରତ ମହିଳା ଦଳ ମଧରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଭାରତ ୪ ୱିକେଟ୍‌ରେ ରୋମାଞ୍ଚକର ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୬ୱିକେଟ୍ ହରାଇ ୨୫୮ ରନ ସଂଗ୍ରହ କରିଥିଲା ଜବାବରେ ଭାରତ ୪୮.୨ ଓଭରରେ ୬ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଇଂଲଣ୍ଡ ୨୦ ରନ୍‌ରେ ଉଭୟ ଓପନରଙ୍କୁ ହରାଇଥିଲା ଆମି ଜୋନ୍ସ(୧) ଓ ଥାମି ବ୍ୟମୋଣ୍ଟ(୫) ଙ୍କୁ କ୍ରାନ୍ତି ଗୌଡ଼ ଆଉଟ୍ କରିଥିଲେ। ମଧ ଭାଗରେ ଏମା ଲାମ୍ବ ୩୯, ନାତାଲି ସ୍କିଭର-ବ୍ରଣ୍ଟ ୪୧, ଶୋଫିଆ। ଡଙ୍କଲି ୮୩, ଆଲିସ ଡାଭିସନ- ରିଚର୍ଡ୍ସ ୫୩ ଓ ଶୋଫି ଏକ୍ଲେଷ୍ଟୋନ ଅପରାଜିତ ୨୩ ରନ କରିଥିଲେ । ଭାରତ ପକ୍ଷରୁ କ୍ରାନ୍ତି ଓ ସ୍ନେହ ରାଣା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।ଜବାବରେ ଭାରତର ଦୁଇ ଓପନର ସ୍ମୃତି ମନ୍ଧନା ଓ ପ୍ରତିକା ରାଲ୍ ୪୮ ରନ ସଂଗ୍ରହ କରିଥିଲେ । ମନ୍ଧନା ୨୮ ରନ କରି ପ୍ରଥମେ ଆଉଟ୍ ହେବା ପରେ ଇଂଲଣ୍ଡ ବୋଲର। ଶୃଙ୍ଖଳିତ ବୋଲିଂ କରି ଭାରତ ଉପରେ ଚାପ ପକାଇଥିଲେ। ଭାରତ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇଥିଲା। ପ୍ରତିକା ୩୬, ହର୍ଲିନ ଦେଓଲ ୨୭ ଓ ହର୍ମନପ୍ରୀତ କୌର ୧୭ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଜେମିମା ରୋଡ୍ରିଗ୍ସ ଓ ଦୀପ୍ତ ଶର୍ମା ଲଢୁଆ। ବ୍ୟାଟିଂ କରି ୯୦ ରନ୍‌ର ଭାଗିଦାରୀ ଗଠନ କରିବା ସହ ବିଜୟ ଆଶା ସଂଚାର କରିଥିଲେ। ଦଳୀୟ ସ୍କୋର ୨୧୪ ବେଳେ ରୋଡ୍ରିଗ୍ସ ୪୮ ରନ କରି ଆଉଟ୍ ହୋଇଥିଲେ । ପରେ ପରେ ରିଚା ଘୋଷ ୧୦ ରନ କରି ପାଭିଲିୟନ ଫେରିଥିଲେ। ଏହାପରେ ଅମନଜୋତ କୌରଙ୍କୁ ସାଥୀ କରି ଦୀପ୍ତି ୩୩ରନ୍‌ର ଭାଗିଦାରୀ ଗଢ଼ିବା ସହ ଦଳକୁ ବିଜୟୀ କରାଇଥିଲେ। ସେ ୩ଚୌକା ଓ ୧ଛକା ବଳରେ ୬୨ ରନ କରିଥିଲେ ଅମନଜୋତ ୩ଚୌକା ବଳରେ ୨୦ ରନ କରିଥିଲେ ।



## କୋହଲି-ରୋହିତଙ୍କ ବିଦାୟ ନେଇ ମୁହଁ ଖୋଲିଲା ବିସିସିଆଇ

ମୁମ୍ବାଇ,୧୮।୭(ଏଜେନ୍ସି): ଭାରତୀୟ କ୍ରିକେଟ୍‌ର ଦୁଇ ମହାରଥୀ ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ କ୍ରିକେଟ୍‌ରୁ ଅଚାନକ ସନ୍ନ୍ୟାସ ନେବା ଘଟଣାରେ ପ୍ରଥମ ଥର ମୁହଁ ଖୋଲିଛି ବିସିସିଆଇ।

ଏଥିନେଇ ସୃଷ୍ଟି ହୋଇଥିବା କଳ୍ପନାଜଳ୍ପନା, ଅଙ୍କକଷା ଓ ବିତର୍କ ଉପରେ ବିରାମ ଲଗାଇବାକୁ ଯାଇ ବୋର୍ଡର ବରିଷ୍ଠ ଉପସଭାପତି ରାଜୀବ ଶୁକ୍ଲା କହିଛନ୍ତି ଯେ ଅବସର ନିଷ୍ପତ୍ତି ସଂପୂର୍ଣ୍ଣ ଭାବେ ସେମାନଙ୍କର (କୋହଲି ଓ ରୋହିତଙ୍କର) ବ୍ୟକ୍ତିଗତ ନିଷ୍ପତ୍ତି ଥିଲା। ଆମେ ସେମାନଙ୍କୁ ଅବସର ନେବାକୁ କେବେବି କହି ନଥିଲୁ। କୋହଲି ଓ ରୋହିତଙ୍କୁ ଅବସର ନେବାକୁ ବିସିସିଆଇ ବାଧ କରିଥିବା ଖବରକୁ ଦୃଢ଼ ହସ୍ତରେ ଖଣ୍ଡନ କରିଛନ୍ତି। ସେ ସମସ୍ତ ନକାରାତ୍ମକ ଚର୍ଚ୍ଚାକୁ ଦୂର କରିବାକୁ ଯାଇ ସେ ଆହୁରି କହିଛନ୍ତି, ମୁଁ ଏଠାରେ ପ୍ରଥମ ଓ ଶେଷ ଥର ପାଇଁ ସ୍ପଷ୍ଟ କରିଦେବାକୁ ଚାହେ ଯେ ଆମେ ରୋହିତ ଓ କୋହଲିଙ୍କ ଅନୁପସ୍ଥିତିକୁ ଅନୁଭବ କରୁଛୁ। ହେଲେ ସେମାନଙ୍କ ନିଷ୍ପତ୍ତି ସେମାନେ ନିଜେ ନେଇଥିଲେ। ବିସିସିଆଇ ନୀତିଗତ ଭାବେ କେଣସି ଖେଳାଳିଙ୍କୁ କେବେ ଓ କେଉଁ ଫର୍ମାଟ୍‌ରୁ ଅବସର ନେବା କଥା କେବେ କହେ ନାହିଁ। ଏହି ନିଷ୍ପତ୍ତି ଖେଳାଳିମାନଙ୍କର ନିଜସ୍ୱ ହୋଇଥାଏ। ଉଭୟ ଜଣେ ଜଣେ ମହାନ ଖେଳାଳି। ଭଲ କଥା ହେଲା। ସେମାନେ ଦିନିକିଆ। କ୍ରିକେଟ୍‌ରେ ଦେଖିବାକୁ ମିଳିବେ। ଭାରତୀୟ ଟେଷ୍ଟ ଦଳ ଏବେ ପରିବର୍ତ୍ତନ ବେଳାରେ ରହିଛି। ଆଗାମୀ ସମୟରେ ଦଳ ନିଶ୍ଚିତ ଭାବେ ତାର ପ୍ରଦର୍ଶନରେ ଆହୁରି ଉନ୍ନତି ଆଣିବ।



## ଅର୍ଶଦଙ୍କୁ ଠକି ଦେଲା ପାକିସ୍ତାନ



ନୂଆଦିଲ୍ଲୀ,୧୮।୭: ପାରିସ୍ ଅଲିମ୍ପିକ୍ସରେ ଭାରତର ନୀରଜ ଚୋପ୍ରାଙ୍କୁ ହରାଇ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତିଥିବା ପାକିସ୍ତାନର ପ୍ରଥମ ଆଥଲେଟ୍ ଅର୍ଶାଦ ନଦୀମ ତାଙ୍କୁ ଦିଆଯାଇଥିବା ମିଛ ପୁରସ୍କାର ପ୍ରତିଶ୍ରୁତିକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି।

ଗତ ବର୍ଷ ପାରିସ୍‌ରେ ଅନୁଷ୍ଠିତ ଅଲିମ୍ପିକ୍ସରେ ଅର୍ଶାଦ ୯୨.୯୭ ମିଟର ଦୂରତା ସହ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ଜିତି ନୂଆ ଅଲିମ୍ପିକ୍ ରେକର୍ଡ ସ୍ଥାପନ କରିଥିଲେ, ଯାହା ୨୦୦୮ ବେଜିଂ ଅଲିମ୍ପିକ୍ସରେ ଡେନମାର୍କର ଆନ୍ଦ୍ରିଆସ ଥର୍କିଲ୍ଡସେନଙ୍କ ରେକର୍ଡକୁ ଭାଙ୍ଗିଥିଲା। ନୀରଜ ଚୋପ୍ରା ୮୯.୪୫ ମିଟର ଥ୍ରୋ ସହ ରୌପ୍ୟ ପଦକ ଜିତିଥିଲେ।ଜିଓ ଟିଭିକୁ ଦେଇଥିବା ଏକ ସାକ୍ଷାତକାରରେ ନଦୀମ କହିଛନ୍ତି, ମୋତେ ଘୋଷଣା କରାଯାଇଥିବା ସମସ୍ତ ପୁରସ୍କାର ମଧ୍ୟରୁ ଜମି ସମ୍ବନ୍ଧୀୟ ପ୍ରତିଶ୍ରୁତି ସବୁ ମିଛ ଥିଲା, ଯାହା ମୁଁ ଏପର୍ଯ୍ୟନ୍ତ ପାଇ ନାହିଁ। ତଥାପି, କିଛି ଘୋଷିତ ନଗଦ ପୁରସ୍କାର ମୋତେ ମିଳିଛି।ଅର୍ଶାଦ ବର୍ତ୍ତମାନ ଏକ ହାମଷ୍ଟ୍ରିଙ୍ଗ ଆଘାତରେ ପୀଡ଼ିତ ଥିବା ଜଣାପଡ଼ିଛି। ସୂତ୍ର ଅନୁଯାୟୀ, ସେ ଏହି ଆଘାତର ଚିକିତ୍ସା ପାଇଁ ଇଂଲଣ୍ଡ ଯାତ୍ରା କରୁଛନ୍ତି ଏବଂ ଅଗଷ୍ଟ ୧୬ରେ ପୋଲାଣ୍ଡର ସିଲେସିଆ ଡାଇମଣ୍ଡ ଲିଗ୍‌ରେ ନୀରଜ ଚୋପ୍ରାଙ୍କ ସହ ପୁଣି ଥରେ ମୁକାବିଲା ପାଇଁ ପ୍ରସ୍ତୁତି ନେଉଛନ୍ତି।

ଏହି ଆଘାତ ହେତୁ ସେ ସ୍ୱିଜରଲାଣ୍ଡରେ ଏକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରି ନଥିଲେ।ଗତ ବର୍ଷ ଅଗଷ୍ଟ ୮ରେ ପାରିସ୍‌ରେ ଅର୍ଶାଦ ଓ ନୀରଜଙ୍କ ମଧରେ ହୋଇଥିବା ଜାଭେଲିନ୍ ଥ୍ରୋ ପ୍ରତିଯୋଗିତା ଦର୍ଶକଙ୍କୁ ଆକର୍ଷିତ କରିଥିଲା ଏବେ ସିଲେସିଆ। ଡାଇମଣ୍ଡ ଲିଗ୍‌ରେ ବିଶ୍ୱ ଚାମ୍ପିଅନ ନୀରଜ ଓ ଅଲିମ୍ପିକ ସ୍ୱର୍ଣ୍ଣ ବିଜୟୀ ଅର୍ଶାଦଙ୍କ ମଧରେ ମୁକାବିଲା ପୁଣି ଥରେ ମୁଖ୍ୟ ଆକର୍ଷଣ ହେବ। ଚୋପ୍ରା ଏହି ବର୍ଷ ମେ ୧୬ରେ ଦୋହାରେ ୯୦ ମିଟର ଅତିକ୍ରମ କରିଥିବା ବେଳେ, ୨୮ ବର୍ଷୀୟ ନଦୀମ ୨୦୨୪ ଅଲିମ୍ପିକ୍ସ ପରେ କେବଳ ଗୋଟିଏ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସେ ଦକ୍ଷିଣ କୋରିଆର ଗୁମିଠାରେ ମେ ୩୧ରେ ଏସୀୟ ଚାମ୍ପିଅନସିପ୍‌ରେ ୮୬.୪୦ ମିଟର ଥ୍ରୋ ସହ ସ୍ୱର୍ଣ୍ଣ ଜିତିଥିଲେ। ନୀରଜ ଚୋପ୍ରା ପାରିସ୍ ଅଲିମ୍ପିକ୍ସ ପରେ ଚାରୋଟି ଡାଇମଣ୍ଡ ଲିଗ୍, ପୋଲାଣ୍ଡର ଚୋର୍ଜୋ ଓ ଚେକ ରିପବ୍ଲିକର ଓଷ୍ଟ୍ରାଭାରେ ଦୁଇଟି ଶୀର୍ଷ-ସ୍ତରୀୟ ପ୍ରତିଯୋଗିତା ଏବଂ ବେଙ୍ଗାଲୁରୁରେ ପ୍ରଥମ ଏନସି କ୍ଲାସିକ୍‌ରେ ଜିତିସାରିଛନ୍ତି।

## ସାଇକେଲ ରେସ୍ ବେଳେ ବଡ଼ ଅଘଟଣ

ଆଓଉ(ଫ୍ରାନ୍ସ),୧୮।୭(ଏଜେନ୍ସି): ୧୯ ବର୍ଷୀୟ ଇଟାଲିଆନ ସାଇକ୍ଲିଷ୍ଟ ସାମୁଏଲ ପ୍ରିଭିଟେରା ଟୁର ଅଫ୍ ଦି ଆଓଷ୍ଟେ ଭ୍ୟାଲି-ମଣ୍ଟ ବ୍ଲାଙ୍କ ବେଳେ ସାଇକେଲରୁ ଖସି ପ୍ରାଣ ହରାଇଛନ୍ତି। ଏ ନେଇ ଇଟାଲିଆନ ସାଇକ୍ଲିଂ ଫେଡେରେଶନ ପକ୍ଷରୁ ଗୁରୁବାର କୁହାଯାଇଛି।

ଅନୁଷ୍ଠିତ ରେସ୍‌ର ପ୍ରଥମ ପର୍ଯ୍ୟାୟ ବେଳେ ଉତ୍ତର-ପଶ୍ଚିମ ଇଟାଲୀରେ ଫ୍ରାନ୍ସ ଓ ସୁଇଜରଲାଣ୍ଡ ସୀମା ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ପ୍ରିଭିଟେରା ହାଗେନ୍ସ ବର୍ତ୍ତମାନ ଜାୟକୋ ଦଳ ଲାଗି ରାଇଡ୍ କରୁଥିଲେ ରେସ୍ ଆୟୋଜକଙ୍କ ପକ୍ଷରୁ କୁହାଯାଇଛି ଯେ, କେଉଁଭଳି ପରିସ୍ଥିତିରେ ଦୁର୍ଘଟଣା ଘଟିଲା, ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ପବ୍ଲିକ ସେଫ୍ଟି ଅଥରିଟି ଘଟଣାର ତଦନ୍ତ କରୁଛନ୍ତି। ତେବେ ଏକ ଇଟାଲିଆନ ରିପୋର୍ଟ ମୁତାବକ, ପ୍ରିଭିଟେରା ଫିନିଶ୍ ଲାଇନଠାରୁ ପାଖାପାଖି ୩୫ କିମି ଦୂରରେ ପାହାଡରୁ ଖସିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣା ବେଳେ ତାଙ୍କର ବେଗ ଘଣ୍ଟା ପ୍ରତି ୭୦ କିମି ଥିଲା। ଦୁର୍ଘଟଣା ବେଳେ ତାଙ୍କ ପାଖରେ ହେଲମେଟ ନ ଥିଲା ବୋଲି ଏଥିରେ ଦର୍ଶାଯାଇଛି। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା, ଯେଉଁଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁଃଖଦ ଘଟଣା ଯୋଗୁ ଆୟୋଜକଙ୍କ ପକ୍ଷରୁ ଟୁର ଅଫ୍ ଭ୍ୟାଲି ଡିଆଓଷ୍ଟାର ଦ୍ୱିତୀୟ ପର୍ଯ୍ୟାୟକୁ ବାତିଲ କରି ଦିଆଯାଇଥିଲା ଏବଂ ଶୁକ୍ରବାର ତୃତୀୟ ପର୍ଯ୍ୟାୟ ପ୍ରି ସେଣ୍ଟ ଡିଡିଅରରୁ କୋଲ ଡୁ ଗ୍ରାନ ସାନ ବର୍ନାଡୋ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ସଚିନ ଓ ଧୋନୀଙ୍କୁ କେତେ ପେନସନ୍ ମିଳୁଛି

ନୂଆଦିଲ୍ଲୀ,୧୮।୭: ଅବସରପ୍ରାପ୍ତ ଭାରତୀୟ ଖେଳାଳିମାନେ ପ୍ରତି ମାସରେ ବିସିସିଆଇରୁ ପେନସନ ପାଆନ୍ତି ବିସିସିଆଇ ପୂର୍ବତନ ଭାରତୀୟ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କୁ ପ୍ରତି ମାସରେ ୭୦,୦୦୦ ଟଙ୍କା ପେନସନ ଆକାରରେ ଦିଏ।

ସଚିନ ଏବଂ ଧୋନୀ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଛନ୍ତି। କିନ୍ତୁ ସେମାନେ ପ୍ରାୟତଃ ଖବରରେ ରହିଥାନ୍ତି ଉଭୟେ ସେମାନଙ୍କ କ୍ରିକେଟ କ୍ୟାରିୟରରୁ ପ୍ରସିଦ୍ଧି ସହିତ ପ୍ରଚୁର ଟଙ୍କା ରୋଜଗାର କରିଛନ୍ତି। ଧୋନୀ ହୁଅନ୍ତୁ କିମ୍ବା ସଚିନ, କ୍ରିକେଟ ବ୍ୟତୀତ, ସେମାନେ ଅନ୍ୟ ଉତ୍ସରୁ ମଧ ବହୁତ ଟଙ୍କା ରୋଜଗାର କରନ୍ତି। ଅବସର ପରେ, ସେମାନେ ବିସିସିଆଇରୁ ପେନସନ ଆକାରରେ ବିପୁଳ ପରିମାଣର ଟଙ୍କା ପାଆନ୍ତି। ସଚିନଙ୍କୁ ପେନସନ ଆକାରରେ ୭୦,୦୦୦ ଟଙ୍କା ମିଳିଥାଏ। ଧୋନୀ ଏବଂ ସଚିନଙ୍କ ପେନସନ ଟଙ୍କାରେ କୌଣସି ପାର୍ଥକ୍ୟ ନାହିଁ।ଉଭୟଙ୍କୁ ସମାନ ପେନସନ ମିଳେ ବିସିସିଆଇ ମଧ ପ୍ରତି ମାସରେ ଧୋନୀଙ୍କୁ ୭୦,୦୦୦ ଟଙ୍କା ଦିଏ।

ସଚିନ ୨୦୧୩ ମସିହାରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ସଚିନ ଭାରତ ପାଇଁ ୪୬୩ ଦିନିକିଆ, ୨୦୦ ଦିନିକିଆ। ଏବଂ ଗୋଟିଏ ଟି-୨୦ ମ୍ୟାଚ ଖେଳିଛନ୍ତି ।ସଚିନ ଏକଦିବସୀୟରେ ୧୮୪୨୬ ରନ, ଟେଷ୍ଟରେ ୧୫୯୨୧ ରନ ଏବଂ ଟି୨୦ରେ ୧୦ ରନ କରିଛନ୍ତି ସଚିନ ତିନୋଟି ଫର୍ମାଟରେ ମିଶି ୧୦୦ ଶତକ ହାସଲ କରିଛନ୍ତି। ଧୋନୀ ଭାରତ ପାଇଁ ୯୦ ଟେଷ୍ଟ, ୯୮ ଟି୨୦ ଏବଂ ୩୫୦ ଦିନିକିଆ ଖେଳିଛନ୍ତି । ଧୋନୀ ଏକଦିବସୀୟରେ ୧୦୭୭୩ ରନ, ଟେଷ୍ଟରେ ୪୮୭୬ ରନ ଏବଂ ଟି୨୦ରେ ୧୬୧୭ ରନ କରିଛନ୍ତି ।ଅଧିନାୟକ ଭାବରେ ଧୋନୀ ତିନୋଟି ପ୍ରମୁଖ ଆଇସିସି ଟ୍ରଫି ଜିତିଛନ୍ତି। ସେଥିମଧ୍ୟରୁ ଗୋଟିଏ ହେଉଛି ଟି୨୦ ବିଶ୍ୱକପ, ଏକଦିବସୀୟ ବିଶ୍ୱକପ ଏବଂ ଚାମ୍ପିଅନ୍ସ ଟ୍ରଫି।



## ବାହାହେବେ ୪୫ ବର୍ଷୀୟା ଭେନସ

ନ୍ୟୁୟର୍କ,୧୮।୭: ୪୫ ବର୍ଷ ବୟସରେ ହାତକୁ ଦି ହାତ ହେବାକୁ ଯାଉଛନ୍ତି। ଆମେରିକାର ଚର୍ଚ୍ଚିତ ଟେନିସ୍ ତାରକା ତଥା ୭ଟି ଗ୍ରାଣ୍ଡସ୍ଲାମ୍ ବିଜୟିନୀ ଭେନସ୍ ୱିଲିୟମ୍ସ ସାନ ଭଉଣୀ ସେରେନାଙ୍କ ସହ ମିଶି ମହିଳା ଯୁଗଳରେ ଏକଦା ଆଧିପତ୍ୟ ବିସ୍ତାର କରିଥିବା ଭେନସ୍ ଖୁବଶୀଘ୍ର ଅଭିନେତା ଓ ପ୍ରଯୋଜକ ଆଣ୍ଡ୍ରିଆ ପ୍ରୀତଙ୍କୁ ବିବାହ କରିବାକୁ ଯାଉଛନ୍ତି ବୋଲି ଆମେରିକୀୟ ଗଣମାଧମରେ ଚର୍ଚ୍ଚା ହେଉଛି। ତେବେ ଭେନସ୍ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ନିରବତା ଅବଲମ୍ବନ କରିବା ସହ ଏପର୍ଯ୍ୟନ୍ତ ମୁହଁ ଖୋଲି ନାହାନ୍ତି।ସୂଚନା ଅନୁସାରେ ଉଭୟ କିନ୍ତୁ ଆଗାମୀ ସେପ୍ଟେମ୍ବରରେ ବିବାହବନ୍ଧନରେ ଆବଦ୍ଧ ହେବେ। ଏହି ତାରକା ଯୋଡ଼ିଙ୍କ ପ୍ରେମ କାହାଣୀ ଗତବର୍ଷ ଗ୍ରୀଷ୍ମ ଋତୁରେ ଆରମ୍ଭ ହୋଇଥିଲା। ଉଭୟଙ୍କୁ ସେତେବେଳେ ଏକ ବିଳାସପୂର୍ଣ୍ଣ ପାଣି ଜାହାଜରେ ସମୟ କଟାଉଥିବା ଦେଖିବାକୁ ମିଳିଥିଲା। ଏହା ପରେ ଇଟାଲିର ରୋମ୍‌ଠାରେ ଅଭ୍ୟାସ କରୁଥିଲାବେଳେ ଭେନସ୍ ଏକ ଆକର୍ଷଣୀୟ ନିର୍ବନ୍ଧ ମୁଦି ପିନ୍ଧିଥିବା ଦେଖିବାକୁ ମିଳିଥିଲା।




## ଇର୍ଷାରେ ଜଳିଲେ ସାରା !

ନୂଆଦିଲ୍ଲୀ ୧୮।୦୭; ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟ୍ସମ୍ୟାନ୍ ଶୁଭମନ ଗିଲ୍ ଗତ କିଛି ସପ୍ତାହ ଧରି ଲଗାତାର ଚର୍ଚ୍ଚାରେ ଅଛନ୍ତି ଟେଷ୍ଟ ଦଳର ଅଧିନାୟକ ହେବା ପରେ, ସେ ଇଂଲଣ୍ଡରେ ଅଧିକ ରନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି କିନ୍ତୁ ଏହା ବ୍ୟତୀତ, ସେ ତାଙ୍କ ପର୍ସନାଲ ଲାଇଫକୁ ନେଇ ଲାଇମ୍ ଲାଇଟ୍‌କୁ ଆସିଛନ୍ତି । ଏହାର କାରଣ ସାରା ତେନ୍ଦୁଲକରଙ୍କ ସହ ତାଙ୍କ ସମ୍ପର୍କର ଗୁଜବ ସାରା ଏବଂ ଶୁଭମନ ଗିଲଙ୍କ ସମ୍ପର୍କକୁ ନେଇ ଗତ ୩-୪ ବର୍ଷ ଧରି ଆଲୋଚନା ଚାଲିଛି ନିକଟରେ, ଉଭୟଙ୍କୁ ସମାନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା, ଯେଉଁଠାରେ ଗିଲ୍ ଟିମ୍ ଇଣ୍ଡିଆ। ସହିତ ଥିଲେ ସେହି ସମୟରେ ସାରା ତାଙ୍କ ପିତାମାତାଙ୍କ ସହିତ ଥିଲେ। ଏହି କାର୍ଯ୍ୟକ୍ରମର ଏପରି ଏକ ଭିଡିଓ ସାମ୍ନାକୁ ଆସିଛି , ଯାହା ପ୍ରଶଂସକଙ୍କ ଦୃଷ୍ଟି ଆକର୍ଷଣ କରିଛି।

କିଛି ଦିନ ପୂର୍ବରୁ, ଶୁଭମନ ଗିଲ ସମଗ୍ର ଦଳ ସହିତ ପୂର୍ବତନ ଅଲରାଉଣ୍ଡର ଯୁବରାଜ ସିଂହଙ୍କ ଫାଉଣ୍ଡେସନ ''ର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଲଣ୍ଡନରେ ଅନୁଷ୍ଠିତ ହୋଇଥିଲା ଏବଂ ଟିମ୍ ଇଣ୍ଡିଅର ସହିତ ବିରାଟ କୋହଲି, ସଚିନ ତେନ୍ଦୁଲକର ଏବଂ ଅନେକ ପୂର୍ବତନ ଭାରତୀୟ ଏବଂ ଇଂରାଜୀ କ୍ରିକେଟର ମଧ ଏଥିରେ ଅଂଶଗ୍ରହଣ କରିଥିଲେ। ସାରା ମଧ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ, ଯେଉଁଠାରେ ତାଙ୍କ ବାପା ସଚିନଙ୍କ ବ୍ୟତୀତ ତାଙ୍କ ମାଆ। ଅଞ୍ଜଳି ମଧ ଉପସ୍ଥିତ ଥିଲେ।

ଏହି ଭିଡିଓରେ ଶୁଭମନ ଗିଲ ଜଣେ ଝିଅ ସହିତ କଥା ହେଉଥିଲେ। ହେଲେ ଝିଅଟି କିଏ ତାହା ସ୍ପଷ୍ଟ ହୋଇନାହିଁ କିଛି ସୋସିଆଲ ମିଡିଆ। ୟୁଜର୍ସ ଏହା ମଧ ଦାବି କରିଛନ୍ତି ଯେ ସେ ତାଙ୍କ ଗୁରୁ ଯୁବରାଜ ସିଂହଙ୍କ ପତ୍ନୀ ହେଜେଲ କିଚ୍‌ଙ୍କ ସହ କଥା ହେଉଥିଲେ। କିନ୍ତୁ ଏହା ଏକମାତ୍ର ଜିନିଷ ନୁହେଁ ଏହି ସମୟରେ, ତାଙ୍କ ବାପାଙ୍କ ପାଖରେ ବସିଥିବା ସାରା ତେନ୍ଦୁଲକର ପଛକୁ ବୁଲିପଡ଼ିଲେ ଏବଂ କିଛି ସେକେଣ୍ଡ ପାଇଁ ଗିଲଙ୍କୁ ଚାହିଁ ରହିଥିଲେ।



ଏବେ ତାଙ୍କ ନଜର ଗିଲ୍ ଉପରେ ଥିଲା ନା ଅନ୍ୟ କୌଣସି ସ୍ଥାନରେ ଥିଲା, କେବଳ ସାରା ଭଲ ଭାବରେ କହିପାରିବେ। ସୋସିଆଲ ମିଡିଆରେ ଏହି ଭିଡିଓ ଖୁବ୍ ଭାଇରାଲରେ ହୋଇଛି ପୂର୍ବରୁ ମଧ ଏହି ଇଭେଣ୍ଟରୁ ଏକ ଭିଡିଓ ଆସିଥିଲା, ଯେଉଁଥିରେ ରବିନ୍ଦ୍ର ଜାଡେଜା ଏବଂ କେଏଲ ରାହୁଲ ଗିଲଙ୍କୁ କୌଣସି କଥାରେ ଚିଡ଼ାଉଥିବାର ଦେଖାଯାଇଥିଲା। ବର୍ତ୍ତମାନ ଉଭୟଙ୍କ ପ୍ରଶଂସକମାନେ ପୁଣି ଥରେ ସେମାନଙ୍କ ସମ୍ପର୍କ ବିଷୟରେ ଆଲୋଚନା କରିବା ଆରମ୍ଭ କରିଛନ୍ତି।କେବଳ ସାରା ଏବଂ ଶୁଭମନ ଜାଣିପାରିବେ ଯେ ସତ କଣ, କାରଣ ଦୁହେଁ କେବେ ଖୋଲାଖୋଲି ଭାବରେ ଏହା ବିଷୟରେ କହି ନାହାଁନ୍ତି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ